(A) $30^0$ (B) $90^0$
(C) $120^0$ (D) $60^0$

21. 7, 12, 17, 22 ... A.P ରେ ରହିଲେ, (n – 1) ତମ ପଦ କେତେ ?
(A) $5n + 3$ (B) $5n - 2$
(C) $5n + 2$ (D) $5n - 3$

22. ଦୁଇଅଙ୍କ ବିଶିଷ୍ଟ ଯୁଗ୍ମ ଗଣନ ସଂଖ୍ୟାର ସମଷ୍ଟି କେତେ ?
(A) 9000 (B) 4851
(C) 2430 (D) 3550

23. ଯଦି $S_{20} = S_{40}$ ହୁଏ, ତେବେ $S_{60}$ ର ମାନ କେତେ ?
(A) 1 (B) 0
(C) –1 (D) 1800

24. 100 ଓ 400 ମଧ୍ୟରେ ଥିବା 5 ର ଗୁଣିତକ ସଂଖ୍ୟା କେତେ ?
(A) 40 (B) 60
(C) 49 (D) 59

25. 20 ଓ 80 ମଧ୍ୟରେ ଥିବା 10 ଟି ସମାନ୍ତର ମଧ୍ୟକର ଯୋଗଫଳ କେତେ ?
(A) 160 (B) 200
(C) 260 (D) 500

26. 15 ରୁ 85 ପର୍ଯ୍ୟନ୍ତ ସମସ୍ତ ଗଣନ ସଂଖ୍ୟାର ସମଷ୍ଟି କେତେ ?
(A) 7100 (B) 3550
(C) 7000 (D) 3500

27. $n + (n - 1) + (n - 2) + \ldots$ ରେ $s_n$ କେତେ ?
(A) $n(n - 1)$ (B) $n(n + 1)$
(C) $\frac{n(n+1)}{2}$ (D) $\frac{n(n-1)}{2}$

28. x ଓ 32 ର ସମାନ୍ତର ମଧ୍ୟକଟି –16 ହେଲେ x ର ମାନ କେତେ ?
(A) 32 (B) –32
(C) 64 (D) –64

29. $\sqrt{2}+1$, $\sqrt{2}+1$, $\sqrt{2}+1$, $\sqrt{2}+1$ ..... ଅନୁକ୍ରମର ସାଧାରଣ ଅନ୍ତର କେତେ ?
(A) 1 (B) –1
(C) $\sqrt{2}$ (D) 0

30. ଏକ A.P ର n ତମ ପଦ $t_n = -10 + 2n$ ହେଲେ, $t_{10}$ କେତେ ?
(A) 10 (B) –10
(C) 20 (D) –20

31. ଗୋଟିଏ ନିୟମକୁ ଭିତ୍ତି କରି ନିର୍ଦ୍ଦିଷ୍ଟ କ୍ରମରେ ଥିବା ସଂଖ୍ୟା ସମୂହକୁ କ'ଣ କୁହାଯାଏ ।
A. ପଦ B. ଅନୁକ୍ରମ
C. ପ୍ରଗତି D. ଅନ୍ତର

32. ନିର୍ଦ୍ଦିଷ୍ଟ ନିୟମକୁ ନେଇ କ୍ରମରେ ଥିବା ଅନୁକ୍ରମକୁ କ'ଣ କୁହାଯାଏ ।
A. ପଦ B. ଅନୁକ୍ରମ
C. ପ୍ରଗତି D. ଅନ୍ତର

Eduodia App

33. A.P. ରେ ଥିବା ପ୍ରଥମ ପଦ a ଓ ସାଧାରଣ ଅନ୍ତର d ନେଲେ n ତମ ପଦଟି କେତେ ?

A. a + d B. a + nd
C. a + (n + 1)d D. a + (n –1)d

34. ଯଦି ଏକ ସମାନ୍ତର ପ୍ରଗତିର ପ୍ରଥମ ପଦ a ଏବଂ ସାଧାରଣ ଅନ୍ତର d = 0 ହୁଏ ତେବେ ପ୍ରଗତିଟିର $S_n$ କେତେ ହେବ ?

A. n B. na
C. $a^2$ D. $n^2$

35. –5, –1, 3, 7 ...... ଅନୁକ୍ରମରେ $t_7$ କେତେ ?

A. 18 B. 21
C. 19 D. 17

36. 5, x, 13, ....... ଏକ A.P. ହେଲେ, x = କେତେ ?

A. 4 B. 9
C. 8 D. 17

37. 1.01, 1.51, 2.01, 2.51, ....., A.P. ରେ $t_8$ = କେତେ ?

A. 4.51 B. 4.01
C. 5.01 D. 4.59

38. ଯଦି $t_n = 2n+5$ ହୁଏ, ତେବେ $t_5$ = କେତେ ?

A. 12 B. 27
C. 14 D. 15

39. ଯଦି $t_n = 3n+2$, $S_{61}$ କେତେ ?

A. 5975 B. 5795
C. 5597 D. 5579

40. ଯଦି $S_n = n(n+1)$ ହୁଏ, ତେବେ d = କେତେ ?

A. 3 B. 2
C. 4 D. 5

41. ଏକ A.P. ରେ ଯଦି d = –4, n = 7, $t_n = 4$, ତେବେ a = କେତେ ?

A. 6 B. 7
C. 20 D. 28

42. ଗୋଟିଏ AP ର ଦ୍ୱିତୀୟ ପଦ 13 ଓ ପଞ୍ଚମ ପଦ 25 ହେଲେ ସପ୍ତମ ପଦ କେତେ ?

A. 30 B. 33
C. 37 D. 38

43. 6 ଓ 12 ମଧ୍ୟରେ ଥିବା ସମାନ୍ତର ମଧ୍ୟକଟି କେତେ ?

A. 18 B. 6
C. 12 D. 9

44. ଗୋଟିଏ AP ର ସପ୍ତମ ଓ ତେରତମ ପଦ 34 ଓ 64 ହୁଏ ତେବେ ଏହାର 18 ତମ ପଦଟି କେତେ ?

A. 87 B. 88
C. 89 D. 90

45. ଯଦି ଗୋଟିଏ A.P. ର ତୃତୀୟ ପଦର ତିନିଗୁଣ, ପଞ୍ଚମ ପଦର ପାଞ୍ଚଗୁଣ ସହ ସମାନ ହୁଏ, ତେବେ ଅଷ୍ଟମ ପଦଟି କେତେ ?

A. 0 B. 1
C. 2 D. 3

46. ଯଦି ପ୍ରଥମ nଟି ଯୁଗ୍ମ ଗଣନ ସଂଖ୍ୟାର ଯୋଗଫଳ, ପ୍ରଥମ nଟି ଅଯୁଗ୍ମ ଗଣନ ସଂଖ୍ୟାର ଯୋଗଫଳର kଗୁଣ ହୁଏ, ତେବେ k = କେତେ ?

A. $\frac{1}{n}$ B. $\frac{n-1}{n}$

C. $\frac{n+1}{2n}$ D. $\frac{n+1}{n}$

Eduodia App

47. ସମାନ୍ତର ଅନୁକ୍ରମ 3, 7, 11, 15, ..... ର କେତୋଟି ପଦର ଯୋଗଫଳ 406 ହେବ ।

A. 5 B. 10
C. 12 D. 14

48. $\sqrt{2}+\sqrt{8}+\sqrt{18}+\sqrt{32}\ldots\ldots$ ଅନୁକ୍ରମଟିର $S_n$ = କେତେ ?

A. 1 B. $\frac{n(n+1)}{\sqrt{2}}$

C. $\frac{n(n+1)}{2}$ D. 2n(n+1)

49. ଯଦି ଗୋଟିଏ AP ର $S_p = q$ ଓ $S_q = p$ ତେବେ $S_{p+q}$ କେତେ ?

A. p – q B. –(p + q)
C. p + q D. 0

50. ପ୍ରଥମ n ଟି ଗଣନ ସଂଖ୍ୟାର ସମଷ୍ଟି କେତେ ?

A. $\frac{n(n-1)}{2}$ B. $\frac{n(n+1)}{2}$

C. $\frac{n(n+1)(2n+1)}{6}$ D. $\left[\frac{n(n+1)}{2}\right]^2$

51. ଗୋଟିଏ ସମାନ୍ତର ପ୍ରଗତିର $t_n = 3+4n$ ହେଲେ ଏହାର ସାଧାରଣ ଅନ୍ତରଟି କେତେ ?

A. 7 B. 3

C. 4 D. 1

52. ଯଦି p, q, r, s AP ରେ ରହନ୍ତି ତେବେ $p-q=$ କେତେ ?

A. $s-p$ B. $s-q$

C. $r-s$ D. $r-q$

53. A.P ରେ ଥିବା ତିନୋଟି ପଦର ଯୋଗଫଳ 9 ଓ ଗୁଣଫଳ 24 ହେଲେ, ସଂଖ୍ୟାତ୍ରୟ କ'ଣ ହେବ ?

A. 2, 3, 4 B. 3, 4, 5

C. 1, 4, 5 D. 2, 3, 5

54. 5, 2, –1, –4, –7, ..... ସମାନ୍ତର ପ୍ରଗତିର $t_n =$ କେତେ ?

A. $2n+5$ B. $2n-5$

C. $8-3n$ D. $3n-8$

55. ସମାନ୍ତର ପ୍ରଗତି –5, –10, –15, ...., –1000 ଟିର ଶେଷରୁ 10 ତମ ପଦଟି କେତେ ?

A. –955 B. –945

C. –950 D. –965

56. ଗୋଟିଏ AP ର $t_n = 3n+4$ ହେଲେ ଏହାର ପ୍ରଥମରୁ 12 ଟି ପଦର ଯୋଗଫଳ କେତେ ?

A. 262 B. 272

C. 282 D. 292

57. ଦୁଇ ଅଙ୍କ ବିଶିଷ୍ଟ ସମସ୍ତ ଅଯୁଗ୍ମ ସଂଖ୍ୟାର ସମଷ୍ଟି କେତେ ?

A. 2575 B. 2475

C. 2524 D. 2425

58. ପ୍ରଥମ n ଟି ଅଯୁଗ୍ମ ଗଣନ ସଂଖ୍ୟାର ସମଷ୍ଟି କେତେ ?

A. $2n^2$ B. $2n+1$

C. $2n-1$ D. $n^2$

59. ଯଦି ଗୋଟିଏ AP ର $t_{p+q} = m$ ଏବଂ $t_{p-q} = n$ ହୁଏ, ତେବେ $t_p =$ କେତେ ?

A. mn B. $\sqrt{mn}$

C. $\frac{1}{2}(m-n)$ D. $\frac{1}{2}(m+n)$

60. ଯଦି a, b, c AP ରେ ଥାନ୍ତି ତେବେ $\frac{a-b}{b-c} =$ କେତେ ?

A. 1 B. $\frac{b}{a}$

C. $\frac{a}{c}$ D. $\frac{c}{a}$

61. ଯଦି a, b, c, d, e AP ରେ ଥାନ୍ତି, ତେବେ $a-4b+6c-4d+e$ ର ମୂଲ୍ୟ କେତେ ?

A. 0 B. 1

C. –1 D. 2

62. a, a+d, a+2d, ..... ଅନୁକ୍ରମଟିର n ତମ ପଦଟି କେତେ ?

A. $a+nd$ B. $a-(n-1)d$

C. $a+(n-1)d$ D. $n+nd$

63. ଗୋଟିଏ ସମାନ୍ତର ଅନୁକ୍ରମ 4, 9, 14, ....., 254ର ଶେଷଆଡୁ 10 ତମ ପଦଟି କେତେ ?

A. 209 B. 205

C. 214 D. 213

64. ଯଦି 2x, x + 10, 3x + 2 A.P. ରେ ଥା'ନ୍ତି ତେବେ x ର ମୂଲ୍ୟ କେତେ ?

A. 0 B. 2

C. 4 D. 6

65. 2 ଓ 100 ମଧ୍ୟରେ ଥିବା ସମସ୍ତ ଅଯୁଗ୍ମ ସଂଖ୍ୟା ମାନଙ୍କର ସମଷ୍ଟିକୁ 3 ଦ୍ୱାରା ଭାଗ କଲେ ଭାଗଫଳ କେତେ ?

A. 388 B. 833

C. 338 D. 383

66. ଯଦି ଗୋଟିଏ AP ର p ତମ ପଦ $\frac{3p-1}{6}$ ତେବେ $S_n =$ କେତେ ?

A. $\frac{n}{12}(3n+1)$ B. $\frac{n}{12}(3n-1)$

Eduodia App

C. $\frac{n}{6}(3n+1)$ D. $\frac{n}{6}(3n-1)$

67. 250 ଓ 1000 ମଧ୍ୟରେ ଥିବା 3 ଦ୍ୱାରା ବିଭାଜ୍ୟ ଗଣନ ସଂଖ୍ୟା ମାନଙ୍କର ସମଷ୍ଟି କେତେ ?

A. 157365 B. 153657

C. 156375 D. 155637

## ସମାନ୍ତର ପ୍ରଗତି ଉତ୍ତର ଫର୍ଦ୍ଦ (ANSWER SHEET)

| | | | | | | | | | | | |
|---|---|---|---|---|---|---|---|---|---|---|---|
| 1. A | 2. B | 3. C | 4. B | 5. C | 6. C | 7. C | 8. C | 9. C | 10. A | 11. A | 12. C |
| 13. B | 14. D | 15. D | 16. B | 17. C | 18. A | 19. D | 20. B | 21. D | 22. C | 23. B | 24. D |
| 25. D | 26. B | 27. C | 28. D | 29. D | 30 A | 31. B | 32. C | 33. D | 34. B | 35. C | 36. B |
| 37. A | 38. D | 39. B | 40. B | 41. D | 42. B | 43. D | 44. C | 45. A | 46. D | 47. D | 48. B |
| 49. B | 50. B | 51. C | 52. C | 53. A | 54. C | 55. A | 56. C | 57. B | 58. D | 59. D | 60. A |
| 61. A | 62. C | 63. A | 64. D | 65. B | 66. A | 67. C | | | | | |

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (5 ନମ୍ବର ସମ୍ବଳିତ)

1.(a) 100 ରୁ କ୍ଷୁଦ୍ରତର ଏବଂ 5 ଦ୍ୱାରା ବିଭାଜ୍ୟ ସମସ୍ତ ଧନାତ୍ମକ ପୂର୍ଣ୍ଣ ସଂଖ୍ୟାମାନଙ୍କର ଯୋଗଫଳ ଓଲଟାଇ ମିଶାଇବା ପଦ୍ଧତିରେ ନିର୍ଣ୍ଣୟ କର ।

ଉତ୍ତର : 100 ରୁ କ୍ଷୁଦ୍ରତର 5 ଦ୍ୱାରା ବିଭାଜ୍ୟ ସମସ୍ତ ଧନାତ୍ମକ ପୂର୍ଣ୍ଣସଂଖ୍ୟାମାନଙ୍କର ଯୋଗଫଳ = 5 + 10 + 15 + ... + 95

ଏଠାରେ $a = 5, d = 5, t_n = 95$

ଆମେ ଜାଣୁ $t_n = a + (n-1)d$

ପ୍ରଶ୍ନାନୁଯାୟୀ, $t_n = a + (n-1) = 95$

$\Rightarrow 5 + (n-1) \times 5 = 95$

$\Rightarrow 5 + 5n - 5 = 95$

$\Rightarrow 5n = 95$

$\Rightarrow n = 19$

19 ଟି ପଦର ଯୋଗଫଳ ଓଲଟାଇ ମିଶାଇବା ପଦ୍ଧତିରେ,

$s_{19} = 5 + + 10 + 15 + .... + 95$

$s_{19} = 95 + 90 + 85 + .... + 5$

$2s_{19} = 100 + 100 + 100 + ..... + 100$

$\Rightarrow 2s_{19} = 100 \times 19$

$$\Rightarrow s_{19} = \frac{100x19}{2} = 50 \times 19 = 950$$

$\therefore s_{19} = 950$ (ଉତ୍ତର)

1.(b) ଯେଉଁ ଅନୁକ୍ରମର $t_n = 2n - 4$, ସେହି ଅନୁକ୍ରମର $s_{20}$ ନିର୍ଣ୍ଣୟ କର ।

ଉତ୍ତର: $t_n = 2n - 4$ (ଦତ୍ତ)

$t_1 = 2 \times 1 - 4 = -2$

$t_2 = 2 \times 2 - 4 = 0$

$t_3 = 2 \times 3 - 4 = 2$

ଏଠାରେ $t_2 - t_1 = t_3 - t_2$

$\therefore$ ଅନୁକ୍ରମଟି A.P ରେ ଅଛି ।

ଏଠାରେ $a = -2, d = 2$

ଆମେ ଜାଣୁ, $s_n = \frac{n}{2}\{2a + (n-1)d\}$

$\therefore s_{20} = \frac{20}{2}\{2 \times (-2) + (20-1) \times 2\}$

$= 10(-4 + 19 \times 2)$

$= 10 \times 34 = 340$

$\therefore s_{20} = 340$ (ଉତ୍ତର)

2.(a) ଏକ ସମାନ୍ତର ପ୍ରଗତିରେ $t_{15} = 30, t_{20} = 50$ ହେଲେ, $s_{17}$ ନିର୍ଣ୍ଣୟ କର ।

ଉତ୍ତର : ମନେକର A.P ର ପ୍ରଥମ ପଦ a ଓ ସାଧାରଣ ଅନ୍ତର d

ପ୍ରଶ୍ନାନୁଯାୟୀ, $t_{15} = a + (15-1)d = 30$

$\Rightarrow a + 14d = 30$ ......... (1)

ପୁନଶ୍ଚ $t_{20} = a + (20-1)d = 50$

$\Rightarrow a + 19d = 50$ ......... (2)

ସମୀକରଣ (2) ରୁ ସମୀକରଣ (1) ବିୟୋଗ କଲେ,

$a + 19d - (a + 14d) = 50 - 30$

$\Rightarrow a + 19d - a - 14d = 20$

$\Rightarrow 5d = 20$

$d = 4$

ସମୀକରଣ (1) ରେ d ର ମାନ ବସାଇଲେ,

$a + 14 \times 4 = 30$

$\Rightarrow a = -26$

ଆମେ ଜାଣୁ $S_n = \frac{n}{2}\{2a + (n-1)d\}$

Eduodia App

$\Rightarrow S_{17} = \frac{17}{2}\ \{2 \times (-26) + (17-1) \times 4\}$

$= \frac{17}{2}\ (-52 + 64) = \frac{17}{2} \times 12 = 102$

$\therefore S_{17} = 102$ (ଉତ୍ତର)

2.(b) ଯେଉଁ ଅନୁକ୍ରମର $S_n = 4n^2 + 3n$, ସେହି ଅନୁକ୍ରମର ପଞ୍ଚମ ପଦଟି ନିର୍ଣ୍ଣୟ କର ।

ଉତ୍ତର : $S_n = 4n^2 + 3n$ (ଦତ୍ତ)

$S_{n-1} = 4(n-1)^2 + 3(n-1)$ [(n – 1) ସଂଖ୍ୟକ ପଦର ସମଷ୍ଟି]

$= 4(n^2 - 2n + 1) + 3n - 3$

$= 4n^2 - 8n + 4 + 3n - 3$

$= 4n^2 - 5n + 1$

ମାତ୍ର, $S_n = S_{n-1} + t_n$

$\Rightarrow t_n = S_n - S_{n-1}$

$= 4n^2 + 3n - (4n^2 - 5n + 1)$

$= 4n^2 + 3n - 4n^2 + 5n - 1 = 8n - 1$

$\therefore t_5 = 8 \times 5 - 1 = 40 - 1 = 39$

. $\therefore$ ପଞ୍ଚମ ପଦ = $t_5 = 39$ । (ଉତ୍ତର)

3.(a) 18 କୁ ଏପରି ତିନିଭାଗରେ ବିଭକ୍ତ କର ଯେପରିକି ସେମାନେ ଏକ ସମାନ୍ତର ଅନନୁକ୍ରମରେ ରହିବେ ଓ ସେମାନଙ୍କର ଗୁଣଫଳ 210 ହେବ ।

ଉତ୍ତର : ମନେକର A.P ରେ ଥିବା 3 ଟି ପଦ ଯଥାକ୍ରମେ $a - d, a, a + d$ ।

ପ୍ରଶ୍ନାନୁସାରେ, $a - d + a + a + d = 18$

$\Rightarrow 3a = 18 \Rightarrow a = 6$

ପୁନଶ୍ଚ, $a\,(a - d)\,(a + d) = 210$

$\Rightarrow a\,(a^2 - d^2) = 210$

$\Rightarrow 6\,(6^2 - d^2) = 210$

$\Rightarrow 6\,(36 - d^2) = 210$

$\Rightarrow 36 - d^2 = . = 35$

$\Rightarrow -d^2 = 35 - 36 = -1$

$\Rightarrow d^2 = 1$

$\Rightarrow d = \pm 1$

$\therefore d = 1$ ଓ $a = 6$ ହେଲେ, ନିର୍ଣ୍ଣେୟ A.P ଟି $6 - 1, 6, 6 + 1$ ବା 5, 6, 7 ।

$\Rightarrow d = -1$ ଓ $a = 6$ ହେଲେ, ନିର୍ଣ୍ଣେୟ A.P ଟି $6 - (-1), 6, 6 + (-1)$ ବା 7,6, 5 (ଉତ୍ତର)

3.(b) ଏକ ସମାନ୍ତର ଅନୁକ୍ରମରେ ଅବସ୍ଥିତ ତିନୋଟି ପଦର ଯୋଗଫଳ 21 ଏବଂ ସେମାନଙ୍କର ବର୍ଗର ଯୋଗଫଳ 155 ସଂଖ୍ୟାଗୁଡ଼ିକ ନିର୍ଣ୍ଣୟ କର ।

ଉତ୍ତର : ମନେକର A.P ରେ ଅବସ୍ଥିତ ତିନୋଟି ପଦ ଯଥାକ୍ରମେ $a-d$, $a$, $a+d$ ।

ପ୍ରଶ୍ନାନୁସାରେ, $a-d+a+a+d=21$

$\Rightarrow 3a=21$

$\Rightarrow a=\frac{21}{3}=7$

ପୁନଶ୍ଚ, $(a-d)^2+a^2+(a+d)^2=155$

$\Rightarrow (a-d)^2+(a+d)^2+a^2=155$

$\Rightarrow 2(a^2+d^2)+a^2=155$

$\Rightarrow 2a^2+2d^2+a^2=155$

$\Rightarrow 3a^2+2d^2=155$

$\Rightarrow 2d^2=155-3\times 7^2$

$=155-3\times 49$

$=155-147=8$

$\Rightarrow d^2=\frac{8}{2}=4$

$\Rightarrow d=\pm 2$

$a=7$

$\therefore$ $d=2, a=7$ ହେଲେ, ନିର୍ଣ୍ଣେୟ A.P ଟି $7-2, 7, 7+2$ ବା $5, 7, 9$ ।

$\therefore d=-2$ ଓ $a=67$ ହେଲେ, ନିର୍ଣ୍ଣେୟ A.P ହେବ $7-(-2), 7, 7+(-2)$ ବା $9, 7, 5$ । (ଉତ୍ତର)

4.(a) ଏକ ସମାନ୍ତର ପ୍ରଗତିର p ତମ ପଦ q, q ତମ ପଦ p ହେଲେ ପ୍ରମାଣ କର ଯେ m ତମ ପଦ $p+q-m$ ହେବ ।

ଉତ୍ତର : ମନେକର ସମାନ୍ତର ପ୍ରଗତିର ପ୍ରଥମ ପଦ a

ସାଧାରଣ ଅନ୍ତର d ନେଲେ,

$t_p=a+(p-1)d$ [p ତମ ପଦ ]

$t_q=a+(q-1)d$ [q ତମ ପଦ ]

ପ୍ରଶ୍ନାନୁସାରେ, $t_p=a+(p-1)d=q$ ......(1)

$t_q=a+(q-1)d=p$ ...... (2)

ସମୀକରଣ (1) ରୁ (2) କୁ ବିୟୋଗ କଲେ,

$(p-q)d=q-p$

$\Rightarrow d=\frac{q-p}{p-q}=\frac{-(p-q)}{(p-q)}=-1$

$d = -1$ ର ମୂଲ୍ୟ ସମୀକରଣ (1) ରେ ବସାଇଲେ,

$a + (p-1)(-1) = q$

$\Rightarrow a - p + 1 = q$

$\Rightarrow a = q + p - 1$

$\therefore t_m = a + (m-1)d$

$p + q - 1 + (m-1)(-1)$

$= p + q - 1 - m + 1$

$= p + q - m$

$\therefore t_m = p + q - m$ (ପ୍ରମାଣିତ)

4.(b) ଦର୍ଶାଅ ଯେ, ଗୋଟିଏ A.P ର $t_{m+n} + t_{m-n} = 2t_m$

ସମାଧାନ : ମନେକର A.P ର ପ୍ରଥମ ପଦ a ଓ ସାଧାରଣ ଅନ୍ତର d ହେଲେ,

$t_{m+n} = a + (m+n-1)d$

ଏବଂ $t_{m-n} = a + (m-n-1)d$

$\therefore t_{m+n} + t_{m-n} = a + (m+n-1)d + a + (m-n-1)d$

$= 2a + (m+n-1+m-n-1)d$

$= 2a + (2m-2)d$

$= 2a + 2(m-1)d$

$= 2\{a + (m-1)d\}$

$= 2t_m$

$\therefore t_{m+n} + t_{m-n} = 2t_m$ (ପ୍ରମାଣିତ)

5.(a) 5 ଓ 55 ମଧ୍ୟରେ ଚାରିଗୋଟି ସମାନ୍ତର ମଧ୍ୟକ ନିର୍ଣ୍ଣୟ କର ।

ଉତ୍ତର : ମନେକର ଚାରୋଟି ସମାନ୍ତର ମଧ୍ୟକ ଯଥାକ୍ରମେ $x_1, x_2, x_3, x_4$ ନେଲେ,

$5, x_1, x_2, x_3, x_4, 55$ A.P ରେ ରହିବ ।

ଏଠାରେ ସାଧାରଣ ଅନ୍ତର = $d = \frac{55-5}{4+1} = \frac{50}{5} = 10$

ଏଠାରେ $a = 5, d = 10$ ହେଲେ,

$x_1 = a + d = 5 + 10 = 15$

$x_2 = a + 2d = 5 + 2 \times 10 = 25$

$x_3 = a + 3d = 5 + 3 \times 10 = 35$

$x_4 = a + 4d = 5 + 4 \times 10 = 45$ ।

$\therefore$ ଚାରିଗୋଟି ମଧ୍ୟକ ଯଥାକ୍ରମେ 15, 25, 35 ଓ 45 (ଉତ୍ତର)

Eduodia App

5.(b) 20 ଓ 80 ମଧ୍ୟରେ n ସଂଖ୍ୟକ ସମାନ୍ତର ମଧ୍ୟକ ଅଛି । ଯଦି ପ୍ରଥମ ମଧ୍ୟକ : ଶେଷ ମଧ୍ୟକ = 1:3 ହୁଏ, n ର ମାନ କେତେ ହେବ ?

ଉତ୍ତର : ମନେକର 20 ଓ 80 ମଧ୍ୟରେ n ସଂଖ୍ୟକ ସମାନ୍ତର ମଧ୍ୟକ $x_1, x_2 ......x_n$

$\therefore 20, x_1, x_2.... x_n, 80$ in A.P ରେ ରହିବ ।

$a = 20, d = \dfrac{80-20}{n+1} = \dfrac{60}{n+1}$ ହେଲେ,

ପ୍ରଥମ ମଧ୍ୟକ $x_1 = a + d = 20 + \dfrac{60}{n+1}$

$= \dfrac{2(n+1)+60}{n+1}$

ଶେଷ ମଧ୍ୟକ = a + nd

$= 20 + \dfrac{n \times 60}{n+1} = \dfrac{20(n+1)+60n}{n+1}$

ପ୍ରଶ୍ନାନୁସାରେ, $\dfrac{\dfrac{20(n+1)+60}{n+1}}{\dfrac{20(n+1)+60n}{n+1}} = \dfrac{1}{3} \Rightarrow \dfrac{20(n+1)+60}{20(n+1)+60n} = \dfrac{1}{3}$

$\Rightarrow \dfrac{(n+1)+3}{(n+1)+3n} = \dfrac{1}{3}$

$\Rightarrow \dfrac{n+4}{4n+1} = \dfrac{1}{3}$

$\Rightarrow 3(n+4) = 4n+1 \Rightarrow 3n+12 = 4n+1$

$\Rightarrow 4n - 3n = 12 - 1 \Rightarrow n = 11$

$\therefore n = 11$ (ଉତ୍ତର)

6.(a) ଏକ AP ର p ତମ, q ତମ ଏବଂ r ତମ ପଦଗୁଡିକର ମାନ ଯଥାକ୍ରମେ a, b ଓ c ହେଲେ ପ୍ରମାଣ କରଯେ $(a-b)r + (b-c)p + (c-a)q = 0$

ସମାଧାନ :

ମନେକର AP ର ପ୍ରଥମ ପଦ = x

ସାଧାରଣ ଅନ୍ତର = d

ପ୍ରଶ୍ନାନୁସାରେ, $t_p = x+(p-1)d = a$ (1)

$t_q = b \Rightarrow x+(q-1)d = b$ (2)

$t_r = c \Rightarrow x+(r-1)d = c$ (3)

ସମୀକରଣ (1) ରୁ 2 କୁ ବିୟୋଗ କଲେ

$a-b=x+(p-1)d-\{x+(q-1)d\}$

$\Rightarrow a-b=x+(p-1)d-x-(q-1)d$

$\Rightarrow a-b=(p-1-q+1)d \Rightarrow a-b=(p-q)d$

ସେହିପରି ସମୀକରଣ 2 ରୁ ସମୀକରଣ 3କୁ ବିୟୋଗ କଲେ ଏବଂ ସମୀକରଣ 3 ରୁ ସମୀକରଣ 1 କୁ ବିୟୋଗ କଲେ

$b-c=(q-r)\,d$ ଏବଂ $c-a=(r-p)d$

L.H.S. $(a-b)\,r+(b-c)\,p+(c-a)\,q$

$=(p-q)\,d.\,r+(q-r)\,d.p+(r-p)\,d.q$

$=d[pr-qr+pq-rp+qr-pq]\ =d\times 0=0$ R.H.S.

L.H.S = R.H.S (ପ୍ରମାଣିତ)

6.(b) ଯଦି କୌଣସି AP ର ପ୍ରଥମ ପଦ a ଏବଂ ଶେଷ ପଦ $l$ ହୁଏ ତେବେ ପ୍ରମାଣ କରଯେ ଅନୁକ୍ରମର ପ୍ରଥମରୁ r ତମ ପଦ ଏବଂ ଶେଷରୁ r ତମ ପଦର ସମଷ୍ଟି, ପ୍ରଥମ ଓ ଶେଷ ପଦର ସମଷ୍ଟି ସହିତ ସମାନ।

ସମାଧାନ :

ମନେକର କୌଣସି A.P. ର ପଦ ସଂଖ୍ୟା 'n' ଏବଂ ସାଧାରଣ ଅନ୍ତର 'd' ଯାହାର ପ୍ରଥମ ପଦ ଓ ଶେଷ ପଦ ଯଥାକ୍ରମେ a ଓ $l$

AP ର ପ୍ରଥମରୁ r ତମ ପଦ $t_r=a+(r-1)d$

ଶେଷରୁ r ତମ ପଦ, ପ୍ରଥମରୁ (n–r+1) ତମ ପଦ ସହ ସମାନ

$\therefore t_{n-r+1}=a+(n-r+1-1)d=a+(n-r)d$

ପ୍ରଶ୍ନାନୁସାରେ $t_r+t_{n-r+1}=a+(r-1)d+a+(n-r)d$

$=2a+(r-1+n-r)d=2a+(n-1)d$

$=a+\{a+(n-1)d\}=a+\ell$ (ପ୍ରମାଣିତ)

7.(a) ଗୋଟିଏ ସମାନ୍ତର ପ୍ରଗତିର ପ୍ରଥମ p ସଂଖ୍ୟକ ପଦର ସମଷ୍ଟି r, ପ୍ରଥମ q ସଂଖ୍ୟକ ପଦର ସମଷ୍ଟି s ଏବଂ ସାଧାରଣ ଅନ୍ତର d ହେଲେ ପ୍ରମାଣ କର ଯେ $\frac{r}{p}-\frac{s}{q}=(p-q)\frac{d}{2}$ ହେବ।

ସମାଧାନ :

ମନେକର AP ର ପ୍ରଥମ ପଦ a ଏବଂ ସାଧାରଣ ଅନ୍ତର d ପ୍ରଶ୍ନାନୁସାରେ $S_p=r$

$\Rightarrow \frac{p}{2}\left[2a+(p-1)d\right]=r$

$\Rightarrow \frac{r}{p}=\frac{1}{2}\left[2a+(p-1)d\right]$

$\Rightarrow \frac{r}{p} = a + \frac{1}{2}(p-1)d$

ସେହିପରି $s_q = s$

$\Rightarrow \frac{q}{2}\left[2a + (q-1)d\right] = s$

$\Rightarrow \frac{s}{q} = \frac{1}{2}\left[2a + (q-1)d\right]$

$\Rightarrow \frac{s}{q} = a + \frac{1}{2}(q-1)d$

L.H.S : $\frac{r}{p} - \frac{s}{q}$

$= a + \frac{1}{2}(p-1)d - \left[a + \frac{1}{2}(q-1)d\right]$

$= a + \frac{1}{2}(p-1)d - a - \frac{1}{2}(q-1)d = \frac{1}{2}d(p-1-q+1)$

$= \frac{d}{2}(p-q) = $ R.H.S. (ପ୍ରମାଣିତ)

Eduodia App

7.(b) ଗୋଟିଏ ସମାନ୍ତର ପ୍ରଗତିର ପ୍ରଥମ p, q, r ସଂଖ୍ୟକ ପଦର ସମଷ୍ଟି ଯଥାକ୍ରମେ a, b, c ହେଲେ ପ୍ରମାଣ କର ଯେ

$\frac{a}{p}(q-r) + \frac{b}{q}(r-p) + \frac{c}{r}(p-q) = 0$ ହେବ।

ସମାଧାନ :

ମନେକର AP ର ପ୍ରଥମ ପଦ = x

ସାଧାରଣ ଅନ୍ତର = d

ପ୍ରଶ୍ନାନୁସାରେ $s_p = a, s_q = b$ ଏବଂ $s_r = c$

$s_p = a \Rightarrow \frac{p}{2}\left[2x + (p-1)d\right] = a$

$\Rightarrow \frac{a}{p} = x + \frac{1}{2}(p-1)d$

$s_q = b \Rightarrow \frac{q}{2}\left[2x + (q-1)d\right] = b$

$\Rightarrow \frac{b}{q} = x + \frac{1}{2}(q-1)d$

$s_r = c \Rightarrow \frac{r}{2}\left[2x+(r-1)d\right]=c$

$\Rightarrow \frac{c}{r} = x+\frac{1}{2}(r-1)d$

L.H.S. : $\frac{a}{p}(q-r)+\frac{b}{q}(r-p)+\frac{c}{r}(p-q)$

$=\left\{x+\frac{d}{2}(p-1)\right\}(q-r)+\left\{x+\frac{d}{2}(q-1)\right\}$

$(r-p)+\left\{x+\frac{d}{2}(r-1)\right\}(p-q) \;= x(q-r)+\frac{d}{2}(p-1)(q-r)+x(r-p)$

$+\frac{d}{2}(q-1)(r-p)+x(p-q)+\frac{d}{2}(r-1)(p-q) \;= x(q-r+r-p+p-q)+\frac{d}{2}$

$[pq-pr-q+r+qr-qp-r+p+rp-rq-p+q] \;= x\times 0+\frac{d}{2}\times 0$

$=0=$ R.H.S. (ପ୍ରମାଣିତ)

8.(a) କୌଣସି AP ର $s_m = n, s_n = m$ ହେଲେ ପ୍ରମାଣ କର ଯେ $s_{m+n} = -(m+n)$ ହେବ ।

ସମାଧାନ :

ମନେକର AP ର ପ୍ରଥମ ପଦ = a

ଓ ସାଧାରଣ ଅନ୍ତର = d

ପ୍ରଶ୍ନାନୁସାରେ $s_m = n$

$\Rightarrow \frac{m}{2}\left[2a+(m-1)d\right]=n$

$\Rightarrow ma+\left(m^2-m\right)\frac{d}{2}=n \qquad (1)$

ଏବଂ $s_n = m \Rightarrow \frac{n}{2}\left[2a+(n-1)d\right]=n$

$\Rightarrow na+\left(n^2-n\right)\frac{d}{2}=m \qquad (2)$

ସମୀକରଣ (1) ରୁ (2) କୁ ବିୟୋଗ କଲେ

$am+\left(m^2-m\right)\frac{d}{2}=n$

Eduodia App

$$an+(n^2-n)\frac{d}{2}=m$$

$(-)\ (-)\qquad (-)$

$$a(m-n)+\frac{d}{2}(m^2-m-n^2+n)=n-m$$

$$\Rightarrow a(m-n)+\frac{d}{2}(m^2-n^2-m+n)=n-m$$

$$\Rightarrow a(m-n)+\frac{d}{2}\{(m+n)(m-n)-m-n\}=-(m-n)$$

$$\Rightarrow a(m-n)+\frac{d}{2}\{(m-n)(m+n-1)\}=-(m-n)$$

$$\Rightarrow a(m-n)+\frac{d}{2}(m-n)(m+n-1)=-(m-n)$$

$$\Rightarrow (m-n)\left\{a+(m+n-1)\frac{d}{2}\right]=-(m-n)$$

$$\Rightarrow a+(m+n-1)\frac{d}{2}=\frac{-(m-n)}{m-n}$$

$$\Rightarrow \frac{2a+(m+n-1)d}{2}=-1$$

$$\Rightarrow \frac{m+n}{2}\{2a+(m+n-1)d\}=-1(m+n)$$

$\Rightarrow S_{m+n}=-(m+n)$ (ପ୍ରମାଣିତ)

8.(b) ଗୋଟିଏ AP ର ପ୍ରଥମ nଟି ପଦର ଯୋଗଫଳ $5n^2+3n$ । ଯଦି ଏହାର pତମ ପଦ 168 ହୁଏ ତେବେ pର ମୂଲ୍ୟ ଓ 15 ତମ ପଦ ନିର୍ଣ୍ଣୟ କର ।

ସମାଧାନ :

ଗୋଟିଏ AP ର ପ୍ରଥମ n ଟି ପଦର ଯୋଗଫଳ $=5n^2+3n$

$$S_n=5n^2+3n$$

$$S_{n-1}=5(n-1)^2+3(n-1)$$

$$t_n=S_n-S_{n-1}\ =5n^2+3n-\{5(n-1)^2+3(n-1)\}$$

$$=5n^2+3n-\{5(n^2+1-2n)+3n-3\}=5n^2+3n-5n^2-5+10n-3n+3=10n-2$$

ପ୍ରଶ୍ନାନୁସାରେ $t_p=168$



Eduodia App

$\Rightarrow 10p - 2 = 168$

$\Rightarrow 10p = 168 + 2 \quad \Rightarrow p = \frac{170}{10} = 17$

ପୁନଶ୍ଚ $t_{15} = 10 \times 15 - 2 \quad = 150 - 2 = 148$

9.(a) 113 ଓ 173 ମଧ୍ୟରେ ପାଞ୍ଚଗୋଟି ସମାନ୍ତର ମଧ୍ୟକ ସ୍ଥାପନ କର ।

ସମାଧାନ :

ମନେକର 113 ଓ 173 ମଧ୍ୟରେ ପାଞ୍ଚଗୋଟି ସମାନ୍ତର ମଧ୍ୟକ $x_1, x_2, x_3, x_4$ ଓ $x_5$

ଏଠାରେ a = 113, b = 173

$d = \frac{b-a}{6} = \frac{173-113}{6} = \frac{60}{6} = 10$

$x_1 = a + d = 113 + 10 = 123$

$x_2 = a + 2d = 113 + 2 \times 10 = 113 + 20 = 133$

$x_3 = a + 3d = 113 + 3 \times 10 = 113 + 30 = 143$

$x_4 = a + 4d = 113 + 4 \times 10 = 113 + 40 = 153$

$x_5 = a + 5d = 113 + 5 \times 10 = 113 + 50 = 163$

∴ ସମାନ୍ତର ମଧ୍ୟକ ଗୁଡ଼ିକ 123, 133, 143, 153 ଓ 163 ।

Educdia App

9.(b) 15 ଓ 105 ମଧ୍ୟରେ n ସଂଖ୍ୟକ A.M. ଅଛି । ଯଦି ପ୍ରଥମ ମଧ୍ୟକ : ଶେଷ ମଧ୍ୟକ = 1 : 3 ହୁଏ ତେବେ n ର ମାନ ସ୍ଥିର କର ।

ସମାଧାନ :

15 ଓ 105 ମଧ୍ୟରେ n ସଂଖ୍ୟକ A.M ଅଛି, ଏଠାରେ $a = 15, \quad t_{n+2} = 105$

$\Rightarrow a + (n+2-1)d = 105 \quad \Rightarrow (n+1)d = 105 - 15 \quad \Rightarrow (n+1)d = 90$

ପ୍ରଥମ ମଧ୍ୟକ = a + d = 15 + d

ଶେଷ ମଧ୍ୟକ = 105 – d

ପ୍ରଶ୍ନାନସାରେ $\frac{15+d}{105-d} = \frac{1}{3}$

$\Rightarrow 45 + 3d = 105 - d \quad \Rightarrow 3d + d = 105 - 45 \quad \Rightarrow 4d = 60$

$\Rightarrow d = \frac{60}{4} = 15$

$\therefore (n+1)d = 90$

$\Rightarrow (n+1)15 = 90 \quad \Rightarrow n + 1 = \frac{90}{15} \quad \Rightarrow n + 1 = 6$

$\Rightarrow n = 5$

∴ n ର ମାନ 5 ଅଟେ ।

## ଚତୁର୍ଥ ଅଧ୍ୟାୟ

# ସମ୍ଭାବ୍ୟତା

**ପ୍ରତ୍ୟେକ ପ୍ରଶ୍ନ ପାଇଁ ଚାରୋଟି ବିକଳ୍ପ ଉତ୍ତର ଦିଆଯାଇଛି । ସେଥି ମଧ୍ୟରୁ ଠିକ୍ ଉତ୍ତରଟି ବାଛ ।**

1. ଗୋଟିଏ ମୁଦ୍ରାକୁ 4 ଥର ଟସ୍ କଲେ, ଏହାର ସାମ୍ପଲ ସ୍ପେସ୍‌ର ଉପାଦାନ ସଂଖ୍ୟା କେତେ ହେବ ?

(A) 36 (B) 32
(C) 16 (D) 8

2. ତିନିଗୋଟି ମୁଦ୍ରାକୁ ଏକ ସଙ୍ଗେ ଟସ୍ କଲେ ଅତିକମ୍‌ରେ ଦୁଇଟି H ଆସିବାର ସମ୍ଭାବ୍ୟତା କେତେ ହେବ ?

(A) $\frac{1}{4}$ (B) $\frac{3}{8}$
(C) $\frac{1}{2}$ (D) $\frac{1}{8}$

3. ଗୋଟିଏ ଲୁଡୁଗୋଟି ଗଡ଼ାଇଲେ ଫଳ $< 7$ ଆସିବା ଘଟଣାର ସମ୍ଭାବ୍ୟତା କେତେ ହେବ ?

(A) 1 (B) 0
(C) $\frac{1}{6}$ (D) $\frac{3}{6}$

4. ଗୋଟିଏ ମୁଦ୍ରାକୁ 30 ଥର ଟସ୍ କରିଥିବାରୁ 11 ଥର H ଆସିଲେ, P(T) କେତେ ହେବ ?

(A) $\frac{11}{30}$ (B) $\frac{22}{30}$
(C) $\frac{19}{30}$ (D) $\frac{1}{30}$

5. ଇଂରାଜୀ ବର୍ଣ୍ଣମାଳାରୁ ଗୋଟିଏ ସ୍ୱରବର୍ଣ୍ଣ ଆସିବାର ସମ୍ଭାବ୍ୟତା କେତେ ?

(A) 1 (B) $\frac{13}{26}$
(C) $\frac{21}{26}$ (D) $\frac{5}{26}$

6. MATHEMATICS ଶବ୍ଦରୁ ଯଦୃଚ୍ଛା ଗୋଟିଏ ଅକ୍ଷର 'A' ବାଛିବାର ସମ୍ଭାବ୍ୟତା କେତେ ?

(A) $\frac{1}{4}$ (B) $\frac{1}{11}$
(C) $\frac{1}{8}$ (D) $\frac{2}{11}$

7. $P(A) = \frac{2}{3}$ ହେଲେ, $P(\overline{A})$ = କେତେ ହେବ ?

(A) $\frac{1}{3}$ (B) $\frac{1}{6}$
(C) 1 (D) 0

8. ଦୁଇଟି ଲୁଡୁଗୋଟିକୁ ଏକ ସଙ୍ଗେ ଗଡ଼ାଇଲେ, ଉଭବ ଫଳାଫଳ ଥିବା ସଂଖ୍ୟା ଦ୍ୱାରା ଯୋଗଫଳ $\geq 12$ ହେବାର ସମ୍ଭାବ୍ୟତା କେତେ ?

(A) $\frac{1}{12}$ (B) $\frac{1}{36}$
(C) $\frac{3}{12}$ (D) $\frac{1}{18}$

9. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡ଼ାଇଲେ ଏକ ପୂର୍ଣ୍ଣବର୍ଗ ସଂଖ୍ୟା ଆସିବାର ସମ୍ଭାବ୍ୟତା କେତେ ?

(A) $\frac{2}{6}$ (B) $\frac{2}{8}$
(C) $\frac{3}{6}$ (D) $\frac{4}{8}$

10. ଗୋଟିଏ ମୁଣିରେ 3 ଟି ନାରଙ୍ଗୀ, 5 ଟି ହଳଦିଆ, ୫ ଟି ନୀଳ ବଲ୍ ଅଛି । ସେଥିମଧ୍ୟରୁ ଯଦୃଚ୍ଛା ଗୋଟିଏ ନୀଳବଲ୍ ପାଇବାର ସମ୍ଭାବ୍ୟତା କେତେ ?

(A) $\frac{1}{2}$ (B) $\frac{3}{13}$
(C) $\frac{3}{16}$ (D) $\frac{5}{16}$

Eduodia App

11. ଗୋଟିଏ ମନ୍ଦିରକୁ ପ୍ରତିଦିନ 10000 ଭକ୍ତ ଆସନ୍ତି । ସେମାନଙ୍କ ମଧ୍ୟରୁ ମହିଳା ଭକ୍ତଙ୍କ ସମ୍ଭାବ୍ୟତା $\frac{3}{5}$ ହେଲେ, ପୁରୁଷ ଭକ୍ତଙ୍କ ସଂଖ୍ୟା କେତେ ?
(A) 6000 (B) 4000
(C) 5000 (D) 3000

12. $P(E) + P(\overline{E})$ = କେତେ ?
(A) 0 (B) 1
(C) 2 (D) $\frac{1}{2}$

13. $E_1$ ଓ $E_2$ ଘଟଣାଦ୍ୱୟ ବହିର୍ଭୁକ୍ତ ହେଲେ, $P(E_1 \cup E_2)$କେତେ
(A) $P(E_1)$ (B) $P(E_2)$
(C) $P(E_1) + P(E_2)$
(D) $P(E_1) + P(E_2) - P(E_1 \cup E_2)$

14. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡ଼ାଇଲେ ଗୋଟିଏ ଅଯୁଗ୍ମ ମୌଳିକ ସଂଖ୍ୟା ଆସିବାର ସମ୍ଭାବ୍ୟତା କେତେ ?
(A) 1 (B) $\frac{1}{2}$
(C) $\frac{1}{3}$ (D) $\frac{3}{2}$

15. ରାମ ଓ ହରି ଦୁଇ ସାଙ୍ଗଙ୍କର ଜନ୍ମଦିନ ସମାନ । ତେବେ ଦୁଇଜଣଙ୍କର ଜନ୍ମଦିନର ସମ୍ଭାବ୍ୟତା କେତେ ?
(A) $\frac{1}{365}$ (B) $\frac{2}{365}$
(C) $\frac{31}{365}$ (D) $\frac{364}{365}$

16. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡ଼ାଇଲେ ଫଳ $\leq 6$ ପାଇବାର ସମ୍ଭାବ୍ୟତା କେତେ ?
(A) $\frac{1}{6}$ (B) $\frac{5}{6}$
(C) 1 (D) 0

17. ଗୋଟିଏ ମୁଦ୍ରାକୁ 2 ଥର ଟସ୍ କରାଗଲେ, ଫଳ କେବେଳ T ପାଇବାର ସମ୍ଭାବ୍ୟତା କେତେ ?
(A) $\frac{2}{3}$ (B) $\frac{1}{4}$
(C) $\frac{3}{4}$ (D) $\frac{2}{4}$

18. ଗୋଟିଏ ବାକ୍ସରେ 15 ଟି ଲାଲ, 12 ଟି ଧଳା ଓ 9 ଟି ନୀଳ ସମାନ ଆକାର ବିଶିଷ୍ଟ ବଲ୍ ଅଛି । ଗୋଟିଏ ଧଳା ବଲ୍ ନ ଆସିବାର ସମ୍ଭାବ୍ୟତା କେତେ ?
(A) $\frac{21}{36}$ (B) $\frac{27}{26}$
(C) $\frac{24}{36}$ (D) $\frac{9}{36}$

19. ଦୁଇଟି ମୁଦ୍ରାକୁ ଥରେ ଟସ୍ କଲେ ଅତିକମ୍‌ରେ ଗୋଟିଏ H ଆସିବାର ସମ୍ଭାବ୍ୟତା କେତେ ?
(A) 1 (B) $\frac{1}{2}$
(C) $\frac{3}{4}$ (D) $\frac{1}{4}$

20. –2, –1. 0, 1, 2 ମଧ୍ୟରୁ ଗୋଟିଏ ନମ୍ବର 'x' ବଛାଗଲେ, ତେବେ $x^2 < 2$ ପାଇବାର ସମ୍ଭାବ୍ୟତା କେତେ ?
(A) $\frac{1}{5}$ (B) $\frac{2}{5}$
(C) $\frac{3}{5}$ (D) $\frac{4}{5}$

21. ତିନୋଟି ମୁଦ୍ରାକୁ ଥରେ ନିକ୍ଷେପ କରାଗଲେ ଅତିକମ୍‌ରେ ଗୋଟିଏ H ଆସିବାର ସମ୍ଭାବ୍ୟତା କେତେ ?
A. $\frac{1}{4}$ B. $\frac{1}{2}$
C. $\frac{7}{8}$ D. $\frac{5}{8}$

22. ତିନୋଟି ମୁଦ୍ରାକୁ ଥରେ ନିକ୍ଷେପ କରାଗଲେ ପ୍ରତ୍ୟେକରେ ସମାନ ଚିତ୍ର ଆସିବାର ସମ୍ଭାବ୍ୟତା କେତେ ?
A. $\frac{1}{8}$ B. $\frac{1}{4}$
C. $\frac{3}{8}$ D. $\frac{5}{8}$

EduodiaApp

23. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡାଇଲେ ଫଳ 7 ଆସିବାର ସମ୍ଭାବ୍ୟତା କେତେ ?

A. $\frac{2}{3}$ B. $\frac{1}{2}$

C. 0 D. $\frac{1}{6}$

24. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡାଇଲେ 3 ଦ୍ୱାରା ବିଭାଜ୍ୟ ସଂଖ୍ୟାଟିଏ ପଡିବାର ସମ୍ଭାବ୍ୟତା କେତେ ?

A. $\frac{1}{6}$ B. $\frac{1}{3}$

C. $\frac{2}{3}$ D. $\frac{1}{2}$

25. ଆଜି ବର୍ଷା ହେବାର ସମ୍ଭାବ୍ୟତା 0.75 ହେଲେ, ବର୍ଷା ନହେବାର ସମ୍ଭାବ୍ୟତା କେତେ ?

A. $\frac{1}{4}$ B. $\frac{3}{8}$

C. $\frac{3}{4}$ D. $\frac{2}{3}$

26. ଦୁଇଟି ଘଟଣା $E_1$ ଓ $E_2$ ପରସ୍ପର ବହିର୍ଭୁକ୍ତ ହେଲେ $P(E_1 \cap E_2) = ?$

A. $\frac{1}{2}$ B. $\frac{2}{3}$

C. 1 D. 0

27. ଯଦି S ଏକ ସାମ୍ପଲ୍ ସ୍ପେସ୍ ଓ E ଏକ ଘଟଣା ହୁଏ ତେବେ $P(E) =$ କେତେ ହେବ ?

A. $\frac{|E|}{|S|}$ B. $\frac{|S|}{|E|}$

C. $\frac{|S|}{|P|}$ D. $\frac{|P|}{|S|}$

28. ଏକ ଅସମ୍ଭବ ଘଟଣାର ସମ୍ଭାବ୍ୟତା କେତେ ?

A. 1 B. 0

C. $\frac{1}{2}$ D. $-\frac{1}{2}$

29. –4, –3, –2, –1, 0, 1, 2, 3, 4 ମଧ୍ୟରୁ ଯଦୃଚ୍ଛା ଗୋଟିଏ ସଂଖ୍ୟା x ବଛାଗଲେ, $|x| \le 3$ ଆସିବାର ସମ୍ଭାବ୍ୟତା କେତେ ହେବ ?

A. $\frac{4}{9}$ B. $\frac{1}{3}$

C. $\frac{5}{9}$ D. $\frac{7}{9}$

30. $5 + 6 = 10$ ହେବାର ସମ୍ଭାବ୍ୟତା କେତେ ହେବ ?

A. 1 B. 0

C. $\frac{1}{2}$ D. $\frac{1}{3}$

31. ଗୋଟିଏ ଲୁଡୁ ଗୋଟିକୁ 5ଥର ଗଡାଇଲେ ସମସ୍ତ ସମ୍ଭାବ୍ୟ ଫଳ ସଂଖ୍ୟା କେତେ ହେବ ?

A. $5^3$ B. $6^5$

C. $5^6$ D. $6^3$

32. $E_1 \cap E_2 = \phi$ ହେଲେ $P(E_1 \cup E_2) =$ କେତେ ହେବ ?

A. 0 B. $P(E_1).P(E_2)$

C. $P(E_1)+P(E_2)$ D. $P(E_1)-P(E_2)$

33. ଏକ ଲୁଡୁ ଗୋଟି ଗଡାଇଲେ ଫଳ ଯୁଗ୍ମ କିମ୍ବା ଅଯୁଗ୍ମ ହେବାର ସମ୍ଭାବ୍ୟତା କେତେ ?

A. 0 B. 1

C. $\frac{1}{2}$ D. $\frac{1}{3}$

34. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡାଇଲେ, ଫଳ 7 ରୁ କମ୍ ଆସିବାର ସମ୍ଭାବ୍ୟତା କେତେ ?

A. 0 B. $\frac{1}{5}$

C. 1 D. $\frac{2}{3}$

35. ଦୁଇଟି ଲୁଡୁ ଗୋଟିକୁ ଏକା ସାଙ୍ଗରେ ନିକ୍ଷେପ କଲେ ସଂଖ୍ୟା ଦ୍ୱୟର ଗୁଣଫଳ 6 ଆସିବାର ସମ୍ଭାବ୍ୟତା କେତେ ହେବ ?

A. $\frac{1}{9}$ B. $\frac{1}{6}$

C. $\frac{3}{4}$ D. $\frac{5}{36}$

Eduodia App

36. ଦୁଇଟି ଲୁଡୁ ଗୋଟିକୁ ଏକା ସାଙ୍ଗରେ ନିକ୍ଷେପ କଲେ ଉଭୟ ଯୁଗ୍ମ ସଂଖ୍ୟା ମିଳିବାର ସମ୍ଭାବ୍ୟତା କେତେ ହେବ ?

A. $\frac{1}{6}$ B. $\frac{1}{9}$

C. $\frac{2}{9}$ D. $\frac{1}{4}$

37. ଗୋଟିଏ ବ୍ୟାଗ୍‌ରେ 25ଟି କାର୍ଡ ଅଛି, ପ୍ରତ୍ୟେକ କାର୍ଡରେ 1 ଠାରୁ 25 ପର୍ଯ୍ୟନ୍ତ ସଂଖ୍ୟା ଥରେ ମାତ୍ର ଲେଖାଯାଇଛି, ଯେପରିକି [1], [2], [3], ...., [25] ଏଥିରୁ ଗୋଟିଏ କାର୍ଡ ଯଦୃଚ୍ଛା ଟାଣିଲେ ତାହା 3 କିମ୍ବା 5 ଦ୍ୱାରା ବିଭାଜ୍ୟ ହେବାର ସମ୍ଭାବ୍ୟତା କେତେ ?

A. $\frac{7}{25}$ B. $\frac{9}{25}$

C. $\frac{3}{5}$ D. $\frac{12}{25}$

38. [1], [2], [3], [4], ...., [20] ଏହିପରି 20ଟି କାର୍ଡ ଗୋଟିଏ ବ୍ୟାଗ୍‌ରେ ଅଛି । ସେଥିରୁ ଯଦୃଚ୍ଛା ଗୋଟିଏ କାର୍ଡ ଟାଣିଲେ ତାହା ପୂର୍ଣ୍ଣ ବର୍ଗ ସଂଖ୍ୟା ହୋଇଥିବାର ସମ୍ଭାବ୍ୟତା କେତେ ?

A. $\frac{1}{5}$ B. $\frac{3}{20}$

C. $\frac{3}{4}$ D. $\frac{7}{20}$

39. ଏହିଖେଳରେ କଣ୍ଟାଟିକୁ ଥରେ ଘୂରାଇଲେ ତାହା ଗୋଟିଏ ସଂଖ୍ୟା ଉପରେ ସ୍ଥିର ହୋଇ ରହିଯାଏ, ପ୍ରତି ଘୂର୍ଣ୍ଣନରେ ପ୍ରତ୍ୟେକ ସଂଖ୍ୟା ଆସିବାର ସମ୍ଭାବ୍ୟତା ସମାନ ରହିଲେ, ସଂଖ୍ୟାଟି $\geq 3$ ହେବାର ସମ୍ଭାବ୍ୟତା କେତେ ?




A. $\frac{1}{8}$ B. $\frac{3}{4}$

C. $\frac{3}{8}$ D. $\frac{5}{8}$

40. ଦୁଇଟି ଲୁଡୁ ଗୋଟିକୁ ଏକା ସାଙ୍ଗରେ ନିକ୍ଷେପ କଲେ ପ୍ରତ୍ୟେକ ସଂଖ୍ୟା ସମାନ ହୋଇ ନଥିବାର ସମ୍ଭାବ୍ୟତା କେତେ ?

A. $\frac{7}{6}$ B. $\frac{5}{6}$

C. $\frac{25}{36}$ D. $\frac{1}{4}$

41. ଗୋଟିଏ ବ୍ୟାଗରେ [A], [B], [C], [A], [D], [A] , ଏହିପରି 6ଟି କାର୍ଡଅଛି, ଏଥିରୁ ଯଦୃଚ୍ଛା ଗୋଟିଏ କାର୍ଡ ଟାଣିଲେ, ତାହା [A] ହୋଇଥିବାର ସମ୍ଭାବ୍ୟତା କେତେ ?

A. $\frac{1}{2}$ B. $\frac{1}{3}$

C. $\frac{2}{3}$ D. $\frac{1}{6}$

42. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡାଇଲେ ଫଳାଫଳ 2 ଓ 5 ମଧ୍ୟବର୍ତ୍ତୀ ଗୋଟିଏ ସଂଖ୍ୟା ଆସିବାର ସମ୍ଭାବ୍ୟତା କେତେ ?

A. $\frac{1}{5}$ B. $\frac{1}{6}$

C. $\frac{2}{3}$ D. $\frac{1}{3}$

43. 1 ଠାରୁ 100 ପର୍ଯ୍ୟନ୍ତ ଗଣନ ସଂଖ୍ୟା ମଧ୍ୟରୁ ଗୋଟିଏ ସଂଖ୍ୟା ଯଦୃଚ୍ଛା ପସନ୍ଦ କଲେ ତାହା 3 ଦ୍ୱାରା ବିଭାଜ୍ୟ ହେବାର ସମ୍ଭାବ୍ୟତା କେତେ ହେବ ?

A. $\frac{29}{100}$ B. $\frac{16}{99}$

C. $\frac{33}{100}$ D. $\frac{1}{4}$

44. ଗୋଟିଏ ଲୁଡୁ ଗୋଟିକୁ ଦୁଇଥର ଗଡାଇଲେ ଉଭୟ ଗୋଟିରେ ମିଳୁଥିବା ସଂଖ୍ୟାଦ୍ୱୟର ଗୁଣଫଳ ଏକ ପୂର୍ଣ୍ଣ ବର୍ଗ ସଂଖ୍ୟା ହେବାର ସମ୍ଭାବ୍ୟତା କେତେ ହେବ ?

A. $\frac{7}{36}$ B. $\frac{1}{2}$

C. $\frac{5}{36}$ D. $\frac{2}{9}$

Eduodia App

45. NATURE ଶବ୍ଦରୁ ଗୋଟିଏ ସ୍ୱରବର୍ଣ୍ଣ ଯଦୃଚ୍ଛା ବାଛିବାର ସମ୍ଭାବ୍ୟତା କେତେ ?

A. $\frac{5}{6}$ B. $\frac{1}{6}$

C. $\frac{1}{3}$ D. $\frac{1}{2}$

46. ଏକ ଉପାଦାନ ବିଶିଷ୍ଟ ଘଟଣାକୁ କ'ଣ କୁହାଯାଏ ?

A. ମୌଳିକ ଘଟଣା B. ପରିପୂରକ ଘଟଣା

C. ଯୌଗିକ ଘଟଣା D. କୌଣସିଟି ନୁହେଁ

47. MATHEMATICS ଶବ୍ଦରୁ ଯଦୃଚ୍ଛା A କିମ୍ବା T ବାଛିବାର ସମ୍ଭାବ୍ୟତା କେତେ ?

A. $\frac{1}{4}$ B. $\frac{1}{2}$

C. $\frac{4}{11}$ D. $\frac{2}{11}$

48. EXAMINATION ଶବ୍ଦରୁ I ଯଦୃଚ୍ଛା ବାଛିବାର ସମ୍ଭାବ୍ୟତା କେତେ ?

A. $\frac{2}{11}$ B. $\frac{1}{4}$

C. $\frac{1}{8}$ D. $\frac{1}{11}$

49. PROBABILITY ଶବ୍ଦରୁ ଯଦୃଚ୍ଛା ଗୋଟିଏ ଅକ୍ଷର ବାଛିଲେ ତାହା ସ୍ୱର ବର୍ଣ୍ଣ ନହେବାର ସମ୍ଭାବ୍ୟତା କେତେ ?

A. $\frac{4}{11}$ B. $\frac{7}{11}$

C. $\frac{3}{11}$ D. $\frac{7}{9}$

50. $E_1$ ଓ $E_2$ ଦୁଇଟି ପରସ୍ପର ପରିପୂରକ ଘଟଣା ହେଲେ $P(E_1 \cup E_2) =$ _____ ?

A. 0 B. $\frac{1}{2}$

C. 1 D. $\frac{1}{3}$

51. ଗୋଟିଏ ଅଧିବର୍ଷ ନଥିବା ବର୍ଷରେ 53ଟି ରବିବାର ପାଇବାର ସମ୍ଭାବ୍ୟତା କେତେ ?

A. $\frac{1}{7}$ B. $\frac{2}{7}$

C. $\frac{1}{2}$ D. $\frac{3}{7}$

52. ଗୋଟିଏ ବ୍ୟାଗ୍‌ରେ 5ଟି ନାଲି, 6ଟି ସବୁଜ ଓ 4ଟି ନୀଳ ବଲ୍ ଅଛି । ବ୍ୟାଗ୍‌ରୁ ଯଦୃଚ୍ଛା ଗୋଟିଏ ନାଲି ମାର୍ବଲ ବାହାର କରିବାର ସମ୍ଭାବ୍ୟତା କେତେ ?

A. $\frac{1}{5}$ B. $\frac{1}{3}$

C. $\frac{2}{3}$ D. $\frac{1}{6}$

53. ଗୋଟିଏ ମୁଦ୍ରାକୁ ଦୁଇଥର ଟସ୍‌କଲେ ଫଳାଫଳ ଗୁଡିକ କଣ ହେବ ?

A. {HH, TT} B. {HT, TH, TT}

C. {HH, HT, TH, TT} D. {HT, TH}

54. ଗୋଟିଏ ଶ୍ରେଣୀରେ 45 ଜଣ ଛାତ୍ର ମଧ୍ୟରୁ 35 ଜଣ ଉପସ୍ଥିତ ଅଛନ୍ତି, ତେବେ ଅନୁପସ୍ଥିତ ଥିବା ଗୋଟିଏ ଛାତ୍ରର ସମ୍ଭାବ୍ୟତା କେତେ ?

A. $\frac{7}{15}$ B. $\frac{7}{9}$

C. $\frac{2}{9}$ D. $\frac{1}{5}$

55. ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡେଇଲେ ଫଳାଫଳ ଯୁଗ୍ମ କିମ୍ବା 3 ର ଗୁଣିତକ ହେବାର ସମ୍ଭାବ୍ୟତା କେତେ ହେବ ?

A. $\frac{1}{3}$ B. $\frac{3}{4}$

C. $\frac{1}{2}$ D. $\frac{2}{3}$

56. $P(E_1)+P(E_2)=1$ ଏବଂ $P(E_2)=4.P(E_1)$ ହେଲେ $P(E_2)=?$

A. $\frac{1}{4}$ B. $\frac{2}{5}$

C. $\frac{4}{5}$ D. $\frac{1}{5}$

EduodiaApp

## ସମ୍ଭାବ୍ୟତା ଉତ୍ତର ଫର୍ଦ୍ଦ (ANSWER SHEET)

| | | | | | | | | | | | |
|---|---|---|---|---|---|---|---|---|---|---|---|
| 1. C | 2. C | 3. A | 4. C | 5. D | 6. D | 7. A | 8. B | 9. A | 10. A | 11. B | 12. B |
| 13. C | 14. C | 15. A | 16. C | 17. B | 18. C | 19. C | 20. C | 21. C | 22. B | 23. C | 24. B |
| 25. A | 26. D | 27. A | 28. B | 29. D | 30 B | 31. B | 32. C | 33. B | 34. C | 35. A | 36. D |
| 37. D | 38. A | 39. B | 40. B | 41. A | 42. D | 43. C | 44. D | 45. D | 46. A | 47. C | 48. A |
| 49. B | 50. C | 51. A | 52. B | 53. C | 54. C | 55. D | 56. C | | | | |

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (5 ନମ୍ବର ସମ୍ବଳିତ)

1.(i) ଗୋଟିଏ ସ୍କୁଲର 100 ଜଣ ଛାତ୍ରଙ୍କ ମଧ୍ୟରୁ ମାଟ୍ରିକ୍ ପରୀକ୍ଷାରେ 20 ଜଣ ପ୍ରଥମ ଶ୍ରେଣୀରେ, 30 ଜଣ ଦ୍ୱିତୀୟ ଶ୍ରେଣୀରେ, 40 ଜଣ ତୃତୀୟ ଶ୍ରେଣୀରେ ପାଶ କଲେ । ଅବଶିଷ୍ଟ ଛାତ୍ର ଫେଲ ହେଲେ । ବିଭିନ୍ନ ଶ୍ରେଣୀରେ ପାଶ୍ କରିଥିବା ଛାତ୍ରଙ୍କର ସମ୍ଭାବ୍ୟତା ଏବଂ ଫେଲ୍ ଛାତ୍ରଙ୍କର ସମ୍ଭାବ୍ୟତା ଏବଂ ଏହାର ସମ୍ଭାବ୍ୟତା ଗୁଡ଼ିକର ସମଷ୍ଟି ନିର୍ଣ୍ଣୟ କର ।

ଉତ୍ତର : ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ପାଶ୍ କରିଥିବା ପିଲାଙ୍କୁ ନେଇ ଗଠିତ ସେଟ୍‌ଗୁଡ଼ିକ ଯଥାକ୍ରମେ A, B, C ହେଲେ, ପ୍ରଶ୍ନାନୁସାରେ, $|A| = 20, |B| = 30, |C| = 40$

ପାଶ୍ କରିଥିବା ଛାତ୍ରଙ୍କ ସଂଖ୍ୟା = $|\overline{F}| = |A| + |B| + |C| = 20 + 30 + 40 = 90$

ଫେଲ୍ ହୋଇଥିବା ପିଲାଙ୍କ ସେଟ୍ F ହେଲେ, $|F| = 100 - (20 + 30 + 40) = 10$

∴ ପାଶ୍ କରିଥିବା ଛାତ୍ରଙ୍କ ସମ୍ଭାବ୍ୟତା = $P(\overline{F}) = \frac{|\overline{F}|}{100} = \frac{90}{100} = \frac{9}{10}$

∴ ଫେଲ୍ ହୋଇଥିବା ଛାତ୍ରଙ୍କ ସମ୍ଭାବ୍ୟତା = $P(F) = \frac{|F|}{100} = \frac{10}{100} = \frac{1}{10}$

∴ ସମ୍ଭାବ୍ୟତା ଦୁଇଟିର ସମଷ୍ଟି = $\frac{9}{10} + \frac{1}{10} = \frac{10}{10} = 1$ (ଉତ୍ତର)

(ii) ଗୋଟିଏ ମୁଦ୍ରାକୁ 3 ଥର ଟସ୍ କରାଗଲା । ଘଟଣାଟିର ସାମ୍ପଲ ସ୍ପେସ୍ ଲେଖ ଓ ନିମ୍ନଲିଖିତ ଘଟଣାମାନଙ୍କ ସମ୍ଭାବ୍ୟତା ନିରୂପଣ କର । (a) ଫଳରେ କେବଳ T ରହିବ । (b) ଫଳରେ କେବଳ H କିମ୍ବା T ରହିବ । (c) ଫଳରେ T ରହିବ ନାହିଁ ।

ଉତ୍ତର: ଗୋଟିଏ ମୁଦ୍ରାକୁ 3 ଥର ଟସ୍ କରାଗଲେ ସମ୍ଭାବିତ ଫଳଗୁଡ଼ିକୁ ନେଇ ଗଠିତ ସାମ୍ପଲସ୍ପେସ୍‌ଟି ହେଲା,

S = {HHH, HHT, HTH, THH, TTH, HTT, THT, TTT}

∴ $|S| = 2^3 = 8$

(a) ଘଟଣା $E_1$ : ଫଳରେ କେବଳ T ରହିବ,

$E_1 = \{TTT\}, |E_1| = 1 \therefore P(E_1) = \frac{|E_1|}{|S|} = \frac{1}{8}$

(b) ଘଟଣା $E_2$: ଫଳରେ କେବଳ H କିମ୍ବା କେବଳ T ରହିବ ।

$E_2 = \{HHH, TTT\}, |E_2| = 2$

$\therefore P(E_2) = \frac{|E_2|}{|S|} = \frac{2}{8} = \frac{1}{4}$

(c) ଘଟଣା $E_3$ : ଫଳରେ T ରହିବ ନାହିଁ ।

$E_3 = \{HHH\}, |E_3| = 1$

$\therefore P(E_3) = \frac{|E_3|}{|S|} = \frac{1}{8}$ (ଉତ୍ତର)

2.(i) ଗୋଟିଏ ଲୁଡୁ ଗୋଟିକୁ ଗଡ଼ାଇଲେ, ଫଳଟି "ଏକ ଯୁଗ୍ମ ସଂଖ୍ୟା କିମ୍ବା ଏକ ଅଯୁଗ୍ମ ସଂଖ୍ୟା" ଆସିବାର ସମ୍ଭାବ୍ୟତା ନିରୂପଣ କର ।

ଉତ୍ତର - ଏଠାରେ ସାମ୍ପଲ ସ୍ପେସ୍ = $S = \{1, 2, 3, 4, 5, 6\}$

ମନେକର ଘଟଣା $E_1$ = ଫଳଟି ଯୁଗ୍ମ ସଂଖ୍ୟା ଆସିବ ।

ଘଟଣା $E_2$ = ଫଳଟି ଅଯୁଗ୍ମ ସଂଖ୍ୟା ଆସିବ ।

ଏଠାରେ $E_1 \subset S$ ଏବଂ $E_2 \subset S$ ।

$E_1 = \{2, 4, 6\}$ ଏବଂ $E_2 = \{1, 3, 5\}$

$\therefore |S| = 6, \ |E_1| = 3, |E_2| = 3$

ଏଠାରେ $E_1$ ଏବଂ $E_2$ ଉଭୟ ବହିର୍ଭୁକ୍ତ ଘଟଣା, ଫଳରେ ,

ଏକ ଯୁଗ୍ମ କିମ୍ବା ଏକ ଅଯୁଗ୍ମ ସଂଖ୍ୟା ଆସିବା ଘଟଣାର ସମ୍ଭାବ୍ୟତା = $P(E_1 \cup E_2) = P(E_1) + P(E_2)$

$= \frac{|E_1|}{|S|} + \frac{|E_2|}{|S|} = \frac{3}{6} + \frac{3}{6} = \frac{1}{2} + \frac{1}{2} = 1$ (ଉତ୍ତର)

Edudia App

(ii) ଗୋଟିଏ ବ୍ୟାଗ୍‌ରେ ଧଳା, କଳା ଓ ନାଲି ରଙ୍ଗର ବଲ୍ ଅଛି । ସେହି ବ୍ୟାଗ୍‌ରୁ ଗୋଟିଏ ବଲ୍ ଯଦୃଚ୍ଛା ବାହାର କରାଗଲା । ସେହି ବଲ୍‌ଟି ଧଳାବଲ୍ ହେବାର ସମ୍ଭାବ୍ୟତା $\frac{3}{10}$ ଏବଂ କଳା ବଲ୍ ହେବାର ସମ୍ଭାବ୍ୟତା $\frac{2}{5}$ ହୁଏ, ତେବେ ନାଲି ବଲ ପାଇବାର ସମ୍ଭାବ୍ୟତା କେତେ ? ଯଦି ବ୍ୟାଗ୍‌ରେ 20 ଟି କଳା ବଲ୍ ଥାଏ । ସେହି ବ୍ୟାଗ୍‌ର ସମୁଦାୟ ବଲ ସଂଖ୍ୟା କେତେ ?

ଉତ୍ତର : ମନେକର ଧଳାବଲ୍, କଳାବଲ୍ ଓ ନାଲିବଲ୍ ସେଟ୍ ଯଥାକ୍ରମେ W, B ଓ R ।

ପ୍ରଶ୍ନାନୁସାରେ, $P(W) = \frac{3}{10}, P(B) = \frac{2}{5}$

ଆମେ ଜାଣୁ, $P(W) + P(B) + P(R) = 1$

$\Rightarrow \frac{3}{10} + \frac{2}{5} + P(R) = 1$

$\Rightarrow \frac{7}{10} + P(R) = 1$

$\Rightarrow P(R) = 1 - \frac{7}{10} = \frac{3}{10}$

ମନେକର ବ୍ୟାଗ୍‌ରେ ସମୁଦାୟ ବଲ୍‌ସଂଖ୍ୟା = x

ପ୍ରଶ୍ନାନୁସାରେ, $P(B) = \frac{20}{x} \Rightarrow \frac{20}{x} = \frac{2}{5}$

$\Rightarrow x = \frac{100}{2} = 50$

$\therefore$ ସମୁଦାୟ ବଲ୍ ସଂଖ୍ୟା = 50 (ଉତ୍ତର)

3.(i) ଏକ ପରୀକ୍ଷଣରେ ପରସ୍ପର ବହିର୍ଭୁକ୍ତ ଦୁଇଟି ଘଟଣା $E_1$ ଓ $E_2$ ଏପରିକି $P(E_1) = 2P(E_2)$ ଓ $P(E_1) - P(E_2) = 0.9$ । ତେବେ $E_1 \cup E_2$ ଘଟଣା ତଥା $E_1$ ଘଟଣାର ସମ୍ଭାବ୍ୟତା ନିରୂପଣ କର ।

ଉତ୍ତର : $P(E_1) = 2P(E_2)$ (ଦତ୍ତ) ଏବଂ $P(E_1) + P(E_2) = 0.9$ (ଦତ୍ତ)

$E_1$ ଓ $E_2$ ପରସ୍ପର ବହିଃର୍ଭୁକ୍ତ ଘଟଣା,

$\therefore P(E_1 \cup E_2) = P(E_1) + P(E_2) = 0.9$

$\Rightarrow P(E_1) + P(E_2) = 0.9$

$\Rightarrow 2P(E_2) + P(E_2) = 0.9$

$\Rightarrow 3P(E_2) = 0.9$

$\Rightarrow P(E_2) = \frac{0.9}{3} = 0.3$

$\therefore P(E_1) = 2P(E_2) = 2 \times 0.3 = 0.6$

$\therefore P(E_1) = 0.6$ (ଉତ୍ତର)

(ii) ଯଦି $E_1$ ଓ $E_2$ ଏପରି ଦୁଇଟି ଘଟଣା ଯେପରିକି $P(E_1) = \frac{3}{6}$, ଓ $P(E_2) = \frac{2}{6}$ ଓ $P(E_1 \cap E_2) = \frac{1}{6}$ ହେଲେ,

(a) $P(E_1 \cup E_2)$ (b) $P(E_1^1 \cup E_2^1)$ (c) $P(E_1^1)$ ଓ $P(E_2^1)$ ନିର୍ଣ୍ଣୟ କର ।

ଉତ୍ତର : $E_1$ ଓ $E_2$ ଦୁଇଟି ଘଟଣା,

$P(E_1) = \frac{3}{6}$, ଓ $P(E_2) = \frac{2}{6}$ ଓ $P(E_1 \cap E_2) = \frac{1}{6}$

(a) $P(E_1 \cup E_2) = P(E_1) + P(E_2) - P(E_1 \cap E_2)$

$$= \frac{3}{6} + \frac{2}{6} - \frac{1}{6} = \frac{5}{6} - \frac{1}{6} = \frac{4}{6} = \frac{2}{3}$$

(b) $P(E_1^1) = 1 - P(E_1) = 1 - \frac{3}{6} = \frac{3}{6} = \frac{1}{2}$

$$P(E_2^1) = 1 - P(E_2) = 1 - \frac{2}{6} = \frac{4}{6} = \frac{2}{3}$$

(c) $P(E_1^1 \cup E_2^1) = P((E_1 \cap E_2)^1) = 1 - (E_1 \cap E_2)$

$$= 1 - \frac{1}{6} = \frac{5}{6}$$ (ଉତ୍ତର)

4.(a) ଗୋଟିଏ ଲୁଡୁ ଗୋଟିକୁ ଥରେ ଗଡାଇବାରୁ 'ଫଳ ଅଯୁଗ୍ମ କିମ୍ବା $\geq 3$' ଘଟଣାଟିର ସମ୍ଭାବ୍ୟତା ନିରୂପଣ କର ।

ସମାଧାନ :

$S = \{1, 2, 3, 4, 5, 6\}$

$E_1$ = ଅଯୁଗ୍ମ ସଂଖ୍ୟା $\qquad E_1 = \{1, 3, 5\}$

$E_2 = \{3, 4, 5, 6\}$

$E_1 \cap E_2 = \{1,3,5\} \cap \{3,4,5,6\} = \{3, 5\}$

$$P(E_1 \cup E_2) = P(E_1) + P(E_2) - P(E_1 \cap E_2) = \frac{|E_1|}{|S|} + \frac{|E_2|}{|S|} - \frac{|E_1 \cap E_2|}{|S|}$$

$$= \frac{3}{6} + \frac{4}{6} - \frac{2}{6} = \frac{3+4-2}{6} = \frac{5}{6}$$ (Ans)

Eduedia App

4.(b) ଗୋଟିଏ ବ୍ୟାଗ୍‌ରେ ପାଞ୍ଚଟି ଧଳା, ଚାରୋଟି ଲାଲ୍, ଏବଂ ତିନୋଟି କଳା ଆକୃତି ବିଶିଷ୍ଟ ବଲ୍ ଅଛି । ନିମ୍ନଲିଖିତ କ୍ଷେତ୍ରରେ ସମ୍ଭାବ୍ୟତା ନିରୂପଣ କର ।

(i) ଗୋଟିଏ ଧଳାବଲ୍ ଆସିବାର

(ii) ଗୋଟିଏ ଲାଲ୍ ବଲ୍ ନଆସିବାର

(iii) ଗୋଟିଏ ଧଳାବଲ୍ ନ ଆସିବାର

ସମାଧାନ :




(i) ଗୋଟିଏ ଧଳା ବଲ୍ ଆସିବାର ସମ୍ଭାବ୍ୟତା $= \frac{5}{5+4+3} = \frac{5}{12}$

(ii) ଗୋଟିଏ ଲାଲ୍‌ବଲ୍ ନ ଆସିବାର ସମ୍ଭାବ୍ୟତା $= \frac{5+3}{12} = \frac{8}{12} = \frac{2}{3}$

(iii) ଗୋଟିଏ ଧଳାବଲ୍ ନଆସିବାର ସମ୍ଭାବ୍ୟତା

$$1 - \frac{5}{12} = \frac{12-5}{12} = \frac{7}{12}$$ (Ans)

5.(a) ଗୋଟିଏ ଲୁଡୁ ଗୋଟିକୁ 2 ଥର ଗଡାଇବା, ଫଳରେ ପ୍ରଥମ ସଂଖ୍ୟାଟି ଅଯୁଗ୍ମ ଓ ଦ୍ୱିତୀୟ 6 ଆସିବାର ସମ୍ଭାବ୍ୟତା ସ୍ଥିର କର ।

ସମାଧାନ :

$S = \{(1,1) (1,2), (1,3), (1,4), (1,5), (1,6)$ $\quad \therefore |S| = 6^2 = 36$

$(2,1), (2,2), (2,3), (2,4), (2,5), (2,6)$

$(3,1), (3,2), (3,3), (3,4), (3,5), (3,6)$

$(4,1), (4,2), (4,3), (4,4), (4,5), (4,6)$

$(5,1), (5,2), (5,3), (5,4), (5,5), (5,6)$

$(6,1), (6,2), (6,3), (6,4), (6,5), (6,6)\}$

E = ପ୍ରଥମ ସଂଖ୍ୟା ଅଯୁଗ୍ମ ଓ ଦ୍ୱିତୀୟଟି 6

$E = \{(1,6), (3,6), (5,6)\}$ $\quad \therefore |E| = 3$

$P(E) = \frac{|E|}{|S|} = \frac{3}{36} = \frac{1}{12}$ (Ans)

5.(b) $E_1$ ଓ $E_2$ ଏପରି ଦୁଇଟି ଘଟଣା ଯେଉଁ ଠାରେ $P(E_1) = \frac{5}{8}$, $P(E_2) = \frac{2}{8}$ ଓ $P(E_1 \cap E_2) = \frac{1}{8}$ ତେବେ $P(E_1^1 \cap E_2^1)$ ନିର୍ଣ୍ଣୟ କର ।

ସମାଧାନ :

$P(E_1) = \frac{5}{8}$ $\qquad P(E_2) = \frac{2}{8}$

$P(E_1 \cap E_2) = \frac{1}{8}$ $\qquad P(E_1^1 \cap E_2^1) = ?$

$(A \cup B)' = A' \cap B'$

ସୁତରାଂ $P(E_1^1 \cap E_2^1) = P((E_1 \cup E_2)') = 1 - P(E_1 \cup E_2)$

$P(E_1 \cup E_2) = P(E_1) + P(E_2) - P(E_1 \cap E_2) = \frac{5}{8} + \frac{2}{8} - \frac{1}{8} = \frac{5+2-1}{8} = \frac{6}{8} = \frac{3}{4}$

$\therefore P(E_1^1 \cap E_2^1) = 1 - \frac{3}{4} = \frac{1}{4}$ (Ans)

6.(a) ଦୁଇଟି ଲୁଡୁ ଗୋଟିକୁ ଏକ ସଙ୍ଗେ ଗଡାଗଲା, ଫଳାଫଳ ଉଭୟ ଗୋଟିରେ 'ସଂଖ୍ୟା ଦ୍ୱୟର ଯୋଗଫଳ $\geq 9$' ଆସିବାର ସମ୍ଭାବ୍ୟତା ନିରୂପଣ କର ।

ସମାଧାନ :

ଦୁଇଟି ଲୁଡୁ ଗୋଟିକୁ ଏକସଙ୍ଗେ ଗଡ଼ାଇଲେ ସାମ୍ପଲ ସ୍ପେସ୍

$|S| = 6^2 = 36$

Eduodia App

ସଂଖ୍ୟାଦ୍ୱୟର ଯୋଗଫଳ $\geq 9$ ହେବା ଘଟଣା = E

$E = \{(3,6), (4,5), (4,6), (5,4), (5,5), (5,6), (6,3), (6,4), (6,5), (6,6)\} \quad \therefore |E| = 10$

$P(E) = \frac{|E|}{|S|} = \frac{10}{36} = \frac{5}{18}$ (Ans)

6.(b) ଗୋଟିଏ ବ୍ୟାଗ୍‌ରେ ଲାଲ୍, ସବୁଜ ଓ ନୀଳ ରଙ୍ଗର ବଲ୍ ଅଛି, ଲାଲ୍ ଓ ସବୁଜ ବଲ୍‌ସଂଖ୍ୟା ଜଣାନାହିଁ କିନ୍ତୁ 10 ଟି ନୀଳ ବଲ୍ ଅଛି, ସେଥିରୁ ଗୋଟିଏ ଲାଲ୍ ବଲ କାଢ଼ିବାର ସମ୍ଭାବ୍ୟତା $\frac{1}{4}$ ଏବଂ ଗୋଟିଏ ସବୁଜ ବଲ୍ କାଢ଼ିବାର ସମ୍ଭାବ୍ୟତା $\frac{1}{3}$ ହେଲେ ମୋଟ୍ ବଲ୍ ସଂଖ୍ୟା କେତେ ?

ସମାଧାନ :




ମନେକର ଲାଲ୍‌ବଲ୍ xଟି ସବୁଜବଲ୍ yଟି ଅଛି

ଦତ୍ତ, ନୀଳ ବଲ୍ 10 ଟି ଅଛି

$P(R) =$ ଗୋଟିଏ ଲାଲ୍ ବଲ୍‌ର ସମ୍ଭାବ୍ୟତା $= \frac{1}{4}$

$P(G) =$ ଗୋଟିଏ ସବୁଜ ବଲ୍‌ର ସମ୍ଭାବ୍ୟତା $= \frac{1}{3}$

Eduodia App

ମୋଟ୍ ବଲ୍ ସଂଖ୍ୟା = ?

$P(R) = \frac{x}{x+y+10} = \frac{1}{4}$

$\Rightarrow 4x = x + y + 10$

$\Rightarrow 3x - y = 10 \qquad \ldots\ldots. (1)$

$P(G) = \frac{y}{x+y+10} = \frac{1}{3}$

$\Rightarrow x + y + 10 = 3y$

$\Rightarrow x - 2y = -10 \qquad \ldots\ldots. (2)$

ସମୀକରଣ $(1) \times 2 \rightarrow 6x - 2y = 20$

ସମୀକରଣ $(2) \times (-1) \rightarrow -x + 2y = 10$

$5x = 30$

ଯୋଗ କଲେ $\Rightarrow x = 30/5 = 6$

$y = 3x - 10 = 3 \times 6 - 10 = 8$

$\therefore R + G + B = 6 + 8 + 10 = 24$ (Ans)

7.(a) ତିନୋଟି ମୁଦ୍ରା ଏକା ସଙ୍ଗେ ଟସ୍ କରାଗଲେ ନିମ୍ନଲିଖିତ ସମ୍ଭାବ୍ୟତା ନିରୂପଣ କର ।

(i) ପ୍ରତ୍ୟେକ ମୁଦ୍ରାରେ H ଆସିବାର

(ii) ଅତିକମ୍‌ରେ ଦୁଇଟି H ଆସିବାର

(iii) ଅତି ବେଶୀରେ ଦୁଇଟି T ଆସିବାର

ସମାଧାନ :

S = {HHH, HHT, HTH, THH, HTT, THT, TTH, TTT} $\therefore |S| = 2^3 = 8$

$E_1$ = ପ୍ରତ୍ୟେକ ମୁଦ୍ରାରେ H = {HHH} $\therefore |E_1| = 1$

$E_2$ = ଅତି କମ୍‌ରେ 2 ଟି H = {HHH, HHT, HTH, THH} $\therefore |E_2| = 4$

$E_3$ = ଅତି ବେଶୀରେ 2 ଟି T = {HHT, HTH, THH, HTT, THT, TTH, HHH} $\therefore |E_3| = 7$

$$P(E_1) = \frac{|E_1|}{|S|} = \frac{1}{8}$$

$$P(E_2) = \frac{|E_2|}{|S|} = \frac{4}{8} = \frac{1}{2}$$

$$P(E_3) = \frac{|E_3|}{|S|} = \frac{7}{8} \text{ (Ans)}$$

Eduodia App

7.(b) ଦୁଇଟି ଲୁଡୁ ଗୋଟିକୁ ଏକା ସଙ୍ଗେ ପକାଇଲେ

(i) ଉଭୟ ଗୋଟିରେ ମୌଳିକ ସଂଖ୍ୟା ପାଇବାର ସମ୍ଭାବ୍ୟତା ନିର୍ଣ୍ଣୟ କର ।

(ii) ସଂଖ୍ୟା ଦ୍ୱୟର ଯୋଗଫଳ 9 କିମ୍ବା 11 ହେବାର ସମ୍ଭାବ୍ୟତା ନିର୍ଣ୍ଣୟ କର ।

ସମାଧାନ :

$|S| = 36$

$E_1$ = ଉଭୟ ମୌଳିକ ସଂଖ୍ୟାର ସେଟ୍

$E_1$ = {(2, 2), (2, 3), (2, 5), (3, 2), (3, 3), (3, 5), (5, 2), (5, 3), (5, 5)} $\therefore |E_1| = 9$

$$P(E_1) = \frac{|E_1|}{|S|} = \frac{9}{36} = \frac{1}{4}$$

$E_2$ = ସଂଖ୍ୟାଦ୍ୱୟର ଯୋଗଫଳ 9 କିମ୍ବା 11

= {(3, 6), (4, 5), (5, 4), (5, 6), (6, 3), (6, 5)} $\therefore |E_2| = 6$

$$P(E_2) = \frac{|E_2|}{|S|} = \frac{6}{36} = \frac{1}{6} \text{ (Ans)}$$

8.(a) ଗୋଟିଏ ବ୍ୟାଗ୍‌ରେ 100 ଟି କାର୍ଡ ଅଛି । ପ୍ରତ୍ୟେକରେ 1 ରୁ 100 ଯାଏ ଲେଖାଅଛି, ସେଥିରୁ ଯଦୃଚ୍ଛା ଗୋଟିଏ କାର୍ଡ ଟାଣିଲେ

(i) 5 ଦ୍ୱାରା ବିଭାଜ୍ୟ ସଂଖ୍ୟା ବାହାରିବାର ସମ୍ଭାବ୍ୟତା

ଓ (ii) 80 ରୁ ବଡ ମୌଳିକ ସଂଖ୍ୟା ବାହାରିବାର ସମ୍ଭାବ୍ୟତା ନିର୍ଣ୍ଣୟ କର ।

ସମାଧାନ :

$|S| = 100$

$E_1 = 5$ ଦ୍ୱାରା ବିଭାଜ୍ୟ ସଂଖ୍ୟା ମାନଙ୍କ ସେଟ୍

$$|E_1| = \frac{100}{5} = 20$$

$$P(E_1) = \frac{|E_1|}{|S|} = \frac{20}{100} = \frac{1}{5}$$

$E_2 = 80$ ରୁ ବଡ ମୌଳିକ ସଂଖ୍ୟା ମାନଙ୍କ ସେଟ୍ $\{83, 89, 97\}$

$|E_2| = 3$

$$P(E_2) = \frac{|E_2|}{|S|} = \frac{3}{100} \text{ (Ans)}$$

8.(b) ଦୁଇଟି ଲୁଡୁ ଗୋଟିକୁ ଏକା ସଙ୍ଗେ ଗଡେଇଲେ ଉଭୟ ଗୋଟିରେ ସଂଖ୍ୟା ଦ୍ୱୟର ଯୋଗଫଳ 10 ହେବାର ସମ୍ଭାବ୍ୟତା ନିର୍ଣ୍ଣୟ କର । ଏବଂ ସଂଖ୍ୟାଦ୍ୱୟର ଯୋଗଫଳ 9 ରୁ ବୃହତ୍ତର ହେବାର ସମ୍ଭାବ୍ୟତା କେତେ ହେବ ?

ସମାଧାନ :

$|S| = 6^2 = 36$

$E_1 =$ ସଂଖ୍ୟା ଦ୍ୱୟର ଯୋଗଫଳ10 ହେବାର ସେଟ୍

$E_1 = \{(4,6),(6,4),(5,5)\}$, $|E_1| = 3$

$$P(E_1) = \frac{|E_1|}{|S|} = \frac{3}{36} = \frac{1}{12}$$

$E_2 =$ ସଂଖ୍ୟା ଦ୍ୱୟର ଯୋଗଫଳ9 ରୁ ବୃହତ୍ତର ହେବାର ସଂଖ୍ୟା ମାନଙ୍କ ସେଟ୍

$\{(4, 6), (5, 5), (5, 6), (6, 4), (6, 5), (6, 6)\}$ $|E_2| = 6$

$$E_2 = \frac{|E_2|}{|S|} = \frac{6}{36} = \frac{1}{6} \text{ (Ans)}$$

Educata App

## ପଞ୍ଚମ ଅଧ୍ୟାୟ

# ପରିସଂଖ୍ୟାନ

**ପ୍ରତ୍ୟେକ ପ୍ରଶ୍ନ ପାଇଁ ଚାରୋଟି ବିକଳ୍ପ ଉତ୍ତର ଦିଆଯାଇଛି । ସେଥି ମଧ୍ୟରୁ ଠିକ୍ ଉତ୍ତରଟି ବାଛ ।**

1. ଏକ ତଥ୍ୟାବଳୀର ମାଧ୍ୟମାନ m ତଥ୍ୟାବଳୀର ପ୍ରତ୍ୟେକ ଲବ୍ଧାଙ୍କର ମାନ x ବଢ଼ିଲେ ତଥ୍ୟାବଳୀର ନୂତନ ମାଧ୍ୟମାନ କେତେ ହେବ ?

(A) $m + x$ (B) $m - x$

(C) $mx$ (D) $\frac{m}{x}$

2. ଏକ ତଥ୍ୟାବଳୀର ମାଧ୍ୟମାନ m, ତଥ୍ୟାବଳୀର ପ୍ରତ୍ୟେକ ଲବ୍ଧାଙ୍କର ମାନ y କମିଲେ ତଥ୍ୟାବଳୀର ନୂତନ ମାଧ୍ୟମାନ କେତେ ହେବ ?

(A) $my$ (B) $\frac{m}{y}$

(C) $m - y$ (D) $m + y$

3. ଗୋଟିଏ ତଥ୍ୟାବଳୀର ମଧ୍ୟମା 8 ହେଲେ ସେହି ତଥ୍ୟାବଳୀର ($M_0$) ଗରିଷ୍ଠକ ଓ (M) ମାଧ୍ୟମାନ ମଧ୍ୟରେ ଥିବା ଆନୁଭବିକ ସମ୍ପର୍କଟି କ'ଣ ?

(A) $M_0 - 3M = 24$

(B) $M_0 + 2M = 24$

(C) $M_0 - 24 = 3M$

(D) $M_0 - 3M = 24$

4. ଗୋଟିଏ ତଥ୍ୟାବଳୀର ମାଧ୍ୟମାନ 6 ହେଲେ ସେହି ତଥ୍ୟାବଳୀର ($M_0$) ଗରିଷ୍ଠକ ଓ ($M_d$) ମଧ୍ୟମା ମଧ୍ୟରେ ଥିବା ଆନୁଭବିକ ସମ୍ପର୍କଟି କ'ଣ ?

(A) $M_0 - 12 = 3M_d$

(B) $M_0 - 12 = 3M_d$

(C) $M_0 + 2M_d = 12$

(D) $M_0 = 3M_d - 12$

5. ଗୋଟିଏ ତଥ୍ୟାବଳୀର ଗରିଷ୍ଠକ 10 ହେଲେ ସେହି ତଥ୍ୟାବଳୀର ମାଧ୍ୟମାନ (M) ଓ ମଧ୍ୟମା ($M_d$) ମଧ୍ୟରେ ଥିବା ଆନୁଭବିକ ସମ୍ପର୍କ କ'ଣ ?

(A) $2M + 10 = 3M_d$

(B) $2M - 10 = 3M_d$

(C) $2M - 3M_d = 10$

(D) $2M - 2M_d = 10$

6. ଗୋଟିଏ ତଥ୍ୟାବଳୀର ଗରିଷ୍ଠକ = 3, ମଧ୍ୟମା = 7 ହେଲେ ମାଧ୍ୟମାନ କେତେ ?

(A) 18 (B) 12

(C) 9 (D) 8

7. ଗୋଟିଏ ତଥ୍ୟାବଳୀର ଗରିଷ୍ଠକ = 4, ମାଧ୍ୟମାନ = 7 ହେଲେ ମଧ୍ୟମା କେତେ ?

(A) 6 (B) 7

(C) 8 (D) 9

8. ଗୋଟିଏ ତଥ୍ୟାବଳୀର ମାଧ୍ୟମାନ = 4, ମଧ୍ୟମା = 5 ହେଲେ ଗରିଷ୍ଠକ କେତେ ?

(A) 5 (B) 6

(C) 7 (D) 4

9. M ମାଧ୍ୟମାନ ବିଶିଷ୍ଟ n ସଂଖ୍ୟକ ଲବ୍ଧାଙ୍କମାନଙ୍କ ମଧ୍ୟରୁ ପ୍ରତ୍ୟେକକୁ 5 ଦ୍ୱାରା ଭାଗ କଲେ, ନୂତନ ଲବ୍ଧାଙ୍କମାନଙ୍କର ମାଧ୍ୟମାନ କେତେ ହେବ ?

(A) $M + 5$ (B) $M - 5$

(C) $5M$ (D) $\frac{M}{5}$

10. 2M ମାଧ୍ୟମାନ ବିଶିଷ୍ଟ m ସଂଖ୍ୟକ ଲବ୍ଧାଙ୍କ ପ୍ରତ୍ୟେକରେ 6 ଯୋଗ କଲେ ନୂତନ ଲବ୍ଧାଙ୍କ ମାନଙ୍କର ମାଧ୍ୟମାନ କେତେ ହେବ ?

(A) $2M - 6$ (B) $2M + 6$

(C) $\frac{2M}{6}$ (D) $2M$

Edudia App

11. 5, 7, 6, 8, x ଓ 9 ଲବ୍ଧାଙ୍କ ମାନଙ୍କର ମାଧ୍ୟମାନ 8 ହେଲେ x ର ମାନ କେତେ ?

(A) 10 (B) 11
(C) 13 (D) 14

12. 24 ର ସମସ୍ତ ଗୁଣନୀୟକମାନଙ୍କର ମାଧ୍ୟମାନ କେତେ ?

(A) 6.5 (B) 7.5
(C) 8.5 (D) 9.5

13. 18 ର ସମସ୍ତ ଗୁଣନୀୟକମାନଙ୍କର ମଧ୍ୟମା କେତେ ?

(A) 4 (B) 4.5
(C) 6.5 (D) 5.5

14. ପ୍ରଥମ n ସଂଖ୍ୟକ ଗଣନ ସଂଖ୍ୟାର ମାଧ୍ୟମାନ କେତେ ?

(A) $n+1$ (B) $\frac{n(n+1)}{2}$
(C) $\frac{(n+1)}{2}$ (D) $\frac{n}{2}$

15. ପ୍ରଥମେ n ସଂଖ୍ୟକ ଧନାତ୍ମକ ଯୁଗ୍ମ ସଂଖ୍ୟାର ମାଧ୍ୟମାନ କେତେ ?

(A) $n-1$ (B) n
(C) $n+1$ (D) $n+2$

16. ପ୍ରଥମ n ସଂଖ୍ୟକ ଧନାତ୍ମକ ଅଯୁଗ୍ମ ସଂଖ୍ୟାର ମାଧ୍ୟମାନ କେତେ ?

(A) $(n-1)$ (B) $(n+1)$
(C) $n(n+1)$ (D) n

17. ପ୍ରଥମ 20 ଟି ଗଣନ ସଂଖ୍ୟାର ମଧ୍ୟମାନ କେତେ ?

(A) 10 (B) 11
(C) 10.5 (D) 11.5

18. ପ୍ରଥମ 16 ଟି ସମ୍ପ୍ରସାରିତ ସ୍ୱାଭାବିକ ସଂଖ୍ୟାର ମାଧ୍ୟମାନ କେତେ ?

(A) 7 (B) 7.5
(C) 8 (D) 8.5

19. (M) ମାଧ୍ୟମାନ, $(M_d)$ ମଧ୍ୟମା ଓ $(M_0)$ ଗରିଷ୍ଠକ ମଧ୍ୟରେ ଥିବା ସମ୍ପର୍କ ସୂତ୍ରଟି ନିମ୍ନୋକ୍ତମାନଙ୍କ ମଧ୍ୟରୁ କେଉଁଟି ?

(A) $3Md - 2M = M_0$
(B) $2M_0 - 3Md = 2M$
(C) $3M_0 - 2Md = 2M$
(D) $3M - 2M_0 = Md$

20. 4 ଜଣ ବାଳକଙ୍କର ମାଧ୍ୟମାନ ବୟସ 7 ବର୍ଷ ଓ 6 ଜଣ ବାଳିକାଙ୍କର ମାଧ୍ୟମାନ ବୟସ 12 ବର୍ଷ ହେଲେ, ଉଭୟ ବାଳକ ଓ ବାଳିକାଙ୍କର ମାଧ୍ୟମାନ ବୟସ କେତେ ?

(A) 11 (B) 12
(C) 10 (D) 8

21. 20 ଟି ଲବ୍ଧାଙ୍କର ଗରିଷ୍ଠକ 15 ପ୍ରତ୍ୟେକ ଲବ୍ଧାଙ୍କକୁ 2 ଗୁଣ କଲେ ନୂତନ ଗରିଷ୍ଠକ କେତେ ହେବ ?

(A) 15 (B) 20
(C) 25 (D) 30

22. a ଜଣ ଛାତ୍ରଙ୍କ ମାଧ୍ୟମାନ ବୟସ x ବର୍ଷ ଓ b ଜଣ ଛାତ୍ରୀଙ୍କ ମାଧ୍ୟମାନ ବୟସ y ବର୍ଷ ତେବେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ମାଧ୍ୟମାନ ବୟସ କେତେ ହେବ ?

(A) $\frac{ax-by}{ab}$ (B) $\frac{ax \times by}{ab}$
(C) $\frac{ax+by}{a+b}$ (D) $\frac{ax-by}{a+b}$

23. ନିମ୍ନ ଲବ୍ଧାଙ୍କ ମାନଙ୍କର ଗରିଷ୍ଠକ କେତେ ?

6, 6, 7, 8, 7, 7, 8, 7, 6, 8, 7, 7, 6, 6, 9

(A) 6 (B) 7
(C) 8 (D) 9

24. 3, 5, 7, 3, 8, 5, 8, 7 ତଥ୍ୟାବଳୀର ଗରିଷ୍ଠକ କେଉଁଟି ?

(A) 3 (B) 5
(C) 7 (D) ଏଠାରେ ଗରିଷ୍ଠକ ନାହିଁ

25. M ମାଧ୍ୟମାନ ବିଶିଷ୍ଟ 10 ଟି ଲବଧାଙ୍କ ମଧ୍ୟରୁ ପ୍ରତ୍ୟେକକୁ 2 ବଢ଼ାଇ ଦେଲେ, ନୂତନ ଲବ୍ଧାଙ୍କ 10 ଟିର ମଧ୍ୟମାନ କେତେ ହେବ ?

(A) $M+2$ (B) 2M
(C) 4M (D) $\frac{M-2}{4}$

Eduodia App

26. ପ୍ରଥମ ନଅଗୋଟି ଗଣନ ସଂଖ୍ୟାର ମଧ୍ୟମା କେତେ ?
(A) 5 (B) 3
(C) 6 (D) 4

27. $x_1, x_2 .... x_{10}$ ସଂଖ୍ୟାମାନଙ୍କର ମାଧ୍ୟମାନ m ହେଲେ $\sum_{i=1}^{10}(x_i - 3) = 10$ ହେଲେ m କେତେ ?
(A) 10 (B) 4
(C) 2 (D) 3

28. ତଥ୍ୟାବଳୀ 4, 5, 8, 4, 9, 5, 8, 9 ର ଗରିଷ୍ଠକ କେତେ ?
(A) 4 (B) 5
(C) 9 (D) ଗରିଷ୍ଠକ ନାହିଁ

29. x, x+2, x+4, x+6, x+8 ମାଧ୍ୟମାନ 7 ହେଲେ x ର ମୂଲ୍ୟ କେତେ ?
(A) 1 (B) 2
(C) 3 (D) 4

30. ପ୍ରଥମ 6 ଟି ଗଣନ ସଂଖ୍ୟାର ମାଧ୍ୟମା, ପ୍ରଥମ 7 ଟି ଗଣନ ସଂଖ୍ୟାର ମଧ୍ୟମା ଠାରୁ କେତେ କମ୍ ?
(A) 0 (B) 1
(C) 0.5 (D) 2

31. ପ୍ରଥମ 9 ଟି ଗଣନ ସଂଖ୍ୟାର ମଧ୍ୟମା, ପ୍ରଥମ 8 ଟି ଗଣନ ସଂଖ୍ୟାର ମଧ୍ୟମା ଠାରୁ କେତେ ବେଶି ?
(A) 1 (B) 0.5
(C) 2 (D) 1.5

32. 10 ମାଧ୍ୟମାନ ବିଶିଷ୍ଟ 10 ଟି ଲବ୍ଧାଙ୍କ ମଧ୍ୟରୁ ପ୍ରତ୍ୟେକକୁ 2 ବଢ଼ାଇଲେ ନୂତନ ଲବ୍ଧାଙ୍କ 10 ଟିର ମାଧ୍ୟମାନ କେତେ ହେବ ?
(A) 10 (B) 11
(C) 12 (D) 14

33. 7, 25, 11, 18, 37, 10, 16 ର ମଧ୍ୟମା କେତେ ?
(A) 11 (B) 16
(C) 18 (D) 16.5

34. $x_1, x_2, x_3.... x_n$ ଲବଧାଙ୍କମାନଙ୍କର ମାଧ୍ୟମାନ 10 ଓ $\sum_{i=1}^{n}(x - 8) = 24$ ହେଲେ n କେତେ ?
(A) 5 (B) 10
(C) 9.5 (D) 12

35. 12 ଟି ଲବଧାଙ୍କର ଗରିଷ୍ଠକ 16, ପ୍ରତ୍ୟେକ ଲବଧାଙ୍କକୁ 4 କମାଇ ଦେଲେ ନୂତନ ଗରିଷ୍ଠକ କେତେ ହେବ ?
(A) 6 (B) 12
(C) 15 (D) 20

36. $x_1, x_2, x_3.... x_{10}$ ସଂଖ୍ୟାମାନଙ୍କର ମାଧ୍ୟମାନ m ହେଲେ $\sum_{i=1}^{10}(x_1 - 3)$ ର ମାନ କେତେ ?
(A) 10(m–3) (B) 10m – 3
(C) 3m - 10 (D) 3m – 30

37. $x_1, x_2, x_3, x_4, x_5, x_6,$ ସଂଖ୍ୟାମାନଙ୍କର ମାଧ୍ୟମାନ m ହେଲେ $\sum_{i=1}^{6}(x_1 - m)$ ର ମାନ କେତେ ?
(A) 0 (B) 6
(C) – 6 (D) 36

38. m ମାଧ୍ୟମାନ ବିଶିଷ୍ଟ n ସଂଖ୍ୟକ ଲବ୍ଧାଙ୍କ ମଧ୍ୟରୁ ପ୍ରତ୍ୟେକରୁ x ବିୟୋଗ କଲେ ନୂତନ ଲବଧାଙ୍କ ମାନଙ୍କର ମାଧ୍ୟମାନ କେତେ ?
(A) m (B) m + x
(C) mx (D) m – x

39. ଭୁଲକ୍ରମେ 20 କୁ 28 ନେଇ ଚାରୋଟି ରାଶିର ମାଧ୍ୟମାନ ନିରୂପଣ କରିବାରୁ 75 ହେଲା । ପ୍ରକୃତ ମାଧ୍ୟମାନ କେତେ ?
(A) 73 (B) 74
(C) 72 (D) 76

40. ପ୍ରଥମ 10 ଗୋଟି ମୌଳିକ ସଂଖ୍ୟାର ମଧ୍ୟମା କେତେ ?
(A) 11 (B) 12
(C) 13 (D) 14

Eduodia App

41. ପ୍ରଥମ 8 ଗୋଟି ଯୌଗିକ ସଂଖ୍ୟାର ମଧ୍ୟମା କେତେ ?

(A) 6.5 (B) 7.5

(C) 8.5 (D) 9.5

42. ପ୍ରଥମ 20ଟି ଯୁଗ୍ମ ଗଣନ ସଂଖ୍ୟର ମାଧ୍ୟମାନ ପ୍ରଥମ 20ଟି ଗଣନ ସଂଖ୍ୟାର ମାଧ୍ୟମାନର କେତେ ଗୁଣ ଅଟେ ?

(A) 2 (B) 3

(C) 4 (D) 1

43. 998.9, 999.1, 1000.3, 1000.6, 1001.1 ର ମାଧ୍ୟମାନ କେତେ ?

(A) 998 (B) 999

(C) 1000 (D) 1001

44. m ମାଧ୍ୟମାନ ବିଶିଷ୍ଟ n ସଂଖ୍ୟକ ଲବ୍ଧାଙ୍କମାନଙ୍କ ମଧ୍ୟରୁ ପ୍ରତ୍ୟେକକୁ 4 ଦ୍ୱାରା ଭାଗ କଲେ ନୂତନ ଲବ୍ଧାଙ୍କମାନଙ୍କର ମାଧ୍ୟମାନ କେତେ ହେବ ?

(A) m (B) $\frac{m}{4}$

(C) $\frac{m}{5}$ (D) 4m

45. ଗୋଟିଏ ସାଂଖ୍ୟିକ ତଥ୍ୟାବଳୀ ଅନ୍ତର୍ଗତ ସମସ୍ତ ଲବ୍ଧାଙ୍କର ହାରାହାରି ମାପକୁ ତଥ୍ୟାବଳୀର କ'ଣ କୁହାଯାଏ ?

A. ମାଧ୍ୟମାନ B.ମଧ୍ୟମା

C. ଗରିଷ୍ଠକ D. ମଧ୍ୟକ

46. ବଡରୁ ସାନ ବା ସାନରୁ ବଡ କ୍ରମରେ ସଜା ଯାଇଥିବା ସମସ୍ତ ଲବ୍ଧାଙ୍କର ମଧ୍ୟମ ଲବ୍ଧାଙ୍କକୁ କ'ଣ କୁହାଯାଏ ?

A. ମାଧ୍ୟମାନ B.ମଧ୍ୟମା

C. ଗରିଷ୍ଠକ D. ମଧ୍ୟକ

47. କୌଣସି ସାଂଖ୍ୟିକ ତଥ୍ୟାବଳୀରେ ଥିବା ସର୍ବାଧିକ ବାରମ୍ବାରତା ବିଶିଷ୍ଟ ଲବ୍ଧାଙ୍କକୁ ଉକ୍ତ ତଥ୍ୟାବଳୀର କ'ଣ କୁହାଯାଏ ?

A. ମାଧ୍ୟମାନ B.ମଧ୍ୟମା

C. ଗରିଷ୍ଠକ D. ମଧ୍ୟକ

48. ଏକ ସମାନ୍ତର ପ୍ରଗତିରେ ଥିବା ସାତୋଟି କ୍ରମିକ ପଦର ମାଧ୍ୟମାନ ସେମାନଙ୍କର କେଉଁ ପଦ ସଙ୍ଗେ ସମାନ ?

A. ତୃତୀୟ B. ପଞ୍ଚମ

C. ଚତୁର୍ଥ D. ସପ୍ତମ

49. 15 ଗୋଟି ସଂଖ୍ୟାର ମାଧ୍ୟମାନ 17, ପ୍ରତ୍ୟେକ ସଂଖ୍ୟାକୁ 2 ଦ୍ୱାରା ଗୁଣିଲେ ମାଧ୍ୟମାନ କେତେ ହେବ ?

A. 8.5 B. 17

C. 25.5 D. 34

50. ପ୍ରଥମ 'n' ସଂଖ୍ୟକ ସଂପ୍ରସାରିତ ସ୍ୱାଭାବିକ ସଂଖ୍ୟାର ମାଧ୍ୟମାନ କେତେ ?

A. $\frac{n-1}{2}$ B. $\frac{n}{2}$

C. $\frac{n+1}{2}$ D. n

51. 'm' ମାଧ୍ୟମାନ ବିଶିଷ୍ଟ 10ଟି ଲବ୍ଧାଙ୍କ ମଧ୍ୟରୁ ପ୍ରତ୍ୟେକକୁ 2 ବଢ଼ାଇଲେ ନୂତନ ଲବ୍ଧାଙ୍କ 10 ଟିର ମାଧ୍ୟମାନ କେତେ ହେବ ?

A. m B. 2m

C. $m^2$ D. m + 2

52. 35 ମାଧ୍ୟମାନ ବିଶିଷ୍ଟ n ସଂଖ୍ୟକ ଲବ୍ଧାଙ୍କ ମାନଙ୍କ ମଧ୍ୟରୁ ପ୍ରତ୍ୟେକକୁ 5 ଦ୍ୱାରା ଭାଗ କଲେ ନୂତନ ଲବ୍ଧାଙ୍କ ମାନଙ୍କର ମାଧ୍ୟମାନ କେତେ ହେବ ?

A. 35 B. 7

C. 5 D. 30

53. ନିମ୍ନଲିଖିତ ମଧ୍ୟରୁ କେଉଁଟି ଲେଖଚିତ୍ର ସାହାଯ୍ୟରେ ନିର୍ଣ୍ଣୟ କରିହେବ ନାହିଁ ?

A. ମାଧ୍ୟମାନ B. ମଧ୍ୟମା

C. ଗରିଷ୍ଠକ D. ମଧ୍ୟକ

54. 30, 34, 35, 36, 37, 38, 39, 40 ଲବ୍ଧାଙ୍କ ମଧ୍ୟରୁ 35 କୁ ବାଦ୍ ଦେଲେ ମାଧ୍ୟମାନ କେତେ ବୃଦ୍ଧି ପାଇବ ?

A. 2 B. 1.5

C. 1 D. 0.16

55. 12, 13, 16, x+2, x+4, 28, 30, 35 ଲବ୍ଧାଙ୍କ ମାନଙ୍କର ମାଧ୍ୟମାନ 23 ହେଲେ x ର ମାନ କେତେ ?

Eduodia App

A. 18　　B. 19
C. 20　　D. 22

56. 54 ର ସମସ୍ତ ଗୁଣନୀୟକ ମାନଙ୍କର ମାଧ୍ୟମାନ କେତେ ?
A. 15　　B. 14.5
C. 14　　D. 15.5

57. ବଡ଼ରୁ ସାନ କ୍ରମରେ 19 ଟି ଲବ୍ଧାଙ୍କ ବିଶିଷ୍ଟ ତଥ୍ୟାବଳୀର ମଧ୍ୟମା ଏହାର ଆରମ୍ଭରୁ କେତେ ତମ ସ୍ଥାନରେ ଥିବା ଲବ୍ଧାଙ୍କ ସହ ସମାନ ?
A. ସପ୍ତମ　　B. ନବମ
C. ଏକାଦଶ　　D. ଦଶମ

58. 5, 8, 3, 7, 11, 27, 16 ଏହି ତଥ୍ୟାବଳୀର ମଧ୍ୟମା କେତେ ?
A. 7　　B. 8
C. 11　　D. 16

59. ପ୍ରଥମ ଅଣଚାଶ ଗୋଟି ଗଣନ ସଂଖ୍ୟାର ମଧ୍ୟମା କେତେ ?
A. 25　　B. 24
C. 26　　D. 1

60. ପ୍ରଥମ ଏଗାର ଗୋଟି ଯୌଗିକ ସଂଖ୍ୟାର ମଧ୍ୟମା କେତେ ?
A. 10　　B. 12
C. 13　　D. 14

61. 17, 13, 20, 15, ତଥ୍ୟାବଳୀର ମଧ୍ୟମା 'x' ହେଲେ xର ମାନ କେତେ ?
A. 14　　B. 16
C. 18　　D. 19

62. ପ୍ରଥମ 9 ଗୋଟି ଗଣନ ସଂଖ୍ୟାର ମଧ୍ୟମା 15 ଗୋଟି ଗଣନ ସଂଖ୍ୟାର ମଧ୍ୟମା ଠାରୁ କେତେ କମ୍ ?
A. 1　　B. 2
C. 3　　D. 4

63. ଏଥି ମଧ୍ୟରୁ କେଉଁଟି କେନ୍ଦ୍ରୀୟ ପ୍ରବଣତା ନୁହେଁ ?
A. ମାଧ୍ୟମାନ　　B.ମଧ୍ୟମା
C. ସମାନ୍ତର ମଧ୍ୟକ　　D. ଗରିଷ୍ଠକ

64. 32 ଟି ଲବ୍ଧାଙ୍କର ମାଧ୍ୟମାନ ନିର୍ଣ୍ଣୟ କର ଯେଉଁଥିରେ ପ୍ରଥମ 10 ଟି ଲବ୍ଧାଙ୍କର ମାଧ୍ୟମାନ 12, ପରବର୍ତ୍ତୀ 20 ଲବ୍ଧାଙ୍କର ମାଧ୍ୟମାନ 9 ଓ ଶେଷ ଦୁଇଟି ଲବ୍ଧାଙ୍କ 10
A. 10　　B. 12
C. 13　　D. 14

65. ଯଦି ପ୍ରଥମ n ଟି ଗଣନ ସଂଖ୍ୟାର ମାଧ୍ୟମାନ $\frac{3n}{5}$ ହୁଏ ତେବେ n ର ମୂଲ୍ୟ କେତେ ?
A. 3　　B. 4
C. 5　　D. 6

66. a, a + 3, a + 6, a + 9 ଏବଂ a + 12 ର ମାଧ୍ୟମାନ 10 ହେଲେ a ର ମାନ ନିର୍ଣ୍ଣୟ କର।
A. 1　　B. 2
C. 3　　D. 4

67. 3, 5, 7, 3, 8, 5, 8, 7 ଲବ୍ଧାଙ୍କ ମାନଙ୍କର କେଉଁ କେନ୍ଦ୍ରୀୟ ପ୍ରବଣତାଟି ନିର୍ଣ୍ଣୟ କରିହେବ ନାହିଁ ?
A. ମାଧ୍ୟମାନ　　B. ମଧ୍ୟମା
C. ଗରିଷ୍ଠକ　　D. ଏଥିମଧ୍ୟରୁ ସମସ୍ତ

68. 7, 8, 9, 9, 10, 11, 11, 12, 12, 11, 14, 14 ତଥ୍ୟାବଳୀର ଗରିଷ୍ଠକ ନିର୍ଣ୍ଣୟ କର।
A. ଗରିଷ୍ଠକ ନାହିଁ　　B. 10.5
C. 11　　D. 12

69. ଗୋଟିଏ ତଥ୍ୟାବଳୀର ମାଧ୍ୟମାନ 15 ଓ ଗରିଷ୍ଠକ 12 ହେଲେ ମଧ୍ୟମା ନିର୍ଣ୍ଣୟ କର।
A. 12　　B. 14
C. 15　　D. 16

70. ଗରିଷ୍ଠକ କହିଲେ କ'ଣ ବୁଝ ?
A. ସର୍ବନିମ୍ନ ବାରମ୍ବାରତା ବିଶିଷ୍ଟ ଲବ୍ଧାଙ୍କ
B. ସର୍ବାଧିକ ବାରମ୍ବାରତା ବିଶିଷ୍ଟ ଲବ୍ଧାଙ୍କ
C. ଲବ୍ଧାଙ୍କ ଗୁଡିକର ହାରାହାରି ମୂଲ୍ୟ
D. ସର୍ବାଧିକ ମୂଲ୍ୟ ବିଶିଷ୍ଟ ଲବ୍ଧାଙ୍କ

71. ପ୍ରଥମ 11 ଟି ମୌଳିକ ସଂଖ୍ୟାର ମଧ୍ୟମା କେତେ ?
A. 11　　B. 17
C. 13　　D. 19

Eduodia App

72. x + 3, x – 2, x + 5, x + 7 ଓ x + 2 ର ମଧ୍ୟମା କେତେ ?

A. x + 5 B. x + 2
C. x – 2 D. x + 3

73. ପ୍ରଥମ 6ଟି ଯୁଗ୍ମ ସଂଖ୍ୟା ଗୁଡିକର ମାଧ୍ୟମାନ ପ୍ରଥମ 6ଟି ଅଯୁଗ୍ମ ସଂଖ୍ୟା ମାନଙ୍କର ମାଧ୍ୟମାନଠାରୁ କେତେ ଅଧିକ ?

A. 0 B. 2
C. 1 D. 3

74. 12, 14, 19, 16, x, 12, 16, 19, 12 ଲବ୍ଧାଙ୍କ ଗୁଡିକର ଗରିଷ୍ଠକ 16 ହେଲେ x ର ମୂଲ୍ୟ ନିର୍ଣ୍ଣୟ କର ।

A. 12 B. 16
C. 19 D. 18

75. ପ୍ରଥମ 10 ଟି ଲବ୍ଧାଙ୍କର ମାଧ୍ୟମାନ 15 ପରବର୍ତ୍ତୀ 20 ଟି ଲବ୍ଧାଙ୍କର ମାଧ୍ୟମାନ 24 ହେଲେ 30 ଟି ଯାକ ଲବ୍ଧାଙ୍କର ମାଧ୍ୟମାନ କେତେ ହେବ ?

A. 20 B. 15
C. 21 D. 24

76. ଯେଉଁ ଲବ୍ଧାଙ୍କର ରାଶିକୃତ ବାରମ୍ବାରତା ମଧ୍ୟମ ସ୍ଥାନ (M) ଅପେକ୍ଷା ଠିକ୍ ବୃହତ୍ତର ସେହି ଲବ୍ଧାଙ୍କକୁ ତଥ୍ୟାବଳୀର କ'ଣ କୁହାଯାଏ ?

A. ମଧ୍ୟମା B. ମାଧ୍ୟମାନ
C. ଗରିଷ୍ଠକ D. କୌଣସିଟି ନୁହେଁ

## ପରିସଂଖ୍ୟାନ ଉତ୍ତର ଫର୍ଦ୍ଦ (ANSWER SHEET)

| | | | | | | | | | | | |
|---|---|---|---|---|---|---|---|---|---|---|---|
| 1. A | 2. C | 3. B | 4. D | 5. A | 6. C | 7. A | 8.C | 9. D | 10. B | 11. C | 12. B |
| 13. B | 14. C | 15. C | 16. D | 17. C | 18. B | 19. A | 20. C | 21. D | 22. C | 23. B | 24. D |
| 25. A | 26. A | 27. B | 28. D | 29. C | 30 C | 31. B | 32. C. | 33. B | 34. D | 35. B | 36. A |
| 37. A | 38. D | 39. A | 40. B | 41. D | 42. A | 43. C | 44. B | 45. A | 46. B | 47. C | 48. C |
| 49. D | 50. A | 51. D | 52. B | 53. A | 54.D | 55. D | 56. A | 57. D | 58. B | 59. A | 60. B |
| 61. B | 62. C | 63. C | 64. A | 65. C | 66. D | 67. C | 68. C | 69. B | 70. B | 71. C | 72. D |
| 73. C | 74. B | 75. C | 76. A | | | | | | | | |

Eduodia App

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (5 ନମ୍ବର ସମ୍ବଳିତ)

1. ନିମ୍ନ ସାରଣୀରେ ୪0 ଜଣ ଶିକ୍ଷାର୍ଥୀଙ୍କର ଗଣିତ ବିଷୟରେ ପାଇଥିବା ନମ୍ବର ଦିଆଯାଇଛି। ଉକ୍ତ ତଥ୍ୟାବଳୀର ମାଧ୍ୟମାନ ଓ ମଧ୍ୟମା ନିର୍ଣ୍ଣୟ କର ।

| ଗଣିତରେ ରଖିଥିବା ନମ୍ବର | 10 ରୁ କମ୍ | 20 ରୁ କମ୍ | 30 ରୁ କମ୍ | 40 ରୁ କମ୍ | 50 ରୁ କମ୍ | 60 ରୁ କମ୍ |
|---|---|---|---|---|---|---|
| ଶିକ୍ଷାର୍ଥୀ ସଂଖ୍ୟା | 3 | 12 | 27 | 57 | 75 | 80 |

ଉତ୍ତର :

| ସଂଭାଗ | ବାରମ୍ବାରତା (f) | ରାଶିକୃତ ବାରମ୍ବାରତା (c.f) | ସଂଭାଗ ମଧ୍ୟବିନ୍ଦୁ (x) | f(x) |
|---|---|---|---|---|
| 0-10 | 03 | 3 | 5 | 15 |
| 10-20 | 09 | 12 | 15 | 135 |
| 20-30 | 15 | 27 | 25 | 375 |
| 30-40 | 30 | 57 | 35 | 1050 |
| 40-50 | 18 | 75 | 45 | 810 |
| 50-60 | 05 | 80 | 55 | 275 |

$\Sigma f = 80$ $\Sigma f(x) = 2660$

ମାଧ୍ୟମାନ $= \frac{\Sigma f(x)}{\Sigma f} = \frac{2660}{80} = 33.25$ (ଉତ୍ତର)

| ସଂଭାଗ | ବାରମ୍ବାରତା (f) | ରାଶିକୃତ ବାରମ୍ବାରତା (c.f) |
|---|---|---|
| 0-10 | 03 | 3 |
| 10-20 | 09 | 12 |
| 20-30 | 15 | 27 |
| 30-40 | 30 | 57 |
| 40-50 | 18 | 75 |
| 50-60 | 05 | 80 |

$n = 80$

ଏଠାରେ ମଧ୍ୟମ ସ୍ଥାନ (m) $= \frac{n}{2} = \frac{80}{2} = 40$

40 ଠାରୁ ଠିକ୍ ବୃହତ୍ତର ରାଶିକୃତ ବାରମ୍ବାରତା = 57

ମଧ୍ୟମା ସଂଭାଗ (30 – 40)

$\therefore l = 30,\ f = 30, c = 27$

$\therefore i = 40 - 30 = 10$

Eduodia App

$\therefore$ ମଧ୍ୟମା (Md) = $l + \frac{m-c}{f} \times i$

$$= 30 + \frac{40-27}{30} \times 10$$

$$= 30 + \frac{13}{3} = 30 + 4.3 = 34.3$$ (ଉତ୍ତର)

2. (a) ନିମ୍ନ ସାରଣୀରେ ଥିବା ତଥ୍ୟାବଳୀର ମାଧ୍ୟମାନ ଉପଯୁକ୍ତ ଆରମ୍ଭ ବିନ୍ଦୁ ନେଇ ସଂକ୍ଷିପ୍ତ ପ୍ରଣାଳୀ / ବିଚ୍ୟୁତି ପ୍ରଣାଳୀ ସାହାଯ୍ୟରେ ନିର୍ଣ୍ଣୟ କର ।

(b) ନିମ୍ନ ସାରଣୀରେ ଥିବା ତଥ୍ୟାବଳୀର ମଧ୍ୟମା ନିର୍ଣ୍ଣୟ କର ।

| ସଂଭାଗ | 0-10 | 10-20 | 20-30 | 30-40 | 40-50 | 50-60 | 60-70 |
|---|---|---|---|---|---|---|---|
| ବାରମ୍ବାରତା | 1 | 7 | 24 | 36 | 25 | 6 | 1 |

**ଉତ୍ତର :**

2.(a)

| ସଂଭାଗ | ବାରମ୍ବାରତା (f) | ସଂଭାଗର ମଧ୍ୟବିନ୍ଦୁ (x) | ବିଚ୍ୟୁତି (y) = X – A | (fy) |
|---|---|---|---|---|
| 0-10 | 1 | 5 | –30 | –30 |
| 0-20 | 7 | 15 | –20 | –140 |
| 20-30 | 24 | 25 | –10 | –240 |
| 30-40 | 36 | 35 | 0 | 0 |
| 40-50 | 25 | 45 | 10 | 250 |
| 50-60 | 6 | 55 | 20 | 120 |
| 60-70 | 1 | 65 | 30 | 30 |
| | Σf = 100 | | | Σfy = –10 |

ଏଠାରେ ଆରମ୍ଭ ବିନ୍ଦୁ A = 35

ମାଧ୍ୟମାନ = $A + \frac{\Sigma fy}{\Sigma f}$

$$= 35 + \left(\frac{-10}{100}\right)$$

$$= 35 - 0.1$$

$$= 34.9$$ (ଉତ୍ତର)

Eduodia App

2.(b

| ସଂଭାଗ | ବାରମ୍ବାରତା (f) | ରାଶିକୃତ ବାରମ୍ବାରତା (c.f) |
**ସମାଧାନ :** ଏକ ସଡ଼କରେ ଲାଗିଥିବା LED ଲାଇଟ୍ ପୋଷ୍ଟଗୁଡ଼ିକର ଯାତ୍ରା ଆରମ୍ଭ ସ୍ଥାନରୁ ଦୂରତା ଏକ A.P. ରେ ଅବସ୍ଥିତ ।

ମନେକର AP ର ପ୍ରଥମ ପଦ = a

ସାଧାରଣ ଅନ୍ତର = d

5 ମ ଲାଇଟ୍ ପୋଷ୍ଟର ଦୂରତା = 45 କି.ମି.

$t_5 = 45$

$\Rightarrow \quad a + 4d = 45 \qquad ..... (i)$

ପୁନଶ୍ଚ, ଅଷ୍ଟମ ଲାଇଟ୍ ପୋଷ୍ଟର ୂରତା = 55 କି.ମି.

$t_8 = 75$

$\Rightarrow \quad a + 7d = 75 \qquad ..... (ii)$

ସମୀକରଣ (ii) ରୁ (i) କୁ ବିୟୋଗ କଲେ,

$\Rightarrow \quad (a+7d) - (a+4d) = 75 - 45$

$\Rightarrow \quad a + 7d - a - 4d = 30$

$\Rightarrow \quad 3d = 30$

$\Rightarrow \quad d = \frac{30}{3} = 10$

d ର ମାନ ସମୀକରଣ (i) ରେ ସ୍ଥାପନ କଲେ

$a + 4d = 45$

$\Rightarrow \quad a + 4\times 10 = 45$

$\Rightarrow \quad a + 40 = 45$

$\Rightarrow \quad a = 45 - 40 = 5$

ତେବେ 10 ଟି ଲାଇଟ୍ ପୋଷ୍ଟ ଦୂରତା $= t_{10}$

$t_{10} = a + 9d = 5 + 9\times 10 = 5 + 90 = 95$ କି.ମି.

ବସ୍‌ଟି 10 ଟି ଲାଇଟ୍ ପୋଷ୍ଟକୁ ଅତିକ୍ରମ କରେ = 2 ଘଣ୍ଟାରେ

ତେବେ ବସ୍‌ର ଘଣ୍ଟାପ୍ରତି ବେଗ $= \frac{95}{2} = 47.5$ କି.ମି.

∴ ବସ୍‌ଟିର ଘଣ୍ଟା ପ୍ରତି ବେଗ 47.5 କି.ମି. । (ଉତ୍ତର)

Eduodia App

Odisha 1 to 10 All Books App

# ଗଣିତ

# (ଜ୍ୟାମିତି)

Eduodia App

Odisha 1 to 10 All Books App

Eduodia App

Odisha 1 to 10 All Books App

## ପ୍ରଥମ ଅଧ୍ୟାୟ

# ଜ୍ୟାମିତିରେ ସାଦୃଶ୍ୟ

**ପ୍ରତ୍ୟେକ ପ୍ରଶ୍ନ ପାଇଁ ଚାରୋଟି ବିକଳ୍ପ ଉତ୍ତର ଦିଆଯାଇଛି । ସେଥି ମଧ୍ୟରୁ ଠିକ୍ ଉତ୍ତରଟି ବାଛ ।**

1. ଦୁଇଗୋଟି ସମାନ ଭୂମି ବିଶିଷ୍ଟ $\Delta$ ର କ୍ଷେତ୍ରଫଳର ଅନୁପାତ ସେମାନଙ୍କର ଅନୁରୂପ ____ ର ଅନୁପାତ ସହ ସମାନ ।
(a) ଉଚ୍ଚତା (b) ମଧ୍ୟମା
(c) $(\text{ଉଚ୍ଚତା})^2$ (d) $(\text{ମଧ୍ୟମା})^2$

2. ନିମ୍ନସ୍ଥ ଚିତ୍ରରେ $L_1 \parallel L_2$ ଓ $T_1, T_2$ ଦୁଇଗୋଟି ଛେଦକ ତେବେ $AE : AB =$ ____ ।




(a) CE : ED (b) CE : CD
(c) DE : CE (d) CE : ED

3. ଦତ୍ତ ଚିତ୍ରରେ $L_1 \parallel L_2 \parallel L_3$ ଏବଂ $T_1$ ଓ $T_2$ ଦୁଇଗୋଟି ଛେଦକ ଯଥାକ୍ରମେ $L_1, L_2$ ଓ $L_3$ କୁ A, B, C ଏବଂ D, E, F ବିନ୍ଦୁରେ ଛେଦ କରେ । DE=EF=CF = 10 ସେ.ମି. AD = 4 ସେ.ମି. ହେଲେ EB = ____ ସେ.ମି. ।




(a) 6 ସେ.ମି. (b) 2.5 ସେ.ମି.
(c) 14 ସେ.ମି. (d) 3 ସେ.ମି.

4. ଦତ୍ତ ଚିତ୍ରରେ $PM = \frac{2}{3}PQ$, $NR = 1.2$ ସେ.ମି. ଓ $\overline{MN} \parallel \overline{QR}$ ହେଲେ PR = ____ ସେ.ମି. ।




(a) 3.6 (b) 3.7 (c) 4 (d) 4.6

5. ଏକ ଯୋଡା ସମାନ୍ତର ସରଳରେଖା ମଧ୍ୟରେ ଥିବା ତ୍ରିଭୁଜ ଗୁଡ଼ିକର ____ ସମାନ ।
(a) ଭୂମିର ଦୈର୍ଘ୍ୟ (b) ମଧ୍ୟମାର ଦୈର୍ଘ୍ୟ
(c) ଉଚ୍ଚତା ର ଦୈର୍ଘ୍ୟ (d) ମଧ୍ୟମା ର ଦୈର୍ଘ୍ୟର ବର୍ଗ

6. ତ୍ରିଭୁଜ ABC ରେ X ଓ Y ଯଥାକ୍ରମେ $\overline{AB}$ ଓ $\overline{AC}$ ଉପରିସ୍ଥ ଦୁଇଗୋଟି ବିନ୍ଦୁ ଯେପରିକି $\overline{XY} \parallel \overline{BC}$ , ତେବେ $BX : AX = (____)^{-1}$ ।
(a) AY : CY (b) CY : AY
(c) AC : AY (d) CY : AC

7. ନିମ୍ନସ୍ଥ ଚିତ୍ରରେ $\angle BAC$ ର ସମଦ୍ୱିଖଣ୍ଡକ $\overline{BC}$ କୁ D ବିନ୍ଦୁରେ ଛେଦ କରେ, ତେବେ $\Delta ABD$ ଓ $\Delta ADC$ ର କ୍ଷେତ୍ରଫଳର ଅନୁପାତ ____ ।




(a) AB : DC (b) AB : AC
(c) BD : AC (d) AD : BC

Eduodia App

8. ଦୁଇଗୋଟି ସଦୃଶ ତ୍ରିଭୁଜର କ୍ଷେତ୍ରଫଳର ଅନୁପାତ ସେମାନଙ୍କର ଅନୁରୂପ ମଧ୍ୟମାର _____ ସହ ସମାନ ।

(a) ବର୍ଗାନୁପାତ (b) ଉପବର୍ଗାନୁପାତ
(c) ଘନାନୁପାତ (d) ବ୍ୟସ୍ତାନୁପାତ

9. ଦୁଇଗୋଟି ସମକୋଣୀ ସମଦ୍ୱିବାହୁ ତ୍ରିଭୁଜର ପରିସୀମା ଯଥାକ୍ରମେ 40 ସେ.ମି. ଓ 60 ସେ.ମି. ହେଲେ ସେମାନଙ୍କର କ୍ଷେତ୍ରଫଳର ଅନୁପାତ =_____ ।

(a) 4:9 (b) 2:3 (c) 9:4 (d) 3:2

10. ନିମ୍ନସ୍ଥ ଚିତ୍ରରେ $\overline{XY} \parallel \overline{BC}$, $AX = 4BX$, $CY = 5$ ସେ:ମି ହେଲେ, $AY =$ _____ ସେ:ମି ।




(a) 15 (b) 12 (c) 18 (d) 20

11. $\Delta ABC$ ଓ $\Delta DEF$ ଦ୍ୱୟ ମଧ୍ୟରେ $\frac{AB}{DE} = \frac{AC}{DF}$ ଏବଂ $m\angle A = m\angle D$ ହେଲେ ନିମ୍ନସ୍ଥ କେଉଁ ଉକ୍ତିଟି ଠିକ୍ ଅଟେ ।

(a) $\Delta ABC \sim \Delta EDF$ (b) $\Delta CBA \sim \Delta DEF$
(c) $\Delta ABC \sim \Delta DEF$ (d) $\Delta ABC \sim \Delta FED$

12. $\Delta ABC \sim \Delta DEF$ $\angle A \cong \angle D$ ଓ $\angle B \cong \angle E$, AB = 3 ସେ.ମି., BC = 5 ସେ.ମି. ଏବଂ DE = 7.5 ସେ.ମି. ହେଲେ EF = ____ ସେ.ମି. ।

(a) 10.5 (b) 13 (c) 9 (d) 12.5

13. ଦୁଇଗୋଟି ସମବାହୁ ତ୍ରିଭୁଜର କ୍ଷେତ୍ରଫଳର ଅନୁପାତ 16:25 ହେଲେ, ସେମାନଙ୍କ ଅନୁରୂପ ମଧ୍ୟମାଦ୍ୱୟର ଅନୁପାତ _____ ।

(a) 5 : 4 (b) 4 : 5
(c) 16 : 5 (d) 16 : 25

14. ପାର୍ଶ୍ୱସ୍ଥ ଚିତ୍ରରେ $L_1 \parallel L_2 \parallel L_3$ ଓ $T_1, T_2$ ଦୁଇଗୋଟି ଛେଦକ । AB = 1.5BC ହେଲେ EF : FD = _____ ।




(a) 5 : 2 (b) 2 : 5 (c) 3 : 4 (d) 3 : 2

15. $\Delta ABC$ ରେ X, $\overline{AB}$ ର ମଧ୍ୟବିନ୍ଦୁ ଓ $\overline{XY} \parallel \overline{BC}$, ତେବେ XBCY ଟ୍ରାପିଜିୟମ୍ ଓ $\Delta AXY$ ର କ୍ଷେତ୍ରଫଳର ଅନୁପାତ _____ ।




(a) 1 : 3 (b) 4 : 1 (c) 1 : 4 (d) 3 : 1

16. ଦତ୍ତ ଚିତ୍ରରେ $\overline{ST} \parallel \overline{QR}$, PS : SQ = 2 : 3, $\Delta PST$ ଓ $\Delta PQR$ ଦ୍ୱୟର କ୍ଷେତ୍ରଫଳର ଅନୁପାତ = _____ ।




(a) 4 : 25 (b) 25 : 4 (c) 4 : 9 (d) 9 : 4

17. $\Delta ABC$ ରେ $\angle B$ ର ସମଦ୍ୱିଖଣ୍ଡକ AC କୁ 'E' ବିନ୍ଦୁରେ ଏବଂ $\angle C$ ର ସମଦ୍ୱିଖଣ୍ଡକ $\overline{AB}$ କୁ 'F' ବିନ୍ଦୁରେ ଛେଦ

Edudia App

କରେ । $\overline{FE} \parallel \overline{BC}$ । ତେବେ ABC କେଉଁ ପ୍ରକାର ତ୍ରିଭୁଜ ହେବ ?

(a) ସମକୋଣୀ (b) ବିଷମ ବାହୁ

(c) ସମଦ୍ୱିବାହୁ (d) ସମବାହୁ

18. ତ୍ରିଭୁଜ ABC ରେ $\angle A, \angle B$ ଓ $\angle C$ ର ସମଦ୍ୱିଖଣ୍ଡକ $\overline{BC}$, $\overline{CA}$ ଓ $\overline{AB}$ କୁ ଯଥାକ୍ରମେ D, E ଓ F ବିନ୍ଦୁରେ ଛେଦ କରେ, ତେବେ $\frac{BD}{DC} \times \frac{AF}{FB} =$ ____ ।

(a) $\frac{EA}{CE}$ (b) $\frac{CE}{EA}$ (c) $\frac{DC}{BD}$ (d) $\frac{FB}{FA}$

19. ତ୍ରିଭୁଜ ABC ରେ $\angle BAC$ ର ସମଦ୍ୱିଖଣ୍ଡକ $\overline{BC}$ କୁ 'P' ବିନ୍ଦୁରେ ଛେଦ କରେ, AB = 4 ସେ:ମି. AC = 5 ସେ:ମି, BP = 8 ସେ.ମି. ହେଲେ, BC = ____ ସେ:ମି ।

(a) 12 (b) 21 (c) 18 (d) 14

20. $\Delta XYZ$ ରେ K ଓ L ଯଥାକ୍ରମେ $\overline{XY}$ ଓ $\overline{XZ}$ ର ମଧ୍ୟବିନ୍ଦୁ । ତେବେ KL : YZ = ____ ।

(a) 1 : 1 (b) 2 : 1 (c) 1 : 4 (d) 1 : 2

21. ନିମ୍ନ ଚିତ୍ରରେ QT : TR = PQ : PR $m\angle Q = 80^0$ ଓ $m\angle R = 60^0$ ହେଲେ $m\angle PTR =$ ____ ।




(a) $55^0$ (b) $65^0$ (c) $100^0$ (d) $75^0$

22. $\Delta ABC \sim \Delta DEF \Leftrightarrow \Delta DEF \sim \Delta ABC$ । ଏହି ସମ୍ପର୍କକୁ ସାଦୃଶ୍ୟର ____ ସମ୍ପର୍କ କହନ୍ତି ।

(a) ସଂକ୍ରମୀ (b) ସମତୁଲ୍ୟ

(c) ପ୍ରତିସମ (d) ସ୍ୱତୁଲ୍ୟ

23. ନିମ୍ନ ଚିତ୍ରରେ $m\angle B = 50^0, m\angle BDC = 100^0$ ଓ $\Delta DBC \sim \Delta CBA$ ତେବେ $m\angle ACD =$ ____ ଡିଗ୍ରୀ ।




(a) 70 (b) 60 (c) 100 (d) 80

24. $\Delta ABC$ ରେ AB = 5ସେ:ମି BC = 7ସେ:ମି, CA = 8ସେ:ମି , PQ = 10 ସେ:ମି, QR = 14ସେ:ମି , $\Delta ABC$ ଓ $\Delta PQR$ ସଦୃଶ କୋଣୀ ହେଲେ PR = ____ ସେ:ମି ।

(a) 8 (b) 10 (c) 15 (d) 16

25. $\Delta ABC$ ଓ $\Delta PQR$ ମଧ୍ୟରେ $\angle B \cong \angle Q$ । AB = 8 ସେ:ମି ଏବଂ BC = 12 ସେ:ମି, PQ = 12 ସେ:ମି ଏବଂ QR = 18 ସେ:ମି, $\Delta ABC$ ର କ୍ଷେତ୍ରଫଳ 48 ବର୍ଗସେମି ହେଲେ $\Delta PQR$ ର କ୍ଷେତ୍ରଫଳ ____ ବର୍ଗସେ:ମି ।

(a) 108 (b) 100 (c) 106 (d) 125

26. $\Delta ABC \sim \Delta PQR$, $\Delta ABC$ ର ପରିସୀମା 60 ସେ:ମି ଓ କ୍ଷେତ୍ରଫଳ 81 ବର୍ଗସେମି $\Delta PQR$ ର ପରିସୀମା 80 ସେ:ମି ହେଲେ ଏହାର କ୍ଷେତ୍ରଫଳ କେତେ ?

(a) 225 ବର୍ଗସେ:ମି (b) 144 ବର୍ଗସେ:ମି

(c) 108 ବର୍ଗସେ:ମି (d) 100 ବର୍ଗସେ:ମି

27. $\Delta BCD$ ଟ୍ରାପିଜିୟମ୍‌ରେ $\overline{AD} \parallel \overline{BC}$, $\angle ABD \cong \angle DCB$ ହେଲେ, AD.BC = ____ ।

(a) $AC^2$ (b) $BC^2$

(c) $AD^2$ (d) $BD^2$

28. $\Delta ABC$ ରେ $\angle BAC$ ର ସମଦ୍ୱିଖଣ୍ଡକ $\overline{BC}$ କୁ M ବିନ୍ଦୁରେ ଛେଦକରେ । AB : AC = 2 : 3 ଏବଂ BC = 15 ସେ.ମି. ହେଲେ BM = ____ ସେ.ମି. ।

(a) 6 (b) 9 (c) 10 (d) 12

Eduodia App

29. ଦତ୍ତ ଚିତ୍ରରେ $\Delta ABE$ ଓ $\Delta ACD$ ସମ କ୍ଷେତ୍ରଫଳ ବିଶିଷ୍ଟ, ତେବେ $\Delta EOD \sim$ ____ ।




(a) $\Delta ADE$ (b) $\Delta DOB$ (c) $\Delta BOC$ (d) $\Delta OEC$

30. $\Delta ABC \sim \Delta PQR$ , $AB = 5$ ସେ.ମି, $BC = 12$ସେ.ମି, $AC = 13$ସେ.ମି, $QR = 24$ସେ.ମି ହେଲେ, $\Delta PQR$ ର କ୍ଷେତ୍ରଫଳ = ____ ବର୍ଗସେ.ମି. ।

(a) 120 (b) 240 (c) 130 (d) 60

31. ଦୁଇଗୋଟି ସଦୃଶ ତ୍ରିଭୁଜର କ୍ଷେତ୍ରଫଳର ଅନୁପାତ 16:9 ହେଲେ ତ୍ରିଭୁଜଦ୍ୱୟର ଅନ୍ତଃବୃତ୍ତର ବ୍ୟାସାର୍ଦ୍ଧ ଦ୍ୱୟର ଅନୁପାତ ____ ।

(a) 3:4 (b) 4:9 (c) 9:4 (d) 4:3

32. ନିମ୍ନ ଚିତ୍ରରେ $\overline{QR} \parallel \overline{BC}$ ଓ $\overline{DR} \parallel \overline{QC}$ , $AD$ = 9 ସେ.ମି. ଓ $AB = 16$ ସେ.ମି. ହେଲେ $\overline{AQ}$ ର ଦୈର୍ଘ୍ୟ ____ ସେ.ମି. ।




(a) 8 (b) 9.5 (c) 12 (d) 36

33. $\Delta ABC$ ରେ $\overline{AB}$ ଓ $\overline{AC}$ ଉପରେ X ଓ Y ଦୁଇଗୋଟି ବିନ୍ଦୁ ଅବସ୍ଥିତ । ଯେପରିକି $\overline{XY} \parallel \overline{BC}$ , XBCY ଟ୍ରାପିଜିୟମ୍‌ର କ୍ଷେତ୍ରଫଳ $\Delta AXY$ ର କ୍ଷେତ୍ରଫଳର ଆଠଗୁଣ ହେଲେ $AX : BX =$____ ।

(a) 1:2 (b) 2:1 (c) 64:1 (d) 1:8

34. $\Delta ABC \sim \Delta DEF$, $\Delta ABC$ ଓ $\Delta DEF$ ର ପରିସୀମାର ଅନୁପାତ 5 : 9, $\Delta DEF$ ର କ୍ଷେତ୍ରଫଳ 405 ବର୍ଗସେ.ମି. ହେଲେ $\Delta ABC$ ର କ୍ଷେତ୍ରଫଳ = ____ ବର୍ଗସେ.ମି. ।

(a) 64 (b) 81 (c) 125 (d) 225

35. ନିମ୍ନସ୍ଥ ଚିତ୍ରରେ $m\angle ABD = m\angle DAC$ । $DC : AC$ = 5 : 3, $AD = 7$ସେ.ମି. ହେଲେ, $AB =$ ____ ସେ.ମି ।




(a) 5 (b) 4.2 (c) 2.1 (d) 7

36. ନିମ୍ନସ୍ଥ ଚିତ୍ରରେ $PM = \frac{2}{5}PQ$, $PN = 3.2$ ସେ.ମି. $\overline{MN} \parallel \overline{QR}$ ହେଲେ, $PR =$ ____ ସେ.ମି ।




(a) 8 (b) 7 (c) 9 (d) 10

37. ABCD ଟ୍ରାପିଜିୟମ୍‌ରେ $\overline{AB} \parallel \overline{CD}$, $\overline{AC}$ ଓ $\overline{BD}$ କର୍ଣ୍ଣଦ୍ୱୟ ପରସ୍ପରକୁ 'O' ବିନ୍ଦୁରେ ଛେଦ କରନ୍ତି । $AO = 3$ ସେ.ମି ଏବଂ $OC = 5$ ସେ.ମି. $\Delta COD$ ର କ୍ଷେତ୍ରଫଳ 100 ବର୍ଗସେ.ମି. ହେଲେ $\Delta AOB$ ର କ୍ଷେତ୍ରଫଳ ____ ବର୍ଗସେ.ମି. ।

(a) 9 (b) 25 (c) 36 (d) 10

38. ABCD ଚତୁର୍ଭୁଜର $\overline{AB}$, $\overline{BC}$, $\overline{CD}$ ଓ $\overline{DA}$ ର ମଧ୍ୟବିନ୍ଦୁ ଯଥାକ୍ରମେ P, Q, R ଓ S ହେଲେ PQRS କେଉଁ ପ୍ରକାରର ଚିତ୍ର ?

(a) ବର୍ଗଚିତ୍ର (b) ସାମାନ୍ତରିକ ଚିତ୍ର
(c) ଆୟତ ଚିତ୍ର (d) ରମ୍ବସ

Eduodia App

39. ନିମ୍ନସ୍ଥ ଚିତ୍ରରେ A – D – B ଓ A – E – C, $m\angle DAE = 50^0$, $m\angle AED = m\angle ABC = 65^0$, AD = 3 ସେ.ମି. AE : EC = 2 : 1 ହେଲେ AB = ____ ସେ.ମି. ।




(a) 5.4 (b) 3.4 (c) 4.5 (d) 5

40. $\Delta PQR$ ରେ $\angle Q$ ର ସମଦ୍ୱିଖଣ୍ଡକ $\overline{PR}$ କୁ M ବିନ୍ଦୁରେ ଛେଦ କରେ । PQ = 12 ସେ.ମି QR = 6 ସେ.ମି. ଓ PR = 30 ସେ.ମି. ତେବେ MR = ____ ସେ.ମି. ହେବ ।

(a) 10 (b) 12 (c) 18 (d) 14

41. $\Delta ABC \sim \Delta PQR$, AB = 12 ସେ.ମି., $\Delta ABC$ ର ମଧ୍ୟମା AM = 24 ସେ.ମି. PQ = 10 ସେ.ମି. ହେଲେ $\Delta PQR$ ର ମଧ୍ୟମା PN = ____ ସେ.ମି ।

(a) 18 (b) 20 (c) 15 (d) 10

42. ABC ତ୍ରିଭୁଜରେ $\angle A$ ର ସମଦ୍ୱିଖଣ୍ଡକ $\overline{BC}$ କୁ X ବିନ୍ଦୁରେ ଛେଦ କରେ । AB = 17 ସେ.ମି., BC = 15 ସେ.ମି. ଓ CX = 5 ସେ.ମି. ହେଲେ, $\overline{AC}$ ର ଦୈର୍ଘ୍ୟ ____ ସେ.ମି. ।

(a) 7.5 (b) 8.5 (c) 9 (d) 15

43. ନିମ୍ନ ଚିତ୍ରରେ $\overline{XY} \parallel \overline{BC}$, AB = 12 ସେ.ମି., AX = 6 ସେ.ମି. AY = 9 ସେ.ମି. ହେଲେ YC = ____ ସେ.ମି. ।




(a) 37 (b) 27 (c) 25 (d) 32

44. $\Delta ABC$ ରେ $\overline{XY} \parallel \overline{BC}$, AX = 4 BX ଓ CY = 5ସେ.ମି. ହେଲେ AY = ____ ସେ.ମି. ।




(a) 15 (b) 18 (c) 19 (d) 20

45. $\Delta ABC$ ଓ $\Delta DEF$ ମଧ୍ୟରେ $\frac{AB}{DE} = \frac{AC}{DF}$ ହେଲେ $\Delta ABC \sim \Delta DEF$ ହେବା ପାଇଁ ନିମ୍ନ ଲିଖିତ କେଉଁ ସର୍ତ୍ତଟି ପ୍ରଯୁଜ୍ୟ ।

(a) $\angle A \cong \angle D$ (b) $\angle C \cong \angle F$

(c) $\angle B \cong \angle D$ (d) $\angle B \cong \angle E$

EduodiaApp

46. ନିମ୍ନସ୍ଥ ଚିତ୍ରରେ $L_1 \parallel L_2 \parallel L_3$ ଓ $T_1$ ଏବଂ $T_2$ ଦୁଇଗୋଟି ଛେଦକ AD = 10 ସେ.ମି. BE = 8 ସେ.ମି. ହେଲେ CF = ____ ସେ.ମି. । (ଯଦି AB = BC ହୁଏ)




(a) 5 (b) 6 (c) 8 (d) 4

47. ଦୁଇଗୋଟି ସଦୃଶ ତ୍ରିଭୁଜର କ୍ଷେତ୍ରଫଳର ଅନୁପାତ ଅନୁରୂପ କୋଣ ସମଦ୍ୱିଖଣ୍ଡକ ମାନଙ୍କର ____ ସହ ସମାନ ।

(a) ବ୍ୟସ୍ତାନୁପାତ (b) ଘନାନୁପାତ

(c) ବର୍ଗାନୁପାତ (d) ବର୍ଗମୂଳାନୁପାତ

48. ଦତ୍ତ ଚିତ୍ରରେ $\overline{DE} \parallel \overline{BC}$
AD = 4.8 ସେ.ମି.
AE = 6.4 ସେ.ମି.
CE = 9.6 ସେ.ମି.
BD = କେତେ ସେ.ମି.




(A) 7 (B) 7.1 (C) 7.2 (D) 7.3

49. ପାର୍ଶ୍ୱସ୍ଥ ଚିତ୍ରରେ $\overline{MN} \parallel \overline{QR}$
$\frac{PN}{PR} = \frac{3}{8}$ ଓ PQ = 4.8 ସେ.ମି.
ହେଲେ PM ର ଦୈର୍ଘ୍ୟ =
କେତେ ସେ.ମି. ?




(A) 1.4 (B) 1.6 (C) 1.8 (D) 2.8

50. ନିମ୍ନ ଚିତ୍ରରେ $m\angle AED = m\angle ABC$, AE = 3 ସେ.ମି. EC = 2 ସେ.ମି. ଓ AD = 2 ସେ.ମି. ହେଲେ, AB ର ଦୈର୍ଘ୍ୟ କେତେ ?




(A) 5 ସେ.ମି. (B) 6 ସେ.ମି.
(C) 7.5 ସେ.ମି. (D) 8.5 ସେ.ମି.

51. ନିମ୍ନ ଚିତ୍ରରେ PQ || BC ଓ AP : BP = 1:2 ହେଲେ $\Delta APQ$ ଓ $\Delta ABC$ ର କ୍ଷେତ୍ରଫଳର ଅନୁପାତ କେତେ ?




(A) 1:4 (B) 1:9 (C) 1:16 (D) 4:9

52. ନିମ୍ନ ଚିତ୍ରରେ $\Delta PQR \sim \Delta QRS$, $m\angle PQR = 50^0$ ଓ $m\angle QSR = 100^0$ ହେଲେ, $m\angle PRS =$ କେତେ ?




(A) $70^0$ (B) $80^0$ (C) $90^0$ (D) $100^0$

53. $\Delta ABC$ ର AB = 5ସେ.ମି, BC = 7ସେ.ମି, AC = 9 ସେ.ମି., $\Delta PQR \sim \Delta ABC$ ଏବଂ $\Delta PQR$ ର ପରିସୀମା 63 ସେ.ମି. $\overline{PQ}$ ର ଦୈର୍ଘ୍ୟ କେତେ ?

(A) 5 ସେ.ମି. (B) 10 ସେ.ମି.
(C) 15 ସେ.ମି. (D) 25 ସେ.ମି.

Eduodia App

54. ଦୁଇଟି ସମବାହୁ ତ୍ରିଭୁଜର କ୍ଷେତ୍ରଫଳର ଅନୁପାତ 16:25 ହେଲେ, ସେହି ତ୍ରିଭୁଜ ଦ୍ୱୟର ଅନୁରୂପ ବାହୁ ଯୋଡାର ଦୈର୍ଘ୍ୟର ଅନୁପାତ କେତେ ହେବ ?

(A) 4:5 (B) 2:5 (C) 5:4 (D) 5:2

55. ଏକ ଚତୁର୍ଭୁଜର ବାହୁମାନଙ୍କର ମଧ୍ୟବିନ୍ଦୁକୁ ପର୍ଯ୍ୟାୟକ୍ରମେ ଯୋଗକଲେ ଉତ୍ପନ୍ନ ଚିତ୍ରଟି କି ପ୍ରକାର ଚତୁର୍ଭୁଜ ?

(A) ଆୟତଚିତ୍ର (B) ରମ୍ବସ
(C) ବର୍ଗଚିତ୍ର (D) ସାମାନ୍ତରିକଚିତ୍ର

56. ନିମ୍ନ ଚିତ୍ରରେ $L_1 \parallel L_2 \parallel L_3$, $T_1$ ଓ $T_2$ ଦୁଇଟି ଛେଦକ ରେଖା ସେମାନଙ୍କୁ ଯଥାକ୍ରମେ A, B, C ଓ D, E, F ବିନ୍ଦୁରେ ଛେଦ କରନ୍ତି ।




AB = 4ସେ.ମି., BC = 6 ସେ.ମି. DE = 6 ସେ.ମି. ହେଲେ EF = କେତେ ସେ.ମି. ?

(A) 8 (B) 9 (C) 10 (D) 12

57. $\Delta ABC$ ରେ $\overline{AD}$ ଏକ ମଧ୍ୟମା ଏବଂ $\overline{AD}$ ର ମଧ୍ୟବିନ୍ଦୁ E, $\overline{BE}$, $\overline{AC}$ କୁ X ବିନ୍ଦୁରେ ଛେଦକଲେ BE : EX ର ମାନ କେତେ ?

(A) 3:1 (B) 2:1 (C) 1:3 (D) 1:2

58. ନିମ୍ନ ଚିତ୍ରରେ $\Delta ABC$ ର $\overline{AB}$, $\overline{BC}$ ଓ $\overline{CA}$ ର ମଧ୍ୟବିନ୍ଦୁ ଯଥାକ୍ରମେ D, E ଓ F, AB = 6 ସେ.ମି., BC = 8 ସେ.ମି. ଓ AC = 10 ସେ.ମି. ହେଲେ $\Delta DEF$ ର ପରିସୀମା କେତେ ?




(A) 10 ସେ.ମି. (B) 12 ସେ.ମି.

(C) 16 ସେ.ମି. (D) 18 ସେ.ମି.

59. $\Delta ABC$ ରେ $\angle ABC$ ର ସମଦ୍ୱିଖଣ୍ଡକ $\overline{AC}$ ବାହୁକୁ D ବିନ୍ଦୁରେ ଛେଦକରେ । AB = 8ସେ.ମି., BC = 12ସେ.ମି. ଏବଂ AC = 10 ସେ.ମି. ହେଲେ, $\overline{CD}$ ର ଦୈର୍ଘ୍ୟ କେତେ ?




(A) 4 ସେ.ମି. (B) 6 ସେ.ମି.

(C) 8 ସେ.ମି. (D) 9 ସେ.ମି.

60. ଏକ ବର୍ଗଚିତ୍ରର ବାହୁମାନଙ୍କର ମଧ୍ୟବିନ୍ଦୁକୁ ପର୍ଯ୍ୟାୟକ୍ରମେ ଯୋଗକଲେ, ଉତ୍ପନ୍ନ ଚିତ୍ରଟି କି ପ୍ରକାର ଚତୁର୍ଭୁଜ ?

(A) ଆୟତଚିତ୍ର (B) ରମ୍ବସ

(C) ବର୍ଗଚିତ୍ର (D) ସାମାନ୍ତରିକ ଚିତ୍ର

61. ଦତ୍ତ ଚିତ୍ରରେ $L_1 \parallel L_2 \parallel L_3$, $T_1$ ଓ $T_2$ ଦୁଇଟି ଛେଦକ ରେଖା । AB = 4 ସେ.ମି., BC = 3 ସେ.ମି., DE = 6 ସେ.ମି., DF = କେତେ ସେ.ମି. ?




(A) 10 (B) 10.5 (C) 12 (D) 13

62. $\Delta ABC$ ରେ D, E, F ଯଥାକ୍ରମେ $\overline{AB}$, $\overline{AC}$ ଓ $\overline{BC}$ ର ମଧ୍ୟବିନ୍ଦୁ ହେଲେ, $\Delta DEF$ ଓ $\Delta ABC$ ର କ୍ଷେତ୍ରଫଳର ଅନୁପାତ କେତେ ହେବ ?

(A) 1:2 (B) 2:1 (C) 1:4 (D) 4:1

63. ଏକ ରମ୍ବସର ବାହୁମାନଙ୍କର ମଧ୍ୟବିନ୍ଦୁକୁ ପର୍ଯ୍ୟାୟକ୍ରମେ ଯୋଗକଲେ, ଉତ୍ପନ୍ନ ଚିତ୍ରଟି କି ପ୍ରକାର ଚତୁର୍ଭୁଜ ?

(A) ଆୟତଚିତ୍ର (B) ରମ୍ବସ

(C) ବର୍ଗଚିତ୍ର (D) ସାମାନ୍ତରିକ ଚିତ୍ର

64. ଦୁଇଟି ସଦୃଶ ତ୍ରିଭୁଜର ଅନୁରୂପ ବାହୁଦ୍ୱୟର ଅନୁପାତ 4:9 ହେଲେ, ସେହି ତ୍ରିଭୁଜ ଦ୍ୱୟର କ୍ଷେତ୍ରଫଳର ଅନୁପାତ କେତେ ?

(A) 2:3 (B) 4:4 (C) 81:16 (D) 16:81

65. ଏକ ସାମାନ୍ତରିକ ଚିତ୍ରର ବାହୁ ମାନଙ୍କର ମଧ୍ୟବିନ୍ଦୁକୁ ପର୍ଯ୍ୟାୟକ୍ରମେ ଯୋଗକଲେ ଉତ୍ପନ୍ନ ଚିତ୍ରଟି କି ପ୍ରକାର ଚତୁର୍ଭୁଜ ?

(A) ଆୟତଚିତ୍ର (B) ରମ୍ବସ

(C) ବର୍ଗଚିତ୍ର (D) ସାମାନ୍ତରିକ ଚିତ୍ର

66. ନିମ୍ନ ଚିତ୍ରରେ $m\angle LKM = 80^0$, KL:KM = LP:PM ହେଲେ $m\angle LKP$ ର ପରିମାଣ କେତେ ?




(A) $30^0$ (B) $40^0$ (C) $45^0$ (D) $60^0$

Edudia App

67. ଏକ ଆୟତଚିତ୍ରର ବାହୁ ମାନଙ୍କର ମଧ୍ୟବିନ୍ଦୁକୁ ପର୍ଯ୍ୟାୟକ୍ରମେ ଯୋଗକଲେ ଉତ୍ପନ୍ନ ଚିତ୍ରଟି କି ପ୍ରକାର ଚତୁର୍ଭୁଜ ?

(A) ଆୟତଚିତ୍ର (B) ରମ୍ବସ
(C) ବର୍ଗଚିତ୍ର (D) ସାମାନ୍ତରିକ ଚିତ୍ର

68. $\Delta ABC \sim \Delta PQR$, $\Delta ABC$ ର ପରିସୀମା 30 ସେ.ମି. ଓ କ୍ଷେତ୍ରଫଳ 30 ବର୍ଗସେ.ମି., $\Delta PQR$ ର ପରିସୀମା 60 ସେ.ମି. ହେଲେ ଏହାର କ୍ଷେତ୍ରଫଳ କେତେ ହେବ ?

(A) 30 ବର୍ଗ ସେ.ମି. (B) 50 ବର୍ଗ ସେ.ମି.
(C) 60 ବର୍ଗ ସେ.ମି. (D) 120 ବର୍ଗ ସେ.ମି.

69. ନିମ୍ନ ଚିତ୍ରରେ $\overline{AD} \parallel \overline{BC}$, AO = 2 ସେ.ମି., OC = 3.4 ସେ.ମି. ଓ OB = 4.5 ସେ.ମି. ହେଲେ OD କେତେ ସେ.ମି. ?




(A) 3 (B) 3.5 (C) 4 (D) 6

70. $\Delta ABC$ ର $\overline{AB}, \overline{BC}$ ଓ $\overline{AC}$ ବାହୁତ୍ରୟର ଦୈର୍ଘ୍ୟ ଯଥାକ୍ରମେ c, a ଓ b ଏକକ ରୂପେ ସୂଚିତ । $\angle ACB$ ର ସମଦ୍ୱିଖଣ୍ଡକ $\overline{AB}$ କୁ M ବିନ୍ଦୁରେ ଛେଦ କଲେ BM = କେତେ ?

(A) $\frac{ab}{a+b}$ (B) $\frac{bc}{a+b}$ (C) $\frac{ca}{a+b}$ (D) $\frac{a+b}{ca}$

71. ନିମ୍ନ ଚିତ୍ରରେ $\overline{DE} \parallel \overline{BC}$ ଓ AD : DB = 2:3, $\Delta ADE$ ର କ୍ଷେତ୍ରଫଳ ଓ DBCE ଟ୍ରାପିଜିୟମ୍‌ର କ୍ଷେତ୍ରଫଳର ଅନୁପାତ କେତେ ?




(A) 4:9 (B) 4:25 (C) 4:21 (D) 2:9

72. $\Delta ABC \sim \Delta PQR$, $\Delta ABC$ ରେ AB = 2.5 ସେ.ମି., BC = 2 ସେ.ମି., AC = 3.5 ସେ.ମି. ଏବଂ $\Delta PQR$ ର ପରିସୀମା 16 ସେ.ମି. ହେଲେ PQ କେତେ ସେ.ମି ?

(A) 4.5 (B) 5 (C) 5.5 (D) 6.5

73. $\Delta ABC$ ରେ $\angle B$ ର ସମଦ୍ୱିଖଣ୍ଡକ $\overline{BF}$, $\overline{AC}$ କୁ 'F' ବିନ୍ଦୁରେ ଛେଦ କରେ । ଯଦି AB = 24 ସେ.ମି., AF = 12 ସେ.ମି. AC = 30 ସେ.ମି. ହୁଏ ତେବେ $\Delta ABC$ ର ପରିସୀମା କେତେ ହେବ ?

(A) 66 ସେ.ମି. (B) 90 ସେ.ମି.
(C) 60 ସେ.ମି. (D) 80 ସେ.ମି.

74. $\Delta ABC$ ରେ $\overline{DE} \parallel \overline{BC}$, $EC = \frac{2}{3}AC$, AB = 12 ସେ.ମି. ହେଲେ $\overline{BD}$ ର ଦୈର୍ଘ୍ୟ କେତେ ହେବ ?

(A) 8 ସେ.ମି. (B) 6 ସେ.ମି.
(C) 10 ସେ.ମି. (D) 12 ସେ.ମି.

Eduodia App

75. ନିମ୍ନ ଚିତ୍ର $\overline{AD} \parallel \overline{BC}$, AD : BC = 1:2, $\Delta OBC$ ର କ୍ଷେତ୍ରଫଳ 16 ବର୍ଗ ସେ.ମି. ହେଲେ $\Delta OAD$ ର କ୍ଷେତ୍ରଫଳ କେତେ ?




(A) 16 ବର୍ଗ ସେ.ମି. (B) 32 ବର୍ଗ ସେ.ମି.
(C) 8 ବର୍ଗ ସେ.ମି. (D) 4 ବର୍ଗ ସେ.ମି.

76. ଦୁଇଟି ସଦୃଶ ତ୍ରିଭୁଜର କ୍ଷେତ୍ରଫଳ ସମାନ ହେଲେ ସେମାନଙ୍କ ପରିସୀମାର ଅନୁପାତ କେତେ ହେବ ?

(A) 1:2 (B) 1:3 (C) 1:1 (D) 1:4

77. $\Delta QRS$ ରେ QR = s ଏକକ, QS = r ଏକକ, RS = q ଏକକ $\angle QRS$ ର ସମଦ୍ୱିଖଣ୍ଡକ $\overline{QS}$ କୁ T ବିନ୍ଦୁରେ ଛେଦ କଲେ ST ର ମାନ କେତେ ?

(A) $\frac{q+s}{qr}$ (B) $\frac{qr}{q+s}$
(C) $\frac{sr}{r+q}$ (D) $\frac{r+q}{sr}$

78. ଚିତ୍ରରେ $\overline{AB} \parallel \overline{CD} \parallel \overline{EF}$ EF = 8 ସେ.ମି. BD = 6 ସେ.ମି., DF = 4 ସେ.ମି. ହେଲେ AB ର ଦୈର୍ଘ୍ୟ କେତେ ?




(A) 6 ସେ.ମି. (B) 8 ସେ.ମି.
(C) 10 ସେ.ମି. (D) 12 ସେ.ମି.

79. ନିମ୍ନ ଚିତ୍ରରେ $\overline{XY} \parallel \overline{BC}$, XBCY ଟ୍ରାପିଜିୟମ୍‌ର କ୍ଷେତ୍ରଫଳ, $\Delta AXY$ ର କ୍ଷେତ୍ରଫଳର 8 ଗୁଣ ହେଲେ AX : BX = ?




(A) 3:2 (B) 2:3 (C) 1:2 (D) 2:1

80. ନିମ୍ନ ଚିତ୍ରରେ $\angle B$ ସମକୋଣ ଓ PQRS ଏକ ଆୟତଚିତ୍ର । PS = 4 ସେ.ମି., AS = 3 ସେ.ମି. ଓ $\Delta RQC$ ର କ୍ଷେତ୍ରଫଳ 16 ବର୍ଗ ସେ.ମି. ହେଲେ, $\Delta APS$ ର କ୍ଷେତ୍ରଫଳ କେତେ ହେବ ?




(A) 3 ବର୍ଗ ସେ.ମି. (B) 6 ବର୍ଗ ସେ.ମି.
(C) 8 ବର୍ଗ ସେ.ମି. (D) 9 ବର୍ଗ ସେ.ମି.

81. $\Delta ABC$ ଓ $\Delta DEF$ ଦୁଇଟି ସମକୋଣୀ ସମଦ୍ୱିବାହୁ ତ୍ରିଭୁଜ । ସେମାନଙ୍କର କର୍ଣ୍ଣଦ୍ୱୟର ଦୈର୍ଘ୍ୟ ଯଥାକ୍ରମେ 16 ସେ.ମି. ଓ 9 ସେ.ମି. ହେଲେ, ଅନ୍ୟ ବାହୁଦ୍ୱୟର ଅନୁପାତ ସ୍ଥିର କର ।

(A) 16 : 9 (B) 4 : 3 (C) 9 : 16 (D) $2:\sqrt{3}$

82. $\Delta ABC$ ରେ $\overline{DE} \parallel \overline{BC}$, $EC = \frac{2}{3}AC$, AB = 12 ସେ.ମି. ହେଲେ BD ର ଦୈର୍ଘ୍ୟ କେତେ ?

(A) 6 ସେ.ମି. (B) 8 ସେ.ମି.
(C) 10 ସେ.ମି. (D) 12 ସେ.ମି.

83. $\Delta ABC$ ରେ $\overline{DE} \parallel \overline{BC}$, $AD = \frac{2}{3}AB$, AC = 3.6 ସେ.ମି. ହେଲେ CE ର ଦୈର୍ଘ୍ୟ କେତେ ?

(A) 1.1 ସେ.ମି. (B) 1.2 ସେ.ମି.
(C) 1.3 ସେ.ମି. (D) 1.4 ସେ.ମି.

84. $\Delta ABC$ ରେ $\angle ABC$ ର ସମଦ୍ୱିଖଣ୍ଡକ $\overline{AC}$ କୁ P ବିନ୍ଦୁରେ ଛେଦ କରେ । AB = 14 ସେ.ମି., BC = 8 ସେ.ମି. ହେଲେ AP : AC କେତେ ?

(A) 7:4 (B) 7:11 (C) 3:4 (D) 4:3

Eduodia App

## ଜ୍ୟାମିତିରେ ସାଦୃଶ୍ୟତା ଉତ୍ତର ଫର୍ଦ୍ଦ (ANSWER SHEET)

| | | | | | | | | | | | |
|---|---|---|---|---|---|---|---|---|---|---|---|
| 1. A | 2. B | 3. D | 4. A | 5. C | 6. A | 7. B | 8. A | 9. A | 10. D | 11. C | 12. D |
| 13. B | 14. B | 15. D | 16. A | 17. C | 18. A | 19. C | 20. D | 21. C | 22. C | 23. A | 24. D |
| 25. A | 26. B | 27. D | 28. A | 29. C | 30 A | 31. D | 32. C | 33. A | 34. C | 35. B | 36. A |
| 37. C | 38. B | 39. C | 40. A | 41. B | 42. B | 43. B | 44. D | 45. A | 46. B | 47. C | 48. C |
| 49. C | 50. C | 51. B | 52. A | 53. C | 54. A | 55. D | 56. B | 57. A | 58.B | 59. B | 60. C |
| 61. B | 62. C | 63. A | 64. D | 65. D | 66. B | 67. B | 68. D | 69. A | 70. C | 71. C | 72. B |
| 73. B | 74. A | 75. D | 76. C | 77. B | 78. D | 79. C | 80. D | 81. A | 82. B | 83. B | 84. B |

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (5 ନମ୍ବର ସମ୍ବଳିତ)

1.(i) $\Delta PQR$ ରେ $\overline{PQ}$ ଓ $\overline{QR}$ ବାହୁ ଦ୍ୱୟର ମଧ୍ୟବିନ୍ଦୁ ଯଥାକ୍ରମେ M ଓ N $\overline{PR}$ ଉପରିସ୍ଥ 'S' ଯେକୌଣସି ବିନ୍ଦୁ ହେଲେ ପ୍ରମାଣ କରଯେ $\overline{MN}$, $\overline{QS}$ କୁ ସମଦ୍ୱିଖଣ୍ଡ କରେ।

(ii) ABCD ଟ୍ରାପିଜିୟମ୍‌ରେ $\overline{AB} \parallel \overline{CD}$, କର୍ଣ୍ଣ $\overline{AC}$ ଓ $\overline{BD}$ ର ଛେଦବିନ୍ଦୁ 'P' ହେଲେ ପ୍ରମାଣ କରଯେ AP : PC = BP : PD।

Edudia App

2.(i) ABCD ଟ୍ରାପିଜିୟମ୍‌ରେ $\overline{AB} \parallel \overline{DC}$ ଏବଂ $\overline{AD}$ ର ମଧ୍ୟବିନ୍ଦୁ P $\overline{AB}$ ସହ ସମାନ୍ତର ଭାବେ ଅଙ୍କିତ $\overleftrightarrow{PQ}$, $\overline{BC}$ କୁ Q ବିନ୍ଦୁରେ ଛେଦ କରେ। ପ୍ରମାଣ କରଯେ, 'Q', $\overline{BC}$ ର ମଧ୍ୟବିନ୍ଦୁ।

(ii) ପାର୍ଶ୍ୱସ୍ଥ ଚିତ୍ରରେ $\Delta ABC$ ର $\overline{AC}$ ବାହୁ ପ୍ରତି ଅଙ୍କିତ ମଧ୍ୟମା $\overline{BP}$, $\angle BPC$ ଏବଂ $\angle BPA$ ର ଅନ୍ତଃ ସମଦ୍ୱିଖଣ୍ଡକ ଯଥାକ୍ରମେ $\overline{BC}$ ଓ $\overline{AB}$ କୁ X ଏବଂ Y ବିନ୍ଦୁରେ ଛେଦ କରନ୍ତି । ପ୍ରମାଣ କରଯେ $\overleftrightarrow{XY} \parallel \overline{AC}$ ।




3.(i) $\Delta ABC$ ରେ $\angle BAC$ ର ସମଦ୍ୱିଖଣ୍ଡକ $\overline{BC}$ କୁ P ବିନ୍ଦୁରେ ଏବଂ $\angle ABC$ ର ସମଦ୍ୱିଖଣ୍ଡକ $\overline{AP}$ କୁ 'Q' ବିନ୍ଦୁରେ ଛେଦ କରେ। ପ୍ରମାଣ କର ଯେ $\frac{AQ}{QP} = \frac{AB+AC}{BC}$ ।

(ii) $\Delta ABC$ ରେ $\angle B$ ର ସମଦ୍ୱିଖଣ୍ଡକ $\overline{AC}$ କୁ 'E' ବିନ୍ଦୁରେ ଏବଂ $\angle C$ ର ସମଦ୍ୱିଖଣ୍ଡକ $\overline{AB}$ କୁ 'F' ବିନ୍ଦୁରେ ଛେଦ କରେ। $\overline{FE} \parallel \overline{BC}$ ହେଲେ ପ୍ରମାଣ କର ଯେ ABC ଏକ ସମଦ୍ୱିବାହୁ ତ୍ରିଭୁଜ ଅଟେ ।

4.(i) $\Delta ABC$ ରେ $\angle A$, $\angle B$ ଓ $\angle C$ ର ସମଦ୍ୱିଖଣ୍ଡକ $\overline{BC}, \overline{CA}$ ଓ $\overline{AB}$ କୁ ଯଥାକ୍ରମେ D, E ଓ F ବିନ୍ଦୁରେ ଛେଦକରେ। ପ୍ରମାଣ କରଯେ $\frac{BD}{DC} \cdot \frac{CE}{EA} \cdot \frac{AF}{FB} = 1$ ।

(ii) ପ୍ରମାଣ କର ଯେ, ଦୁଇଗୋଟି ସଦୃଶ ତ୍ରିଭୁଜର କ୍ଷେତ୍ରଫଳର ଅନୁପାତ ଅନୁରୂପ ପରିସୀମାର ବର୍ଗାନୁପାତ ସହ ସମାନ।

5.(i) $\Delta ABC$ ରେ AD ଏକ ମଧ୍ୟମା ଏବଂ $\overline{AD}$ ର ମଧ୍ୟବିନ୍ଦୁ 'E', $\overrightarrow{BE}$, $\overline{AC}$ କୁ X ବିନ୍ଦୁରେ ଛେଦ କରେ। ପ୍ରମାଣ କରଯେ BE = 3EX ।

(ii) ପ୍ରମାଣ କର ଯେ, ଗୋଟିଏ ତ୍ରିଭୁଜର ତିନିବାହୁର ଦୈର୍ଘ୍ୟ, ଅନ୍ୟ ଏକ ତ୍ରିଭୁଜର ଅନୁରୂପ ବାହୁମାନଙ୍କ ସହ ସମାନୁପାତୀ ହେଲେ, ତ୍ରିଭୁଜଦ୍ୱୟ ସଦୃଶ ଅଟନ୍ତି ।

## ଦୀର୍ଘ ପ୍ରଶ୍ନାବଳୀର ଉତ୍ତର

1.(i)




ଦତ୍ତ $\Delta PQR$ ରେ M ଓ N ଯଥାକ୍ରମେ $\overline{PQ}$ ଏବଂ $\overline{QR}$ ର ମଧ୍ୟବିନ୍ଦୁ। PR ଉପରିସ୍ଥ 'S' ଯେକୌଣସି ଏକ ବିନ୍ଦୁ,

ପ୍ରାମାଣ୍ୟ - $\overline{MN}$, $\overline{QS}$ କୁ ସମଦ୍ୱିଖଣ୍ଡ କରେ ଅର୍ଥାତ୍ QO = OS

ପ୍ରମାଣ - $\frac{QM}{MP} = 1 = \frac{QN}{NR}$ ($\because$ M, $\overline{PQ}$ ର ଓ N, $\overline{QR}$ ର ମଧ୍ୟବିନ୍ଦୁ)

$\Rightarrow \overline{MN} \parallel \overline{PR}$

ପୁନଶ୍ଚ $\Delta PQS$ ରେ $\overline{MO} \parallel \overline{PS}$

($\because \overline{MN} \parallel \overline{PR}$ ପୂର୍ବରୁ ପ୍ରମାଣିତ)

$\Rightarrow \frac{QM}{MP} = \frac{QO}{OS}$

$\Rightarrow 1 = \frac{QO}{OS}$

$\Rightarrow QO = OS$

ଅର୍ଥାତ୍ MN, QS କୁ ସମଦ୍ୱିଖଣ୍ଡ କରେ ।

(ପ୍ରମାଣିତ)

1.(ii)




ଦତ୍ତ ABCD ଟ୍ରାପିଜିୟମ୍‌ରେ $\overline{AB} \parallel \overline{CD}$ । କର୍ଣ୍ଣ $\overline{AC}$ ଓ $\overline{BD}$ ର ଛେଦ ବିନ୍ଦୁ 'P'

ପ୍ରାମାଣ୍ୟ - AP : PC = BP : PD

ଅଙ୍କନ - P ବିନ୍ଦୁ ମଧ୍ୟଦେଇ $\overline{EF} \parallel \overline{AB}$ ଅଙ୍କନ କରାଯାଉ।

ପ୍ରମାଣ - $\overline{AB} \parallel \overline{CD}$ (ଦତ୍ତ)

ପୁନଶ୍ଚ $\overline{EF} \parallel \overline{AB}$ (ଅଙ୍କିତ)

$\therefore \overline{AB} \parallel \overline{EF} \parallel \overline{DC}$

ଏହି ସମାନ୍ତର ସରଳରେଖାତ୍ରୟର ଦୁଇଗୋଟି ଛେଦକ $\overline{AD}$ ଓ $\overline{BC}$

$\Delta ABC$ ରେ $\overline{PF} \parallel \overline{AB}$

$\Rightarrow \frac{AP}{PC} = \frac{BF}{CF}$ ..... (I)

ସେହିପରି BDC$\Delta$ ରେ,

$\Rightarrow \frac{BF}{CF} = \frac{BP}{PD}$ ..... (II)

(I), (II) ରୁ $\Rightarrow \frac{AP}{PC} = \frac{BP}{PD}$

ଅର୍ଥାତ୍ AP : CP = BP : PD (ପ୍ରମାଣିତ)

2.(i) ଦତ୍ତ ABCD ଟ୍ରାପିଜିୟମ୍‌ରେ $\overline{AB} \parallel \overline{DC}$ ଏବଂ $\overline{AD}$ ର ମଧ୍ୟବିନ୍ଦୁ 'P', $\overrightarrow{PQ}$, $\overline{BC}$ କୁ Q ବିନ୍ଦୁରେ ଛେଦ କରେ, $\overrightarrow{PQ} \parallel \overline{AB}$ ।




ପ୍ରାମାଣ୍ୟ - 'Q' $\overline{BC}$ ର ମଧ୍ୟବିନ୍ଦୁ

ପ୍ରମାଣ - $\overline{AB} \parallel \overline{DC}$ (ଦତ୍ତ)

$\Rightarrow \overline{AB} \parallel \overline{PQ} \parallel \overline{DC}$

ଏହି ସମାନ୍ତର ସରଳରେଖାତ୍ରୟର ଦୁଇଗୋଟି ଛେଦକ $\overline{AD}$ ଏବଂ $\overline{BC}$

$\Rightarrow \frac{AP}{BQ} = \frac{PD}{QC}$

$\Rightarrow \frac{AP}{PD} = \frac{BQ}{QC}$ (∵ ଏକାନ୍ତର ପ୍ରକ୍ରିୟା)

$\Rightarrow 1 = \frac{BQ}{CQ} (\because AP = PD)$

$\Rightarrow BQ = CQ$

ଅର୍ଥାତ୍ Q, $\overline{BC}$ ର ମଧ୍ୟବିନ୍ଦୁ (ପ୍ରମାଣିତ)

2.(ii)




ଦତ୍ତ $\Delta ABC$ ରେ $\overline{BP}$ ମଧ୍ୟମା । $\angle BPC$ ଓ $\angle BPA$ ଦ୍ୱୟର ଅନ୍ତଃ ସମଦ୍ୱିଖଣ୍ଡକ ଦ୍ୱୟ $\overline{BC}$ ଓ $\overline{AB}$ କୁ X ଏବଂ Y ବିନ୍ଦୁରେ ଛେଦ କରେ

ପ୍ରାମାଣ୍ୟ - $\overleftrightarrow{XY} \parallel \overline{AC}$

ପ୍ରମାଣ - $\Delta BPC$ ରେ $\angle BPC$ ର ସମଦ୍ୱିଖଣ୍ଡକ $\overline{PX}$

$\Rightarrow \frac{BP}{PC} = \frac{BX}{XC}$ .....(I)

ସେହିପରି $\Delta BPA$ ରେ $\overline{PY}$, $\angle BPA$ ର ସମଦ୍ୱିଖଣ୍ଡକ

$\Rightarrow \frac{BP}{PA} = \frac{BY}{YA}$ .....(II)

କିନ୍ତୁ $PA = PC$ (ଦତ୍ତ)

ତେବେ (I) & (II) $\Rightarrow \frac{BX}{XC} = \frac{BY}{YA}$

$\Rightarrow \overleftrightarrow{XY} \parallel \overline{AC}$ (ପ୍ରମାଣିତ)

3.(i)




ଦତ୍ତ $\Delta ABC$ ରେ $\angle BAC$ ର ସମଦ୍ୱିଖଣ୍ଡକ $\overline{BC}$ କୁ 'P' ବିନ୍ଦୁରେ ଏବଂ $\angle ABP$ ର ସମଦ୍ୱିଖଣ୍ଡକ $\overline{AP}$ କୁ 'Q' ବିନ୍ଦୁରେ ଛେଦ କରେ।

ପ୍ରାମାଣ୍ୟ - $\frac{AQ}{QP} = \frac{AB + AC}{BC}$

ପ୍ରମାଣ - $\angle BAC$ ର ସମଦ୍ୱିଖଣ୍ଡକ $\overline{AP}$

$\Rightarrow \frac{AC}{AB} = \frac{CP}{BP}$

$\Rightarrow \frac{AC + AB}{AB} = \frac{CP + BP}{BP}$ (ଯୋଗପ୍ରକ୍ରିୟା)

$\Rightarrow \frac{AB + AC}{AB} = \frac{BC}{BP}$

Eduodia App

$\Rightarrow \frac{AB+AC}{BC} = \frac{AB}{BP}$ ..... (I)

ସେହିପରି $\Delta ABP$ ରେ $\angle ABP$ ର ସମଦ୍ୱିଖଣ୍ଡକ $\overline{BQ}$

$\Rightarrow \frac{AB}{BP} = \frac{AQ}{QP}$ ..... (II)

(I) & (II) $\Rightarrow \frac{AQ}{QP} = \frac{AB+AC}{QC}$ (ପ୍ରମାଣିତ)

3.(ii)




ଦତ୍ତ $\Delta ABC$ ରେ $\angle B$ ର ସମଦ୍ୱିଖଣ୍ଡକ $\overline{AC}$ କୁ 'E' ବିନ୍ଦୁରେ ଓ $\angle C$ ର ସମଦ୍ୱିଖଣ୍ଡକ $\overline{AB}$ କୁ 'F' ବିନ୍ଦୁରେ ଛେଦ କରେ। $\overline{FE} \parallel \overline{BC}$

ପ୍ରାମାଣ୍ୟ - $\Delta ABC$ ସମଦ୍ୱିବାହୁ

ପ୍ରମାଣ - $\Delta ABC$ ରେ $\angle ABC$ ର ସମଦ୍ୱିଖଣ୍ଡକ $\overline{AB}$

$\Rightarrow \frac{AB}{BC} = \frac{AE}{CE}$ ..... (I)

ସେହିପରି $\angle ACB$ ର ସମଦ୍ୱିଖଣ୍ଡକ $\overline{CF}$

$\Rightarrow \frac{AC}{BC} = \frac{AF}{BF}$ ..... (II)

କିନ୍ତୁ $\overline{FE} \parallel \overline{BC}$ (ଦତ୍ତ)

$\Rightarrow \frac{AF}{BF} = \frac{AE}{CE}$ ..... (III)

(I), (II) & (III) $\Rightarrow \frac{AB}{BC} = \frac{AC}{BC}$

$\Rightarrow AB = AC$

ଅର୍ଥାତ୍ $\Delta ABC$ ସମଦ୍ୱିବାହୁ (ପ୍ରମାଣିତ)

4.(i)




ଦତ୍ତ $\Delta ABC$ ରେ $\angle A, \angle B$ ଓ $\angle C$ ର ସମଦ୍ୱିଖଣ୍ଡକ $\overline{BC}, \overline{CA}$ ଓ $\overline{AB}$ କୁ ଯଥାକ୍ରମେ D, E ଏବଂ F ବିନ୍ଦୁରେ ଛେଦ କରେ।

ପ୍ରାମାଣ୍ୟ - $\frac{BD}{DC} \cdot \frac{CE}{EA} \cdot \frac{AF}{FB} = 1$

ପ୍ରମାଣ - $\angle BAC$ ର ସମଦ୍ୱିଖଣ୍ଡକ $\overline{AD}$

$\Rightarrow \frac{BD}{DC} = \frac{AB}{AC}$ .... (1)

ସେହିପରି $\angle ABC$ ର ସମଦ୍ୱିଖଣ୍ଡକ $\overline{BE}$

$\Rightarrow \frac{CE}{EA} = \frac{BC}{AB}$ .... (II)

ପୁନଶ୍ଚ $\angle ACB$ ର ସମଦ୍ୱିଖଣ୍ଡକ $\overline{CF}$

$\Rightarrow \frac{AF}{FB} = \frac{AC}{BC}$ .... (III)

(I), (II) ଓ (III) ରୁ $\frac{BD}{DC} \times \frac{CE}{EA} \times \frac{AC}{FB}$

$= \frac{AB}{AC} \times \frac{BC}{AB} \times \frac{AC}{BC} = 1$ (ପ୍ରମାଣିତ)

4.(ii)




ଦତ୍ତ $\Delta ABC \sim \Delta DEF$

ପ୍ରାମାଣ୍ୟ - $\frac{\Delta ABC \text{ ର କ୍ଷେତ୍ରଫଳ}}{\Delta DEF \text{ ର କ୍ଷେତ୍ରଫଳ}}$

$\frac{(AB+BC+AC)^2}{(DE+EF+DF)^2}$

$\Delta ABC \sim \Delta DEF$ (ଦତ୍ତ)

$\Rightarrow \frac{AB}{DE} = \frac{BC}{EF} = \frac{AC}{DF}$

( ∵ ସଦୃଶ ତ୍ରିଭୁଜର ଅନୁରୂପ ବାହୁମାନେ ସମାନୁପାତୀ)

$\Rightarrow \frac{AB}{DE} = \frac{BC}{EF} = \frac{AC}{DF} = \frac{AB+BC+AC}{DE+EF+DF}$

(ସଂଯୋଗ ପ୍ରକ୍ରିୟା)

$\Rightarrow \frac{AB^2}{DE^2} = \frac{BC^2}{EF^2} = \frac{AC^2}{DF^2}$

$= \frac{(AB+BC+AC)^2}{(DE+EF+DF)^2}$ .... (I)

କିନ୍ତୁ $\frac{\Delta ABC \text{ ର କ୍ଷେତ୍ରଫଳ}}{\Delta DEF \text{ ର କ୍ଷେତ୍ରଫଳ}} = \frac{AB^2}{DE^2}$ .... (II)

(I) & (II) $\frac{\Delta ABC \text{ ର କ୍ଷେତ୍ରଫଳ}}{\Delta DEF \text{ ର କ୍ଷେତ୍ରଫଳ}}$

$= \frac{(AB+BC+AC)^2}{(DE+EF+DF)}$ (ପ୍ରମାଣିତ)

5.(i)




ଦତ୍ତ $\Delta ABC$ ରେ ଏକ ମଧ୍ୟମା $\overline{AD}$ ର ମଧ୍ୟବିନ୍ଦୁ 'E', $\overrightarrow{BE}$, $\overline{AC}$ କୁ 'X' ବିନ୍ଦୁରେ ଛେଦ କରେ।

ପ୍ରାମାଣ୍ୟ - $BE = 3EX$

ଅଙ୍କନ - $\overline{DY} \parallel \overline{BX}$ ଅଙ୍କନ କରାଯାଉ

ପ୍ରମାଣ - $m\angle AEX = m\angle ADY$ ( ∵ $\overline{EX} \parallel \overline{DY}$ ଏବଂ $\overline{AD}$ ଛେଦକ ପାଇଁ) ଅନୁରୂପ କୋଣ

ପୁନଶ୍ଚ $\angle DAC$ ଉଭୟ $\Delta EAX$ ଓ $\Delta DAC$ ପାଇଁ ସାଧାରଣ କୋଣ

$\Rightarrow \Delta AEX \sim \Delta ADY$ (କୋ-କୋ ସାଦୃଶ୍ୟ)

$\Rightarrow \frac{AE}{AD} = \frac{EX}{DY}$

$\Rightarrow \frac{1}{2} = \frac{EX}{DY}$ ( ∵ E, $\overline{AD}$ ର ମଧ୍ୟବିନ୍ଦୁ)

$\Rightarrow DY = 2EX$

ସେହିପରି ଦର୍ଶାଯାଇ ପାରେଯେ $\Delta CDY \sim \Delta CBX$

$\Rightarrow \frac{CD}{BC} = \frac{DY}{BX}$

$\Rightarrow \frac{1}{2} = \frac{DY}{BX}$ ( ∵ $BD = DC$)

$\Rightarrow BX = 2DY$

$\Rightarrow BE + EX = 2(2EX)$ ( ∵ $DY = 2EX$ ପୂର୍ବରୁ ପ୍ରମାଣିତ)

$\Rightarrow BE + EX = 4EX$

$\Rightarrow BE = 4EX - EX$

$\Rightarrow BE = 3EX$ (ପ୍ରମାଣିତ)

5.(ii)




ଦତ୍ତ : $\Delta ABC$ ଓ $\Delta DEF$ ମଧ୍ୟରେ,

$\frac{AB}{DE} = \frac{BC}{EF} = \frac{CA}{FD}$

ପ୍ରାମାଣ୍ୟ : $\Delta ABC \sim \Delta DEF$



Eduodia App

ଅଙ୍କନ : $\Delta PQR$ ଅଙ୍କନ କରାଯାଉ, ଯେପରି

$\overline{QR} \cong \overline{EF}, \angle Q \cong \angle B$ ଓ $\angle R \cong \angle C$

ପ୍ରମାଣ : $\Delta ABC$ ଓ $\Delta PQR$ ମଧ୍ୟରେ, $\angle B \cong \angle Q$ ଓ $\angle C \cong \angle R$ (ଅଙ୍କନ)

$\therefore \Delta ABC \sim \Delta PQR$ ..... (1)

$\Rightarrow \frac{BC}{QR} = \frac{AC}{PR} = \frac{AB}{PQ}$

$\Rightarrow \frac{BC}{EF} = \frac{AC}{PR} = \frac{AB}{PQ}$ [QR = EF ଅଙ୍କନ ଅନୁଯାୟୀ)

..... (2)

ମାତ୍ର $\frac{BC}{EF} = \frac{AC}{DF} = \frac{AB}{DE}$ (ଦତ୍ତ) ..... (3)

(2) ଏବଂ (3) $\Rightarrow \frac{AC}{PR} = \frac{AC}{DF}$ ଏବଂ

$\frac{AB}{PQ} = \frac{AB}{DE} \Rightarrow PR = DF$ ଓ $PQ = DE$ ..... (4)

$\because$ {$\Delta PQR$ ଓ $\Delta DEF$ ମଧ୍ୟରେ QR = EF (ଅଙ୍କନ), PR = DF ଏବଂ PQ = DE ସମୀକରଣ (4) ଅନୁଯାୟୀ

$\therefore \Delta PQR \cong \Delta DEF$ (ବା-ବା-ବା ସର୍ବସମତା)

$\Rightarrow \Delta PQR \sim \Delta DEF$ ..... 5

(1) ଓ (5) $\Rightarrow \Delta ABC \sim \Delta DEF$

(ସାଦୃଶ୍ୟର ସଂକ୍ରମୀ ଧର୍ମ) (ପ୍ରମାଣିତ)

Eduodia App

# ଦ୍ୱିତୀୟ ଅଧ୍ୟାୟ

## ବୃତ୍ତ

**ପ୍ରତ୍ୟେକ ପ୍ରଶ୍ନ ପାଇଁ ଚାରୋଟି ବିକଳ୍ପ ଉତ୍ତର ଦିଆଯାଇଛି । ସେଥି ମଧ୍ୟରୁ ଠିକ୍ ଉତ୍ତରଟି ବାଛ ।**

1. ଗୋଟିଏ ରେଖାଖଣ୍ଡ ସର୍ବାଧିକ ____ ଟି ବୃତ୍ତର ଜ୍ୟା ହୋଇପାରିବ ।

(a) 1 (b) 2 (c) 4 (d) ଅସଂଖ୍ୟ

2. ଗୋଟିଏ ବୃତ୍ତରେ ଏକ ଜ୍ୟାର ଗୋଟିଏ ପ୍ରାନ୍ତବିନ୍ଦୁ କେନ୍ଦ୍ରଠାରୁ 15 ସେ.ମି. ଦୂରରେ ଏବଂ ଜ୍ୟାର ମଧ୍ୟବିନ୍ଦୁ କେନ୍ଦ୍ରଠାରୁ 9 ସେ.ମି. ଦୂରରେ ଅବସ୍ଥିତ । ଜ୍ୟାର ଦୈର୍ଘ୍ୟ = ____ ସେ.ମି. ।

(a) 16 (b) 25 (c) 24 (d) 20

3. ଗୋଟିଏ ରେଖାଖଣ୍ଡ ସର୍ବାଧିକ ____ ଟି ବୃତ୍ତର ବ୍ୟାସାର୍ଦ୍ଧ ହୋଇପାରିବ ।

(a) 1 (b) 2 (c) 3 (d) ଅସଂଖ୍ୟ

4. ଗୋଟିଏ ତ୍ରିଭୁଜର ବାହୁତ୍ରୟ ଏହାର ପରିବୃତ୍ତର କେନ୍ଦ୍ରଠାରୁ ସମଦୂରବର୍ତ୍ତୀ ହେଲେ ଏହା ଏକ ____ ତ୍ରିଭୁଜ ।

(a) ସମବାହୁ (b) ସମଦ୍ୱିବାହୁ

(c) ବିଷମ ବାହୁ (d) ସମକୋଣୀ ସମଦ୍ୱିବାହୁ

5. ABCD ଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ $m\angle B = 75^0$ ହେଲେ $m\angle D =$ ____ ଡିଗ୍ରୀ ।

(a) $105^0$ (b) $110^0$ (c) $90^0$ (d) $85^0$

6. ଦତ୍ତ ଚିତ୍ରରେ $m\angle OAB = 40^0$, O ବୃତ୍ତର କେନ୍ଦ୍ର ହେଲେ $m\angle AXB =$ ____ ଡିଗ୍ରୀ ।




(a) $40^0$ (b) $130^0$ (c) $90^0$ (d) $120^0$

7. ବୃତ୍ତାନ୍ତର୍ଲିଖିତ ରମ୍ବସ ଏକ ____ ଚିତ୍ର ।

(a) ସାମାନ୍ତରିକ ଚିତ୍ର (b) ଟ୍ରାପିଜିୟମ୍

(c) ବର୍ଗଚିତ୍ର (d) ଆୟତଚିତ୍ର

8. ଦତ୍ତ ଚିତ୍ରରେ $m\angle BAC + m\angle OBC =$ ____ ଡିଗ୍ରୀ ।




(a) 75 (b) 120 (c) 60 (d) 90

9. ଗୋଟିଏ ଚାପ ଓ ତା'ର ବିପରୀତ ଚାପ ଦ୍ୱୟର ଡିଗ୍ରୀ ପରିମାଣର ସମଷ୍ଟି ____ ଡିଗ୍ରୀ ।

(a) 120 (b) 360 (c) 180 (d) 260

10. ABCD ଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ $m\angle A = 120^0$ ଓ $m\angle B = 75^0$, ତେବେ $m\angle D - m\angle C =$ ____ ।

(a) $70^o$ (b) $60^o$ (c) $45^o$ (d) $50^o$

11. ଏକ ବୃତ୍ତରେ $\overline{OP} \perp \overline{AB}$, $AB = 16$ ସେ.ମି. OD = 6 ସେ.ମି. ହେଲେ $DP =$ ____ ସେ.ମି. ।




(a) 8 (b) 4 (c) 5 (d) 6

12. ନିମ୍ନ ଚିତ୍ରରେ $m\angle P = 3x$ $m\angle R = 2x, m\angle P =$ ____ ଡିଗ୍ରୀ ।




(a) 180 (b) 36 (c) 108 (d) 72

13. ଦତ୍ତ ବୃତ୍ତରେ AB ଓ CD ଜ୍ୟା ଦ୍ୱୟ ପରସ୍ପରକୁ P ବିନ୍ଦୁରେ ଛେଦ କରନ୍ତି । $m\angle PBD = 80^0$ ଓ $m\angle CAP = 45^0$ ହେଲେ $\angle APC$ ର ପରିମାଣ କେତେ ?




(a) $45^0$ (b) $80^0$ (c) $75^0$ (d) $55^0$

14. ଗୋଟିଏ ଅର୍ଦ୍ଧବୃତ୍ତ ଡିଗ୍ରୀ ପରିମାପ କେତେ ?

(a) $45^0$ (b) $180^0$ (c) $90^0$ (d) $60^0$

15. ନିମ୍ନ ଚିତ୍ରରେ $m\widehat{PQ} = 105^0$, $m\widehat{PR} = 115^0$ ହେଲେ $m\angle QPR =$ ____ ଡିଗ୍ରୀ ।




(a) 70 (b) 130 (c) 155 (d) 126

16. ନିମ୍ନ ଚିତ୍ରରେ ବୃତ୍ତ PQR ର କେନ୍ଦ୍ର 'O' ଓ $\widehat{PQ}$ ର ଏକ ଅନ୍ତଃସ୍ଥ ବିନ୍ଦୁ 'S' $m\widehat{PSQ} = 140^0$ ହେଲେ $m\angle PSQ =$ ____ ଡିଗ୍ରୀ ।




(a) 90 (b) 50 (c) 110 (d) 60

17. ଦୁଇଗୋଟି ବୃତ୍ତ ପରସ୍ପରକୁ ସର୍ବାଧିକ ____ଟି ବିନ୍ଦୁରେ ଛେଦ କରିବେ ।

(a) 1 (b) 2 (c) 4 (d) 3

18. ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜର ବାହୁମାନେ କେନ୍ଦ୍ରଠାରୁ ସମ ଦୂରବର୍ତ୍ତୀ ହେଲେ, ଚତୁର୍ଭୁଜଟି କି ପ୍ରକାର ଚିତ୍ର ?

(a) ଆୟତ ଚିତ୍ର (b) ରମ୍ବସ

(c) ସାମନ୍ତରିକ ଚିତ୍ର (d) ବର୍ଗଚିତ୍ର

19. ABCD ଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ $m\angle A - m\angle C = 30^0$ ତେବେ $m\angle C =$ ____ ଡିଗ୍ରୀ ।

(a) 75 (b) 80 (c) 60 (d) 100

20. ନିମ୍ନ ଚିତ୍ରରେ $m\angle DAC = m\angle DBC$, $m\angle BCD = 145^0$ ହେଲେ $m\angle BAD =$ ____ ଡିଗ୍ରୀ ।




(a) $150^0$ (b) $35^0$ (c) $65^0$ (d) $50^0$

21. 6 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତର ଯେଉଁ ଜ୍ୟା ଉପରେ କେନ୍ଦ୍ର ବିନ୍ଦୁ ଅଛି ତାର ଦୈର୍ଘ୍ୟ କେତେ ସେ.ମି ?

(a) 3 (b) 10 (c) 12 (d) 14

22. ନିମ୍ନସ୍ଥ ଚିତ୍ରରେ PQRS ଏକ ବୃତ୍ତାନ୍ତ ର୍ଲିଖିତ ଚତୁର୍ଭୁଜ, $\overline{PR}$ ଓ $\overline{QS}$ ଏହାର କର୍ଣ୍ଣ, ନିମ୍ନୋକ୍ତ କେଉଁ କୋଣ ଦ୍ୱୟ ଏକ ବୃତ୍ତଖଣ୍ଡସ୍ଥ କୋଣ ନୁହଁନ୍ତି ?




(a) $\angle PQS$ ଓ $\angle PRS$ (b) $\angle QPR$ ଓ $\angle RSQ$

(c) $\angle SPR$ ଓ $\angle SQR$ (d) $\angle PQR$ ଓ $\angle QRS$

23. ଗୋଟିଏ ବୃତ୍ତରେ ଏକ ଚାପର ଡିଗ୍ରୀ ପରିମାପ $90^0$, ତେବେ ଉକ୍ତ ଚାପଦ୍ୱାରା ନିର୍ଦ୍ଧାରିତ ଜ୍ୟା ଓ ବୃତ୍ତର ବ୍ୟାସାର୍ଦ୍ଧର ଅନୁପାତ କେତେ ?

(a) $\sqrt{2}:1$ (b) $1:\sqrt{2}$

(c) $\sqrt{3}:\sqrt{2}$ (d) $2:\sqrt{3}$

EduodiaApp

24. କେଉଁ ତ୍ରିଭୁଜର ପରିକେନ୍ଦ୍ର ଏହାର ଏକ ବହିଃସ୍ଥ ବିନ୍ଦୁ ?

(a) ସମକୋଣୀ (b) ସ୍ଥୁଳକୋଣୀ

(c) ସମବାହୁ (d) ସୂକ୍ଷ୍ମକୋଣୀ

25. ଗୋଟିଏ ବୃତ୍ତରେ ଏକ ଚାପର ଡିଗ୍ରୀ ପରିମାଣ $120^0$, ଚାପର ଦୈର୍ଘ୍ୟ ଓ ବୃତ୍ତର ପରିଧିର ଅନୁପାତ କେତେ ?

(a) 1:4 (b) 1:5 (c) 1:3 (d) 2:3

26. ନିମ୍ନ ଚିତ୍ରରେ $m\angle ADC = 150^0$, $\overline{AB}$ ଏକ ବ୍ୟାସ । ତେବେ $m\angle BAC =$ ___ ଡିଗ୍ରୀ ।




(a) 60 (b) 65 (c) 30 (d) 50

27. ନିମ୍ନ ଚିତ୍ରରେ $m\overparen{APB} = 80^0$ ହେଲେ $m\angle BPT =$ ___ ଡିଗ୍ରୀ ।




(a) 160 (b) 40 (c) 50 (d) 60

28. ନିମ୍ନ ଚିତ୍ରରେ $\overline{AB} \parallel \overline{CD}$, $m\angle BAD = 80^0$ ହେଲେ $m\angle EBC =$ ___ ଡିଗ୍ରୀ ।




(a) 150 (b) 75 (c) 100 (d) 120

29. ଗୋଟିଏ ବୃତ୍ତାନ୍ତର୍ଲିଖିତ ଟ୍ରାପିଜିୟମ୍‌ର ଗୋଟିଏ କୋଣ ସମକୋଣ ହେଲେ, ଏହା କେଉଁ ପ୍ରକାର ଚିତ୍ର ?

(a) ସାମନ୍ତରିକ ଚିତ୍ର (b) ବର୍ଗଚିତ୍ର

(c) ରମ୍ବସ (d) ଆୟତଚିତ୍ର

30. 'O' ବୃତ୍ତର କେନ୍ଦ୍ର $m\angle BAC = 120^0$ ହେଲେ $m\angle OBC =$ ___ ଡିଗ୍ରୀ ।




(a) $30^0$ (b) $40^0$ (c) $60^0$ (d) $45^0$

31. ଦତ୍ତ ଚିତ୍ରରେ $m\angle B = 60^0$ ଓ $m\angle D = 80^0$ ତେବେ $m\angle APC =$ ___ ଡିଗ୍ରୀ ।




(a) $50^0$ (b) $40^0$ (c) $30^0$ (d) $70^0$

32. ABCD ଏକ ବୃତ୍ତାନ୍ତର୍ଲିଖିତ ଟ୍ରାପିଜିୟମ୍, $\overline{AB} \parallel \overline{CD}$ । ତେବେ ନିମ୍ନୋକ୍ତ କେଉଁ ସଂପର୍କଟି ସତ୍ୟ ?

(a) $AD > BC$ (b) $AD < BC$

(c) $AD = BC$ (d) $2AD = BC$

33. ABCD ଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ AB = 4 ସେ.ମି. BC = 5 ସେ.ମି. AD = 8 ସେ.ମି., CD = 6 ସେ.ମି., AC = 10 ସେ.ମି. ହେଲେ BD = ___ ସେ.ମି. ।

(a) 5 (b) 8 (c) 6.2 (d) 6.4

34. $\Delta ABC$ ର ପରିବୃତ୍ତର କେନ୍ଦ୍ର 'O' ତ୍ରିଭୁଜଟିର ବହିଃସ୍ଥ ଏକ ବିନ୍ଦୁ $m\angle BAC = 120^0$ ହେଲେ $m\angle OBC =$ ___ ।

(a) $30^0$ (b) $60^0$ (c) $90^0$ (d) $180^0$

Eduodia App

35. $\Delta ABC$ ଏକ ବୃତ୍ତାନ୍ତର୍ଲିଖିତ ସମବାହୁ $\Delta$, $\overline{BC}$ ଜ୍ୟା ସହ ସଂପୃକ୍ତ କ୍ଷୁଦ୍ରଚାପ ଉପରେ P ଏକ ବିନ୍ଦୁ PA = 12 ସେ.ମି. ଓ PC = 5 ସେ.ମି. ହେଲେ, PB = ___ ସେ.ମି. ।

(a) 6 (b) 5 (c) 8 (d) 7

36. ଗୋଟିଏ କ୍ଷୁଦ୍ରଚାପର ଡିଗ୍ରୀ ପରିମାପ ___ କମ୍ ।

(a) $90^0$ (b) $180^0$ (c) $80^0$ (d) $100^0$

37. ଗୋଟିଏ ସୁଷମ ଷଡଭୁଜର ପ୍ରତ୍ୟେକ ବାହୁ ଏହାର ପରିବୃତ୍ତର ପରିଧିଠାରେ ___ ଡିଗ୍ରୀ କୋଣ ଅଙ୍କନ କରେ ।

(a) 90 (b) 60 (c) 150 (d) 120

38. $\Delta ABC$ ରେ $\angle A$ ର ସମଦ୍ୱିଖଣ୍ଡକ ଏହାର ପରିବୃତ୍ତକୁ 'D' ବିନ୍ଦୁରେ ଛେଦ କଲେ, BDC କି ପ୍ରକାର ତ୍ରିଭୁଜ ।

(a) ସମଦ୍ୱିବାହୁ (b) ସମବାହୁ
(c) ସମକୋଣୀ (d) ବିଷମବାହୁ

39. ଦତ୍ତ ଚିତ୍ରରେ $m\widehat{AC}$ ଓ $m\widehat{BD}$ ଯଥାକ୍ରମେ $80^0$ ଓ $30^0$ ହେଲେ $m\angle P =$ ___ ।




(a) $75^0$ (b) $25^0$ (c) $30^0$ (d) $60^0$

40. 17 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ଏକ ଜ୍ୟା ର ଦୈର୍ଘ୍ୟ 30 ସେ.ମି. । ବୃତ୍ତର କେନ୍ଦ୍ରଠାରୁ ଉକ୍ତ ଜ୍ୟା ର ଦୂରତା କେତେ ସେ.ମି. ?

(A) 7 (B) 8 (C) 9 (D) 10

41. ଏକ ବୃତ୍ତରେ 16 ସେ.ମି. ଦୈର୍ଘ୍ୟ ବିଶିଷ୍ଟ ଏକ ଜ୍ୟା ଏକ ବ୍ୟାସାର୍ଦ୍ଧ CP ଦ୍ୱାରା 'D' ବିନ୍ଦୁରେ ସମଦ୍ୱିଖଣ୍ଡିତ ହୁଏ । ବୃତ୍ତର ବ୍ୟାସାର୍ଦ୍ଧ 10 ସେ.ମି. ହେଲେ $\overline{DP}$ ର ଦୈର୍ଘ୍ୟ କେତେ ?

(A) 4 ସେ.ମି. (B) 5 ସେ.ମି.
(C) 6 ସେ.ମି. (D) 7 ସେ.ମି.

42. ଗୋଟିଏ ବୃତ୍ତରେ ଦୁଇଟି ସମାନ୍ତର ଜ୍ୟା ର ଦୈର୍ଘ୍ୟ ଯଥାକ୍ରମେ 24 ସେ.ମି. ଓ 10 ସେ.ମି. । ଜ୍ୟା ଦ୍ୱୟ ବୃତ୍ତର କେନ୍ଦ୍ରର ଏକ ପାର୍ଶ୍ୱରେ ଅବସ୍ଥିତ ଏବଂ ଜ୍ୟା ଦ୍ୱୟ ମଧ୍ୟରେ ଦୂରତା 7 ସେ.ମି. ହେଲେ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?

(A) 10 (B) 12 (C) 13 (D) 14

43. 40 ସେ.ମି. ବ୍ୟାସ ବିଶିଷ୍ଟ ଏକ ବୃତ୍ତରେ ଏକ ଜ୍ୟାର ଦୈର୍ଘ୍ୟ 24 ସେ.ମି. । ବୃତ୍ତର କେନ୍ଦ୍ରଠାରୁ ଏହି ଜ୍ୟାର ଦୂରତା କେତେ ସେ.ମି. ?

(A) 14 (B) 16 (C) 18 (D) 20

44. A ବିନ୍ଦୁ ବୃତ୍ତର ଏକ ବହିଃସ୍ଥ ବିନ୍ଦୁହେଲେ, ବୃତ୍ତ ଉପରେ A ଠାରୁ ସମଦୂରବର୍ତ୍ତୀ କେତେ ଯୋଡା ବିନ୍ଦୁ ଅଛି ?

(A) 1 (B) 2 (C) 3 (D) ଅସଂଖ୍ୟ

45. r ଏକକ ବିଶିଷ୍ଟ ଦୁଇଟି ବୃତ୍ତ ପରସ୍ପରର କେନ୍ଦ୍ରବିନ୍ଦୁଗାମୀ ହେଲେ, ସେମାନଙ୍କର ସାଧାରଣ ଜ୍ୟାର ଦୈର୍ଘ୍ୟ କେତେ ?

(A) $\sqrt{2}r$ ଏକକ (B) $\sqrt{3}r$ ଏକକ
(C) 2r ଏକକ (D) 3r ଏକକ

46. ଏକ ସୁଷମ ଷଡଭୁଜର ପ୍ରତ୍ୟେକ ବାହୁ ଏହାର ପରିବୃତ୍ତର କେନ୍ଦ୍ରଠାରେ ଉତ୍ପନ୍ନ କରୁଥିବା କେନ୍ଦ୍ରସ୍ଥ କୋଣର ପରିମାଣ କେତେ ?

(A) $45^0$ (B) $60^0$ (C) $75^0$ (D) $90^0$

47. r ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ପରିଲିଖିତ ବର୍ଗଚିତ୍ରର ବାହୁର ଦୈର୍ଘ୍ୟ କେତେ ସେ.ମି. ?

(A) r (B) $\sqrt{2}r$ (C) 2r (D) 3r

48. r ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ପରିଲିଖିତ ସମବାହୁ ତ୍ରିଭୁଜର ବାହୁର ଦୈର୍ଘ୍ୟ କେତେ ସେ.ମି. ?

(A) $\sqrt{2}r$ (B) $\sqrt{3}r$ (C) 3r (D) $2\sqrt{3}r$

49. ଗୋଟିଏ ସମବାହୁ ତ୍ରିଭୁଜର ପ୍ରତ୍ୟେକ ବାହୁ ଏହାର ପରିବୃତ୍ତର କେନ୍ଦ୍ରଠାରେ ଉତ୍ପନ୍ନ କରୁଥିବା କୋଣର ପରିମାଣ କେତେ ?

(A) $60^0$ (B) $90^0$ (C) $120^0$ (D) $135^0$

50. କୌଣସି ଏକ ବୃତ୍ତର ବ୍ୟାସାର୍ଦ୍ଧ ସେହି ବୃତ୍ତର ଜ୍ୟା ସହ ସମାନ ହେଲେ ଜ୍ୟା କେନ୍ଦ୍ରରେ ଉତ୍ପନ୍ନ କରୁଥିବା କୋଣର ପରିମାଣ କେତେ ?

(A) $50^0$ (B) $60^0$ (C) $75^0$ (D) $90^0$

51. ବୃତ୍ତର ଏକ ଜ୍ୟା ବୃତ୍ତର କେନ୍ଦ୍ରଠାରେ $90^o$ କୋଣ ଉତ୍ପନ୍ନ କରେ, ବ୍ୟାସାର୍ଦ୍ଧ ଓ ଜ୍ୟାର ଦୈର୍ଘ୍ୟର ଅନୁପାତ କେତେ ?

(A) $1:\sqrt{2}$ (B) $\sqrt{2}:1$ (C) $1:\sqrt{3}$ (D) $\sqrt{3}:1$

Eduodia App

52. ଗୋଟିଏ ବୃତ୍ତରରେ $\widehat{BPC}$ ର ଡିଗ୍ରୀ ପରିମାପ $30^0$ $\widehat{BPC}$ ର ବିପରୀତ ଚାପ ଉପରେ A ଏକ ବିନ୍ଦୁ ହେଲେ, $\Delta ABC$ ରେ $\angle A$ ର ପରିମାଣ କେତେ ?

(A) $15^0$ (B) $20^0$ (C) $30^0$ (D) $45^0$

53. ABCD ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜରେ $m\angle A = 70^0$, $m\angle B = 120^0$ ହେଲେ, $m\angle C$ ଓ $m\angle D$ ମଧ୍ୟରେ ଅନ୍ତର କେତେ ?

(A) $40^0$ (B) $45^0$ (C) $50^0$ (D) $60^0$

54. ଦତ୍ତ ଚିତ୍ରରେ 'O' ବୃତ୍ତର କେନ୍ଦ୍ର ଓ AB ବ୍ୟାସ। $m\widehat{AEC}$ $=130^0$ ହେଲେ $m\angle BDC$ = କେତେ ?




(A) $15^0$ (B) $25^0$ (C) $35^0$ (D) $45^0$

55. ABCD ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜରେ $m\angle A - m\angle C$ = $20^0$ ହେଲେ $m\angle A$ = କେତେ ?

(A) $80^0$ (B) $100^0$ (C) $110^0$ (D) $120^0$

56. ଦତ୍ତ ଚିତ୍ରରେ 'O' ବୃତ୍ତର କେନ୍ଦ୍ର $m\angle QPR = 32^0$ ହେଲେ $m\angle PQR$ ର ମାନ କେତେ ?




(A) $52^0$ (B) $56^0$ (C) $58^0$ (D) $62^0$

57. ଏକ ବୃତ୍ତର ବ୍ୟାସାର୍ଦ୍ଧ $\left(\frac{x+y}{2}\right)$ ଏକକ ଏବଂ ଜ୍ୟାର ଦୈର୍ଘ୍ୟ $(x-y)$ ଏକକ ହେଲେ, କେନ୍ଦ୍ରଠାରୁ ଜ୍ୟାର ଦୂରତା କେତେ ଏକକ ?

(A) $\sqrt{xy}$ (B) $\frac{x}{y}$ (C) $\frac{\sqrt{x}}{\sqrt{y}}$ (D) xy

58. ABCD ବୃତ୍ତାନ୍ତର୍ଲିଖିତ ଟ୍ରାପିଜିୟମ୍‌ର କର୍ଣ୍ଣଦ୍ୱୟ $\overline{AC}$ ଓ $\overline{BD}$ ମଧ୍ୟରେ କି ସମ୍ପର୍କ ଅଛି ?




(A) $AC > BD$ (B) $AC < BD$

(C) $AC = BD$ (D) କହିହେବ ନାହିଁ

59. ଏକ ବୃତ୍ତାନ୍ତର୍ଲିଖିତ ସମବାହୁ ତ୍ରିଭୁଜର ପ୍ରତ୍ୟେକ ବାହୁର ଦୈର୍ଘ୍ୟ 3 ସେ.ମି. ହେଲେ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି ?

(A) $\sqrt{2}$ (B) $\sqrt{3}$ (C) $2\sqrt{2}$ (D) $2\sqrt{3}$

60. $\Delta ABC$ ର ପରିବୃତ୍ତର କେନ୍ଦ୍ର 'O' ତ୍ରିଭୁଜର ଏକ ଅନ୍ତଃସ୍ଥ ବିନ୍ଦୁ ଅଟେ। $m\angle OBC = 60^0$ ହେଲେ $m\angle BAC$ ପରିମାଣ କେତେ ?

(A) $60^0$ (B) $45^0$ (C) $30^0$ (D) $15^0$

61. ବୃତ୍ତାନ୍ତର୍ଲିଖିତ ସାମନ୍ତରିକ ଚିତ୍ର କି ପ୍ରକାର ଚତୁର୍ଭୁଜ ?

(A) ଆୟତଚିତ୍ର (B) ବର୍ଗଚିତ୍ର

(C) ରମ୍ବସ (D) ଟ୍ରାପିଜିୟମ୍

62. ABCD ଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ। ଯଦି ଓ $\widehat{ABC}$ ଓ $\widehat{ADC}$ ଦ୍ୱୟର ବିପରୀତ ଚାପାନ୍ତର୍ଲିଖିତ କୋଣଦ୍ୱୟର ଅନୁପାତ 3:5 ତେବେ, $m\angle ADC$ ର ପରିମାଣ କେତେ ?

(A) $45^0$ (B) $52\frac{1}{2}^0$ (C) $67\frac{1}{2}^0$ (D) $72\frac{1}{2}^0$

63. PQR ବୃତ୍ତରେ $\overline{PR}$ ଏକ ବ୍ୟାସ ହେଲେ $m\widehat{PQR}$ କେତେ ?

(A) $90^0$ (B) $135^0$ (C) $180^0$ (D) $360^0$

EduodiaApp

64. ABCD ଏକ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ ଏବଂ X ଓ Y ଏହି ବୃତ୍ତ ଉପରିସ୍ଥ ଦୁଇଟି ବିନ୍ଦୁ । $m\widehat{BXA} = 55^0$, $m\widehat{AYD} = 75^0$ ହେଲେ $m\angle BCD =$ କେତେ ?




(A) $60^0$ (B) $65^0$ (C) $70^0$ (D) $75^0$

65. ନିମ୍ନ ଚିତ୍ରରେ $\overline{AB}$ ଓ $\overline{AC}$ ଦୁଇଟି ସର୍ବସମ ଜ୍ୟା । 'O' ବୃତ୍ତର କେନ୍ଦ୍ର । $m\angle AOC = 112^0$ ହେଲେ $m\angle BAC$ କେତେ ?




(A) $58^0$ (B) $68^0$ (C) $72^0$ (D) $78^0$

66. ନିମ୍ନ ଚିତ୍ରରେ $\overline{AB}$ ଓ $\overline{CD}$ ଜ୍ୟା ଦ୍ୱୟ ପରସ୍ପରକୁ P ବିନ୍ଦୁରେ ଛେଦ କରନ୍ତି । $m\angle PBD = 80^0$ ଓ $m\angle CAP = 45^0$ ହେଲେ $m\angle BPD$ କେତେ ?




(A) $45^0$ (B) $50^0$ (C) $55^0$ (D) $60^0$

67. 10 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତର କେନ୍ଦ୍ରଠାରୁ ଉକ୍ତ ବୃତ୍ତର 16 ସେ.ମି. ଦୈର୍ଘ୍ୟ ଏକ ଜ୍ୟା ପ୍ରତି ଅଙ୍କିତ ଲମ୍ବର ଦୈର୍ଘ୍ୟ କେତେ ସେ.ମି. ହେବ ?

(A) 6 (B) 7 (C) 8 (D) 10

68. ଗୋଟିଏ ବୃତ୍ତରେ ଏକ ଚାପର ଅନ୍ତର୍ଲିଖିତ କୋଣର ପରିମାଣ $45^0$ ହେଲେ, ସଂପୃକ୍ତ ଜ୍ୟାର ଦୈର୍ଘ୍ୟ ଓ ବ୍ୟାସାର୍ଦ୍ଧର ଅନୁପାତ କେତେ ହେବ ?

(A) 2:1 (B) 1:2 (C) $\sqrt{2}:1$ (D) $1:\sqrt{2}$

69. ଗୋଟିଏ ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜ ABCD ରେ $m\angle A = 50^0$, $m\angle B = 120^0$ ହେଲେ $m\angle C$ ଓ $m\angle D$ ର ଅନ୍ତର କେତେ ?

(A) $60^0$ (B) $70^0$ (C) $75^0$ (D) $80^0$

70. ଗୋଟିଏ ବୃତ୍ତରେ ଏକ ଚାପର ବିପରୀତ ଚାପର ଅନ୍ତର୍ଲିଖିତ କୋଣର ପରିମାଣ $60^0$ ହେଲେ, ଚାପର ଦୈର୍ଘ୍ୟ ଓ ବୃତ୍ତର ପରିଧିର ଅନୁପାତ କେତେ ?

(A) 2 : 1 (B) 3 : 1 (C) 1:2 (D) 1:3

71. ନିମ୍ନସ୍ଥ ଚିତ୍ରରେ 'O' ବୃତ୍ତର କେନ୍ଦ୍ର । $m\angle BAC = 25^0$ ହେଲେ, $m\angle BOC =$ କେତେ ?




(A) $25^0$ (B) $40^0$ (C) $50^0$ (D) $60^0$

72. ଗୋଟିଏ ବୃତ୍ତର ଜ୍ୟା କେନ୍ଦ୍ରଠାରେ ଏକ ସମକୋଣ ଉତ୍ପନ୍ନ କରେ । ଏହାର ଦୈର୍ଘ୍ୟ 7 ସେ.ମି. ହେଲେ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?

(A) 7 (B) $7\sqrt{2}$ (C) $\frac{7}{\sqrt{2}}$ (D) $\frac{7}{\sqrt{3}}$

Eduodia App

## ବୃତ୍ତ ଉତ୍ତର ଫର୍ଦ୍ଦ (ANSWER SHEET)

| | | | | | | | | | | | |
|---|---|---|---|---|---|---|---|---|---|---|---|
| 1. D | 2. C | 3. B | 4. A | 5. A | 6. B | 7. C | 8. D | 9. B | 10. C | 11. B | 12. C |
| 13. D | 14. B | 15. A | 16. C | 17. B | 18. D | 19. A | 20. B | 21. C | 22. D | 23. A | 24. B |
| 25. C | 26. A | 27. B | 28. C | 29. D | 30. A | 31. B | 32. C | 33. D | 34. A | 35. D | 36. B |
| 37. C | 38. A | 39. B | 40. B | 41. A | 42. C | 43. B | 44. D | 45. B | 46. B | 47. C | 48. D |
| 49. C | 50. B | 51. A | 52. A | 53. C | 54. B | 55. B | 56. C | 57. A | 58. A | 59. B | 60. C |
| 61. A | 62. C | 63. C | 64. B | 65. B | 66. C | 67. A | 68. C | 69. B | 70. D | 71. C | 72. C |

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (5 ନମ୍ବର ସମ୍ବଳିତ)

1.(i) ପ୍ରମାଣ କର ଯେ ଏକ ସମକୋଣୀ ତ୍ରିଭୁଜରେ କର୍ଣ୍ଣର ମଧ୍ୟବିନ୍ଦୁ ଏହାର ପରିବୃତ୍ତର କେନ୍ଦ୍ର ଅଟେ ।

(ii) $\overline{PQ}$ ଗୋଟିଏ ବୃତ୍ତର ଜ୍ୟା P ଓ Q ଠାରେ ଉକ୍ତ ଜ୍ୟା ପ୍ରତି ଅଙ୍କିତ ଲମ୍ବ ବୃତ୍ତକୁ ଯଥାକ୍ରମେ R ଓ S ବିନ୍ଦୁରେ ଛେଦ କରନ୍ତି । ପ୍ରମାଣ କର ଯେ QR = PS ।

2.(i) A ଓ B କେନ୍ଦ୍ର ବିଶିଷ୍ଟ ଦୁଇଗୋଟି ବୃତ୍ତ ପରସ୍ପରକୁ P ଓ Q ବିନ୍ଦୁରେ ଛେଦ କରନ୍ତି । 'P' ମଧ୍ୟ ଦେଇ $\overline{AB}$ ସହିତ ସମାନ୍ତର ସରଳରେଖା ବୃତ୍ତ ଦ୍ୱୟକୁ M ଓ N ବିନ୍ଦୁରେ ଛେଦ କଲେ, ପ୍ରମାଣ କର ଯେ MN = 2AB ।

(ii) ପ୍ରମାଣ କର ଯେ କ୍ଷୁଦ୍ରଚାପରେ ଅନ୍ତର୍ଲିଖିତ କୋଣ ଏକ ସ୍ଥୂଳକୋଣ ।

3.(i) $\Delta ABC$ ର ପରିବୃତ୍ତର କେନ୍ଦ୍ର 'O' ତ୍ରିଭୁଜର ଏକ ଅନ୍ତଃସ୍ଥ ବିନ୍ଦୁ ହେଲେ, ପ୍ରମାଣ କର ଯେ $m\angle BAC + m\angle OBC = 90^0$

(ii) ପ୍ରମାଣ କର ଯେ ଗୋଟିଏ ଟ୍ରାପିଜିୟମ୍‌ର ଅସମାନ୍ତର ବାହୁଦ୍ୱୟ ସର୍ବସମ ହେଲେ, ଟ୍ରାପିଜିୟମ୍‌ଟି ବୃତ୍ତାନ୍ତର୍ଲିଖିତ ହେବ ।

4.(i) $\Delta ABC$ ର କୋଣମାନଙ୍କର ସମଦ୍ୱିଖଣ୍ଡକ ଏହାର ପରିବୃତ୍ତକୁ X, Y ଓ Z ବିନ୍ଦୁରେ ଛେଦ କରନ୍ତି, ତେବେ ପ୍ରମାଣ କର ଯେ $\Delta XYZ$ କୋଣ ମାନଙ୍କର ପରିମାଣ ଯଥାକ୍ରମେ $90^0 - \frac{1}{2}\angle A, 90^0 - \frac{1}{2}\angle B$ ଓ $90^0 - \frac{1}{2}\angle C$ ।

(ii) $\Delta ABC$ ଏକ ବୃତ୍ତାନ୍ତର୍ଲିଖିତ ସମବାହୁ ତ୍ରିଭୁଜ, $\overline{BC}$ ଜ୍ୟା ସହ ସଂପୃକ୍ତ କ୍ଷୁଦ୍ରଚାପ ଉପରେ 'P' ଏକ ବିନ୍ଦୁ । ପ୍ରମାଣ କର ଯେ PA = PB + PC ।

5.(i) ଗୋଟିଏ ବୃତ୍ତର ବହିଃସ୍ଥ ଏକ ବିନ୍ଦୁ 'P' ମଧ୍ୟଦେଇ ଅଙ୍କିତ ଦୁଇଗୋଟି ଛେଦକ ବୃତ୍ତକୁ A, B ଓ C, D ବିନ୍ଦୁରେ ଛେଦ କରେ, ଯେପରିକି P – A – B ଓ P–C–D ଯଦି AB = CD ହୁଏ, ପ୍ରମାଣ କର ଯେ PA = PC ।

(ii) ପ୍ରମାଣ କର ଯେ ଗୋଟିଏ ବୃତ୍ତର ଦୁଇଗୋଟି ଜ୍ୟା ପରସ୍ପରକୁ ସମଦ୍ୱିଖଣ୍ଡ କଲେ, ଜ୍ୟା ଦ୍ୱୟ ବୃତ୍ତର ବ୍ୟାସ ଅଟନ୍ତି ।

6.(i) ପ୍ରମାଣ କର ଯେ, ଗୋଟିଏ ବୃତ୍ତର ଦୁଇ ସର୍ବସମ ଜ୍ୟା କେନ୍ଦ୍ରଠାରେ ଯେଉଁ କୋଣ ଉତ୍ପନ୍ନ କରନ୍ତି ସେମାନେ ସର୍ବସମ ।

(ii) ପ୍ରମାଣ କର ଯେ, ଗୋଟିଏ ବୃତ୍ତରେ ଦୁଇଟି ସର୍ବସମ ଚାପ ସହ ସମ୍ପୃକ୍ତ ଜ୍ୟାଦ୍ୱୟ ସର୍ବସମ ।

## ଦୀର୍ଘ ପ୍ରଶ୍ନାବଳୀର ଉତ୍ତର

1.(i)




ଦତ୍ତ $\Delta ABC$ ଏକ ସମକୋଣୀ ତ୍ରିଭୁଜ, AC କର୍ଣ୍ଣର ମଧ୍ୟବିନ୍ଦୁ 'O'

ପ୍ରାମାଣ୍ୟ - 'O', $\Delta ABC$ ର ପରିକେନ୍ଦ୍ର ଅଟେ।

ଅଙ୍କନ - $\overline{OD} \perp \overline{AB}$ ଅଙ୍କନ କରାଯାଉ, ତତ୍ପରେ $\overline{OB}$ ଅଙ୍କନ କରାଯାଉ।

ପ୍ରମାଣ - $m\angle ODA = 90^0$ (ଅଙ୍କିତ)

$m\angle ABC = 90^0$ (ଦତ୍ତ)

$\Rightarrow m\angle ODA = m\angle ABC$ (ଅନୁରୂପ)

$\Rightarrow \overline{OD} \parallel \overline{BC}$

$\Rightarrow \dfrac{AD}{BD} = \dfrac{AO}{OC}$

$\Rightarrow \dfrac{AD}{BD} = 1$ ($\because AO = OC$ ଦତ୍ତ)

$\Rightarrow AD = BD$

$\Delta ODA$ ଏବଂ $\Delta ODB$ ମଧ୍ୟରେ

$AD = BD$ (ପୂର୍ବରୁ ପ୍ରମାଣିତ)

$m\angle ODA = m\angle ODB$ (ପ୍ରତ୍ୟେକ ସମକୋଣ)

OD = ସାଧାରଣ ବାହୁ

ତେଣୁ $\Delta ODA \cong \Delta ODB$ ($\because$ ବା-କୋ-ବା ସର୍ବସମତା)

$\Rightarrow OA = OB$ ($\because$ ସର୍ବସମ $\Delta$ ର ଅନୁରୂପ ବାହୁ)

$\Rightarrow OA = OB = OC$ ($\because OA = OC$ ଦତ୍ତ)

ତେଣୁ 'O' କୁ କେନ୍ଦ୍ର ଏବଂ $\overline{OA}$ କୁ ବ୍ୟାସାର୍ଦ୍ଧ ନେଇ ଏକ ବୃତ୍ତ ଅଙ୍କନ କଲେ ତାହା A, B ଓ C ବିନ୍ଦୁ ତ୍ରୟ ଦେଇ ଯିବ।

ତେଣୁ 'O' ବିନ୍ଦୁ ABC ସମକୋଣୀ ର ପରିକେନ୍ଦ୍ର। (ପ୍ରମାଣିତ)

(ii)




ଦତ୍ତ - ବୃତ୍ତର $\overline{PQ}$ ଏକ ଜ୍ୟା P ଓ Q ଠାରେ ଉକ୍ତ ଜ୍ୟା ପ୍ରତି ଅଙ୍କିତ ଲମ୍ବ ବୃତ୍ତକୁ ଯଥାକ୍ରମେ R ଓ S ବିନ୍ଦୁରେ ଛେଦ କରନ୍ତି।

ପ୍ରାମାଣ୍ୟ - QR = PS

ଅଙ୍କନ - $\overline{RS}$ ଜ୍ୟା ଅଙ୍କନ କରାଯାଉ

ପ୍ରମାଣ - ଚତୁର୍ଭୁଜ PQSR ବୃତ୍ତାନ୍ତର୍ଲିଖିତ

$\Rightarrow m\angle P + m\angle S = 180^0$

($\because$ ବୃତ୍ତାନ୍ତଲିଖିତ ଚତୁର୍ଭୁଜର ବିପରୀତ କୋଣମାନ ପରସ୍ପର ପରିପୂରକ।)

କିନ୍ତୁ $m\angle RPQ = 90^0$ (ଦତ୍ତ)

$\Rightarrow m\angle S = 90^0$

ସେହିପରି ଦର୍ଶାଯାଇ ପାରେଯେ $m\angle PRS = 90^0$

ତେଣୁ PQSR ଚତୁର୍ଭୁଜ ଏକ ଆୟତଚିତ୍ର

$\Rightarrow QR = PS$ (ପ୍ରମାଣିତ)

2.(i)




ଦତ୍ତ - $S_1$ ଏବଂ $S_2$ ବୃତ୍ତ ଦ୍ୱୟ ପରସ୍ପରକୁ P ଓ Q ବିନ୍ଦୁରେ ଛେଦ କରନ୍ତି। A ଓ B ଯଥାକ୍ରମେ ବୃତ୍ତଦ୍ୱୟର କେନ୍ଦ୍ର। P ବିନ୍ଦୁ ମଧ୍ୟଦେଇ $\overline{AB}$ ସହ ସମାନ୍ତର ଭାବେ ଅଙ୍କିତ ସରଳରେଖା ବୃତ୍ତ ଦ୍ୱୟକୁ M ଓ N ବିନ୍ଦୁରେ ଛେଦ କରେ।

ପ୍ରାମାଣ୍ୟ - MN = 2AB

Eduodia App

ଅଙ୍କନ - $\overline{AD} \perp \overline{MP}$ ଓ $\overline{BE} \perp \overline{PN}$ ଅଙ୍କନ କରାଯାଉ

ପ୍ରମାଣ - $m\angle ADE = m\angle BEN$ ($\because$ ପ୍ରତ୍ୟେକ ସମକୋଣ)

କିନ୍ତୁ ଏହି କୋଣଦ୍ୱୟ $\overline{AD}$, $\overline{BE}$ ଓ $\overline{MN}$ ଛେଦକ ପାଇଁ ଅନୁରୂପକୋଣ

$\Rightarrow \overline{AD} \parallel \overline{BE}$

ପୁନଶ୍ଚ $\overline{AB} \parallel \overline{DE}$ ($\because \overline{MN} \parallel \overline{AB}$)

ତେଣୁ ABED ଏକ ଆୟତ ଚିତ୍ର

$\Rightarrow AB = DE$

$= DP + PE$

$= \frac{1}{2}MP + \frac{1}{2}PN$

$= \frac{1}{2}(MP + PN) = \frac{1}{2}MN$

$\Rightarrow MN = 2AB$ (ପ୍ରମାଣିତ)

2.(ii)




ଦତ୍ତ - $\widehat{ABC}$ କ୍ଷୁଦ୍ର ଚାପରେ ଅନ୍ତର୍ଲିଖିତ କୋଣ $\angle ABC$ ।

ପ୍ରାମାଣ୍ୟ - $\angle ABC$ ସ୍ଥୂଳକୋଣ ଅର୍ଥାତ୍ $m\angle ABC > 90^0$

ଅଙ୍କନ - $\overline{AD}$ ବ୍ୟାସ ଅଙ୍କନ କରାଯାଉ ଓ ତପ୍ରେ ଜ୍ୟା $\overline{BD}$ ଅଙ୍କନ କରାଯାଉ ।

ପ୍ରମାଣ - ବୃତ୍ତର ବ୍ୟାସ

$\Rightarrow \widehat{ABD}$ ଅର୍ଦ୍ଧବୃତ୍ତ ।

ତେଣୁ $\angle ABD = 90^0$

$\angle ABC$ ର ଅନ୍ତର୍ଦ୍ଦେଶରେ ଅବସ୍ଥିତ 'D' ଏକ ବିନ୍ଦୁ

$\Rightarrow m\angle ABC = m\angle ABD + m\angle DBC$

$\Rightarrow 90^0 + m\angle DBC$

$\Rightarrow m\angle ABC > 90^0$ (ପ୍ରମାଣିତ)

3.(i)




ଦତ୍ତ - $\Delta ABC$ ର ପରିବୃତ୍ତର କେନ୍ଦ୍ର 'O' $\Delta$ ର ଏକ ଅନ୍ତଃସ୍ଥ ବିନ୍ଦୁ ।

ପ୍ରାମାଣ୍ୟ - $m\angle BAC + m\angle OBC = 90^0$

ଅଙ୍କନ - $\overrightarrow{BO}$ ଏବଂ ବୃତ୍ତର ଛେଦ ବିନ୍ଦୁକୁ 'D' ଦିଆଯାଉ, ତପ୍ରେ $\overline{AD}$ ଜ୍ୟା ଅଙ୍କନ କରାଯାଉ ।

ପ୍ରମାଣ - $\overline{BD}$ ବୃତ୍ତର ବ୍ୟାସ

$\Rightarrow \widehat{BAD}$ ଅର୍ଦ୍ଧବୃତ୍ତ

ତେଣୁ $m\angle BAD = 90^0$

$\Rightarrow m\angle BAC + m\angle CAD = 90^0$

($\because$ 'C' ବିନ୍ଦୁ $\angle BAD$ ର ଏକ ଅନ୍ତଃସ୍ଥ ବିନ୍ଦୁ)

$\Rightarrow m\angle BAC + m\angle OBC = 90^0$

$\Rightarrow m\angle BAC + m\angle OBC = 90^0$

($\because$ ଏକା ଚାପ $\widehat{CAD}$ ରେ ଅର୍ନ୍ତଲିଖିତ $m\angle CAD = m\angle DBC$) (ପ୍ରମାଣିତ)

3.(ii)




ଦତ୍ତ - ABCD ଏକ ଟ୍ରାପିଜିୟମ୍ । $\overline{AB} \parallel \overline{CD}$, $AD = BC$

ପ୍ରାମାଣ୍ୟ - ଟ୍ରାପିଜିୟମ୍ ବୃତ୍ତାନ୍ତର୍ଲିଖିତ ହେବ ।

ଅଙ୍କନ - $\overline{BE} \parallel \overline{AD}$ ଅଙ୍କନ କରାଯାଉ ।

ପ୍ରମାଣ - ABCD ଟ୍ରାପିଜିୟମ୍‌ରେ $\overline{AB} \parallel \overline{DC}$ (ଦତ୍ତ)

$\overline{AD} \parallel \overline{BE}$ (ଅଙ୍କିତ)

Eduodia App

$\Rightarrow$ ABED ଏକ ସାମାନ୍ତରିକ ଚିତ୍ର ।

$\Rightarrow m\angle DAB = m\angle BED$ ଓ $AD = BE$

($\because$ ସାମନ୍ତରିକ ଚିତ୍ରର ବିପରୀତ କୋଣ ଏବଂ ବିପରୀତ ବାହୁ)

କିନ୍ତୁ $AD = BC$ (ଦତ୍ତ)

$\Rightarrow BE = BC$

$\Rightarrow m\angle BEC = m\angle BCE$

$m\angle BED + m\angle BEC = 180^0$

($\because$ ସନ୍ନିହିତ ପରିପୂରକ କୋଣ)

$\Rightarrow m\angle DAB + m\angle BCE = 180^0$

ତେଣୁ ABCD ଚତୁର୍ଭୁଜରେ

$$m\angle ADC + m\angle ABC = 180^0$$

ଅର୍ଥାତ୍ ABCD ଚତୁର୍ଭୁଜ ବୃତ୍ତାନ୍ତର୍ଲିଖିତ

(ପ୍ରମାଣିତ)

4.(i)




ଦତ୍ତ : $\Delta ABC$ ରେ $\angle A$, $\angle B$ ଓ $\angle C$ ର ସମଦ୍ୱିଖଣ୍ଡକ ଏହାର ପରିବୃତ୍ତକୁ ଯଥାକ୍ରମେ x, y ଓ z ବିନ୍ଦୁରେ ଛେଦ କରେ ।

ପ୍ରାମାଣ୍ୟ - (i) $m\angle ZXY = 90^0 - \frac{1}{2}m\angle A$

(ii) $m\angle XYZ = 90^0 - \frac{1}{2}m\angle B$

(iii) $m\angle XZY = 90^0 - \frac{1}{2}m\angle C$

ପ୍ରମାଣ - $m\angle ZXY = m\angle ZXA + m\angle AXY$

($\because$ 'A' ବିନ୍ଦୁ $\angle ZXY$ ର ଏକ ଅନ୍ତଃସ୍ଥ ବିନ୍ଦୁ)

$= m\angle ZCA + m\angle ABY$

($\because$ ଏକା ଚାପ $\widehat{ZXA}$ ରେ ଅନ୍ତର୍ଲିଖିତ $m\angle ZXA = m\angle ZCA$ ଓ ଏକା ଚାପ $\widehat{AXY}$ ରେ ଅନ୍ତର୍ଲିଖିତ $m\angle AXY = m\angle ABY$ )

$= \frac{1}{2}m\angle ACB + \frac{1}{2}m\angle ABC$

($\because \overline{CZ}, \angle ACB$ ର ଏବଂ $\overline{BY}, \angle ABC$ ର ସମଦ୍ୱିଖଣ୍ଡକ)

$= \frac{1}{2}(m\angle ACB + m\angle ABC)$

$= \frac{1}{2}(180^0 - m\angle BAC)$

$(\because m\angle A + m\angle B + m\angle C = 180^0)$

$= 90^0 - \frac{1}{2}m\angle BAC$

$\Rightarrow m\angle ZXY = 90^0 - \frac{1}{2}m\angle A$

ସେହିପରି ଭାବରେ ପ୍ରମାଣ କରାଯାଇ ପାରେଯେ

$m\angle XYZ = 90^0 - \frac{1}{2}m\angle B$ ଓ

$m\angle XZY = 90^0 - \frac{1}{2}m\angle C$ (ପ୍ରମାଣିତ)

4.(ii)




ଦତ୍ତ : ABC ଏକ ବୃତ୍ତାନ୍ତର୍ଲିଖିତ ସମବାହୁ $\Delta$, $\overline{BC}$ ଜ୍ୟା ସହ ସଂପୃକ୍ତ କ୍ଷୁଦ୍ରଚାପ ଉପରେ 'P' ଏକ ବିନ୍ଦୁ ।

ପ୍ରାମାଣ୍ୟ - $PA = PB + PC$

ଅଙ୍କନ - $\overrightarrow{BP}$ ଉପରେ ଏକ ବିନ୍ଦୁ 'D' ଦିଆଯାଉ ଯେପରିକି $PC = PD$ ତପ୍ରେ $\overline{CD}$ ଅଙ୍କନ କରାଯାଉ ।

ପ୍ରମାଣ - ABPC ବୃତ୍ତାନ୍ତର୍ଲିଖିତ ଚତୁର୍ଭୁଜରେ ବହିଃସ୍ଥ

$m\angle CPD = m\angle BAC$

କିନ୍ତୁ $m\angle BAC = 60^0$ ($\because \Delta ABC$ ସମବାହୁ)

$\Rightarrow m\angle CPD = 60^0$

କିନ୍ତୁ $\Delta PCD$ ରେ $PC = PD$ (ଅଙ୍କନ)

$\Rightarrow m\angle PCD = \angle PDC = 60^0$

ତେଣୁ $\Delta PCD$ ଏକ ସମବାହୁ

$\Rightarrow PC = PD = CD$

$m\angle ACB = m\angle PCD = 60^0$

$\Rightarrow m\angle ACB + m\angle BCP = m\angle PCD + m\angle BCP$

$\Rightarrow m\angle ACP = m\angle BCD$

$\Delta ACP$ ଓ $\Delta BCD$ ଦ୍ୱୟ ମଧ୍ୟରେ

$\because \{AC = BC$ (ଦତ୍ତ)$\}$

$m\angle ACP = m\angle BCD$ (ପୂର୍ବରୁ ପ୍ରମାଣିତ)

$PC = CD$ (ପୂର୍ବରୁ ପ୍ରମାଣିତ)

$\Rightarrow \Delta ACP \cong \Delta BCD$ (ବା-କୋ-ବା)

$\Rightarrow PA = BD$ ($\because$ ସର୍ବସମ $\Delta$ ର ଅନୁରୂପ ବାହୁ)

$\Rightarrow PA = PB + PD$

$= PB + PC$ (ପ୍ରମାଣିତ)

5.(i)




ଦତ୍ତ : ବୃତ୍ତର ବହିଃସ୍ଥ ଏକ ବିନ୍ଦୁ 'P', 'P' ବିନ୍ଦୁରୁ ଅଙ୍କିତ ଛେଦକ ଦ୍ୱୟ ବୃତ୍ତକୁ A, B ଏବଂ C, D ବିନ୍ଦୁରେ ଛେଦ କରେ, ଯେପରିକି $P - A - B$ ଓ $P - C - D$, $AB = CD$

ପ୍ରାମାଣ୍ୟ - $PA = PC$

ଅଙ୍କନ - $\overline{BD}$ ଜ୍ୟା ଅଙ୍କନ କରାଯାଉ।

ପ୍ରମାଣ - $AB = CD$

$\Rightarrow \widehat{AB} \cong \widehat{CD}$

$\Rightarrow \ell\widehat{AB} = \ell\widehat{CD}$

$\Rightarrow \ell\widehat{AB} + \ell\widehat{AC} = \ell\widehat{CD} + \ell\widehat{AC}$

$\Rightarrow \ell\widehat{BAC} = \ell\widehat{ACD}$

$\Rightarrow \widehat{BAC} \cong \widehat{ACD}$

$\Rightarrow \frac{1}{2} m\widehat{BAC} = \frac{1}{2} m\widehat{ACD}$

$\Rightarrow m\angle BDC = m\angle ABD$

$\Rightarrow \Delta PBD$ ରେ $PB = PD$

$\Rightarrow AB + PA = CD + PC$

$\Rightarrow PA = PC$ ($\therefore AB = CD$ ଦତ୍ତ) (ପ୍ରମାଣିତ)

5.(ii)




ଦତ୍ତ : $\overline{AB}$ ଓ $\overline{CD}$ ଜ୍ୟା ଦ୍ୱୟ ପରସ୍ପରକୁ 'O' ବିନ୍ଦୁରେ ସମଦ୍ୱିଖଣ୍ଡ କରନ୍ତି।

ପ୍ରାମାଣ୍ୟ - $\overline{AB}$ ଓ $\overline{CD}$ ବୃତ୍ତର ବ୍ୟାସ ଅଟନ୍ତି।

ଅଙ୍କନ - ମନେକର ବୃତ୍ତର କେନ୍ଦ୍ର O', $\overline{OO'}$ ଅଙ୍କନ କରାଯାଉ।

ପ୍ରମାଣ - O' ବୃତ୍ତର କେନ୍ଦ୍ର ଏବଂ 'O' $\overline{AB}$ ର ମଧ୍ୟବିନ୍ଦୁ।

$\Rightarrow m\angle O'OB = 90^0$ (I)

($\because$ କୌଣସି ବୃତ୍ତର ବ୍ୟାସ ଭିନ୍ନ ଏକ ଜ୍ୟା ର ମଧ୍ୟବିନ୍ଦୁ ଓ କେନ୍ଦ୍ରକୁ ଯୋଗ କରୁଥିବା ରେଖା ଉକ୍ତ ଜ୍ୟା ପ୍ରତି ଲମ୍ବ ଅଟେ।)

ସେହିପରି $\overline{CD}$ ଜ୍ୟାର ମଧ୍ୟବିନ୍ଦୁ 'O' ଏବଂ O' ବୃତ୍ତର କେନ୍ଦ୍ର।

$\Rightarrow m\angle O'OC = 90^0$ (II)

(I) & (II) $\Rightarrow m\angle O'OB = m\angle O'OC$

କିନ୍ତୁ $m\angle O'OB$ ର 'C' ଏକ ଅନ୍ତଃସ୍ଥ ବିନ୍ଦୁ ହୋଇଥିବାରୁ ଏହା ଅସମ୍ଭବ।

$\Rightarrow O = O'$

Eduodia App

$\Rightarrow \overline{AB}$ ଓ $\overline{CD}$ ଜ୍ୟା ଦ୍ୱୟ ବୃତ୍ତର ବ୍ୟାସ (ପ୍ରମାଣିତ)

6.(i)




$$=\frac{\frac{\cos 16^0+\sin 16^0}{\cos 16^0}}{\frac{\cos 16^0-\sin 16^0}{\cos 16^0}}$$

$=\frac{\cos 16^0+\sin 16^0}{\cos 16^0-\sin 16^0}=$ R.H.S. (ପ୍ରମାଣିତ)

Eduodia App

**7.(b) A + B + C = 180⁰ ହେଲେ, ପ୍ରମାଣ କର ଯେ, tan A + tan B + tan C = tan A . tan B . tan C.**

ସମାଧାନ : $A+B+C=180^0$

$\Rightarrow \quad A+B=180^0-C$

$\Rightarrow \quad \tan(A+B)=\tan(180^0-C)$

$\Rightarrow \quad \dfrac{\tan A+\tan B}{1-\tan A.\tan B}=-\tan C$

$\Rightarrow \quad \tan A+\tan B=-\tan C(1-\tan A.\tan B)$

$\Rightarrow \quad \tan A+\tan B=-\tan C+\tan A.\tan B.\tan C$

$\Rightarrow \quad \tan A+\tan B+\tan C=\tan A.\tan B.\tan C$ (ପ୍ରମାଣିତ)

**8.(a) ପ୍ରମାଣ କର : tan 7A . tan 4A . tan 3A = tan 7A – tan 4A – tan 3A.**

ସମାଧାନ : $7A=4A+3A$

$\Rightarrow \quad \tan 7A=\tan(4A+3A)$

$\Rightarrow \quad \tan 7A=\dfrac{\tan 4A+\tan 3A}{1-\tan 4A.\tan 3A}$

$\Rightarrow \quad \tan 4A+\tan 3A=\tan 7A(1-\tan 4A.\tan 3A)$

$\Rightarrow \quad \tan 4A+\tan 3A=\tan 7A-\tan 7A.\tan 4A.\tan 3A$

$\Rightarrow \quad \tan 7A.\tan 4A.\tan 3A=\tan 7A-\tan 4A-\tan 3A$ (ପ୍ରମାଣିତ)

Eduodia App

**8.(b) ପ୍ରମାଣ କର : (cot 10⁰ – 1) (cot 35⁰ – 1) = 2**

ସମାଧାନ : $10^0+35^0=45^0$

$\Rightarrow \quad \cot(10^0+35^0)=\cot 45^0$

$\Rightarrow \quad \dfrac{\cot 10^0.\cot 35^0-1}{\cot 35^0+\cot 10^0}=1$

$\Rightarrow \quad \cot 10^0.\cot 35^0-1=\cot 35^0+\cot 10^0$

$\Rightarrow \quad \cot 10^0.\cot 35^0-\cot 35^0-\cot 10^0=1$

$\Rightarrow \quad \cot 10^0.\cot 35^0-\cot 35^0-\cot 10^0+1=1+1$ (ଉଭୟ ପାର୍ଶ୍ୱରେ 1 ଯୋଗ କଲେ)

$\Rightarrow \quad \cot 35^0(\cot 10^0-1)-1(\cot 10^0-1)=2$

$\Rightarrow \quad (\cot 10^0-1)(\cot 35^0-1)=2$ (ପ୍ରମାଣିତ)

# ପଞ୍ଚମ ଅଧ୍ୟାୟ

# ପରିମିତି

## ବୃତ୍ତ ସମ୍ବନ୍ଧୀୟ

(ଆବଶ୍ୟକ ସ୍ଥଳେ $\pi \simeq \frac{22}{7}$)

1. 132 ମିଟର ଦୀର୍ଘ ତାରରୁ 7 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ କେତୋଟି ବୃତ୍ତ ତିଆରି କରାଯାଇପାରିବ ?
   (a) 100 (b) 50
   (c) 200 (d) 300

2. ଗୋଟିଏ ବୃତ୍ତକଳାର ବ୍ୟାସାର୍ଦ୍ଧ 14 ସେ.ମି. ଓ କେନ୍ଦ୍ରୀୟ କୋଣର ପରିମାଣ $\frac{2}{7}$ ରେଡ଼ିୟାନ ହେଲେ, ଏହାର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ହେବ ?
   (a) 7 (b) 14
   (c) 28 (d) 35

3. ଗୋଟିଏ ବୃତ୍ତକଳାର କ୍ଷେତ୍ରଫଳ 462 ବର୍ଗ ସେ.ମି. । ଏହାର ସଂପୃକ୍ତ ଚାପର ଡିଗ୍ରୀ ପରିମାଣ $120^0$ ହେଲେ ବ୍ୟାସାର୍ଦ୍ଧ କେତେ ?
   (a) 21 ସେ.ମି. (b) 42 ସେ.ମି.
   (c) 84 ସେ.ମି. (d) 14 ସେ.ମି.

4. ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 6 ସେ.ମି. । ଏହାର 9 ଗୁଣ କ୍ଷେତ୍ରଫଳ ବିଶିଷ୍ଟ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?
   (a) 36 (b) 54
   (c) 18 (d) 27

5. ବୃତ୍ତର ପରିଧି କେତେ ହେଲେ ସେହି ବୃତ୍ତର 11 ସେ.ମି. ଦୀର୍ଘ ଚାପର ଡିଗ୍ରୀ ପରିମାପ $10^0$ ହେବ ?
   (a) 190 ସେ.ମି. (b) 220 ସେ.ମି.
   (c) 396 ସେ.ମି. (d) 176 ସେ.ମି.

6. ଏକ ବୃତ୍ତର ଚାପର ଦୈର୍ଘ୍ୟ 110 ମି. । ଚାପର ଡିଗ୍ରୀ ପରିମାପ $75^0$ ହେଲେ ବୃତ୍ତର ବ୍ୟାସାର୍ଦ୍ଧ କେତେ ମିଟର ?
   (a) 84 (b) 70
   (c) 42 (d) 35

7. 21 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଚାପର ଡିଗ୍ରୀ ପରିମାପ $36^0$ ହେଲେ ଚାପଟିର ଦୈର୍ଘ୍ୟ କେତେ ସେ.ମି. ?
   (a) 528 (b) 39.6
   (c) 26.4 (d) 13.2

8. ଗୋଟିଏ ବୃତ୍ତର ପରିଧି ଯେତିକି ସେ.ମି., ଏହାର କ୍ଷେତ୍ରଫଳ ସେତିକି ବର୍ଗ ସେ.ମି. । ବୃତ୍ତର ବ୍ୟାସ କେତେ ?
   (a) 4 ସେ.ମି. (b) 3 ସେ.ମି.
   (c) 2 ସେ.ମି. (d) 1 ସେ.ମି.

Eduodia App

9. ABC ଓ PQR ବୃତ୍ତ ଦ୍ୱୟର ପରିଧିର ଅନୁପାତ 3:5 ହେଲେ ବୃତ୍ତ ଦ୍ୱୟର କ୍ଷେତ୍ରଫଳ ଅନୁପାତ କେତେ ?
(a) 5 : 3 (b) 9 : 25
(c) 9 : 5 (d) 3 : 5

10. ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 30 ସେ.ମି. ଓ ଏହାର ଏକ ବୃତ୍ତକଳାର ଚାପର ଦୈର୍ଘ୍ୟ 18 ସେ.ମି. ହେଲେ ବୃତ୍ତକଳାର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?
(a) 270 (b) 180
(c) 90 (d) 540

11. ଦୁଇଟି ବୃତ୍ତର ପରିଧିର ଅନ୍ତର ୪୪ ସେ.ମି. ଓ ସେମାନଙ୍କର ବ୍ୟାସାର୍ଦ୍ଧ ଦ୍ୱୟର ସମଷ୍ଟି 56 ସେ.ମି. । ବୃହତ୍ତର ବୃତ୍ତର ବ୍ୟାସାର୍ଦ୍ଧ କେତେ ?
(a) 32 ସେ.ମି. (b) 35 ସେ.ମି.
(c) 46 ସେ.ମି. (d) 83 ସେ.ମି.

12. ଦୁଇଟି ଏକ କେନ୍ଦ୍ରିକ ବୃତ୍ତର ବ୍ୟାସ ଯଥାକ୍ରମେ 32 ସେ.ମି. ଓ 18 ସେ.ମି. । ଉଭୟଙ୍କ ପରିଧି ଅନ୍ତର୍ଗତ ସ୍ଥାନର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?
(a) 550 (b) 1100
(c) 1650 (d) 2200

13. ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 56 ସେ.ମି. ଓ ଏହାର ଚାପର ଡିଗ୍ରୀ ପରିମାପ $90^0$ ହେଲେ ଚାପର ଦୈର୍ଘ୍ୟ କେତେ ସେ.ମି. ?
(a) 11 (b) 22
(c) 44 (d) 88

14. ଦୁଇଟି ଏକ କେନ୍ଦ୍ରିକ ବୃତ୍ତର ଚାପଦ୍ୱୟର ଡିଗ୍ରୀ ପରିମାପ ସମାନ । ଚାପ ଦୁଇଟିର ଦୈର୍ଘ୍ୟର ଅନ୍ତର 25 ସେ.ମି. ଓ ବ୍ୟାସାର୍ଦ୍ଧ ଦ୍ୱୟର ସମଷ୍ଟି ୫0 ସେ.ମି. ହେଲେ ବୃତ୍ତକଳାର କ୍ଷେତ୍ରଫଳର ଅନ୍ତର କେତେ ବର୍ଗ ସେ.ମି. ?
(a) 2000 (b) 1000
(c) 500 (d) 250

15. ଗୋଟିଏ ବୃତ୍ତର କ୍ଷେତ୍ରଫଳ x ବର୍ଗ ସେ.ମି. । ଏହାର ଅନ୍ତର୍ଲିଖିତ ସମକୋଣୀ ତ୍ରିଭୁଜର କର୍ଣ୍ଣର ଦୈର୍ଘ୍ୟ କେତେ ସେ.ମି. ?
(a) $\sqrt{\frac{x}{\pi}}$ (b) $\sqrt{\frac{\pi}{x}}$
(c) $2\times\sqrt{\frac{x}{\pi}}$ (d) $2\times\sqrt{\frac{\pi}{x}}$

16. ଘଣ୍ଟାର ମିନିଟ୍ କଣ୍ଟା ୨ ମିନିଟ୍‌ରେ କେନ୍ଦ୍ରରେ କେଉଁ ପରିମିତ କୋଣ ସୃଷ୍ଟି କରେ ?
(a) $35^0$ (b) $45^0$
(c) $54^0$ (d) $30^0$

17. ଗୋଟିଏ ଅର୍ଦ୍ଧ ବୃତ୍ତାକାର କ୍ଷେତ୍ରର ପରିସୀମା 10୫ ମି. ହେଲେ ଏହାର ବ୍ୟାସାର୍ଦ୍ଧ କେତେ ହେବ ?
(a) 14 ମି. (b) 21 ମି.
(c) 42 ମି. (d) 88 ମି.

Odisha 1 to 10 All Books App

18. ଗୋଟିଏ ବୃତ୍ତର ପରିଧି ୪୪ ସେ.ମି. । ବୃତ୍ତଟିର ବ୍ୟାସାର୍ଦ୍ଧର କେତେ ବୃଦ୍ଧି ଘଟିଲେ ବୃତ୍ତର ପରିଧି ପୂର୍ବାପେକ୍ଷା 22 ସେ.ମି. ଅଧିକ ହେବ ?

(a) 2.5 ସେ.ମି. (b) 1.5 ସେ.ମି.

(c) 3.5 ସେ.ମି. (d) 4.5 ସେ.ମି.

19. 'r' ଏକକ ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତରେ 'a' ଏକକ ଦୀର୍ଘ ବାହୁ ବିଶିଷ୍ଟ ଏକ ବର୍ଗଚିତ୍ର ଅନ୍ତର୍ଲିଖିତ ହେଲେ 'a' ଏବଂ 'r' ମଧ୍ୟରେ ସଂପର୍କ କ'ଣ ହେବ ?

(a) $a = r$ (b) $\frac{a}{\sqrt{2}} = r$

(c) $a = \sqrt{2r}$ (d) $r = \sqrt{2a}$

20. ଗୋଟିଏ ବର୍ଗକ୍ଷେତ୍ରର ପରିସୀମା, ଗୋଟିଏ ବୃତ୍ତର ପରିସୀମା ସହ ସମାନହେଲେ ସେମାନଙ୍କର କ୍ଷେତ୍ରଫଳର ଅନୁପାତ କେତେ ହେବ ?

(a) 11 : 14 (b) 14 : 22

(c) 11 : 7 (d) 7 : 11

21. ଯଦି ଏକ ଚାପ ବୃତ୍ତର କେନ୍ଦ୍ରରେ $90^0$ କୋଣ ଉତ୍ପନ୍ନ କରେ, ତେବେ ବୃତ୍ତର ଚାପ ଓ ବୃତ୍ତର ପରିଧିର ଅନୁପାତ କେତେ ?

(a) 3 : 4 (b) 1 : 3

(c) 1 : 4 (d) 2 : 3

22. ଦୁଇଟି ଏକ କେନ୍ଦ୍ରିକ ବୃତ୍ତର ପରିଧିର ଅନ୍ତର 176 ସେ.ମି. ହେଲେ ବଳୟର ପ୍ରସ୍ଥ କେତେ ସେ.ମି. ?

(a) 21 (b) 28

(c) 14 (d) 35

23. ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 9 ସେ.ମି. । ଏଥିରେ ଅନ୍ତର୍ଲିଖିତ ସମବାହୁ ତ୍ରିଭୁଜର ଉଚ୍ଚତା କେତେ ?

(a) 13.5 ସେ.ମି. (b) 12 ସେ.ମି.

(c) 15 ସେ.ମି. (d) 14.5 ସେ.ମି.

24. ଗୋଟିଏ ଚକର ବ୍ୟାସାର୍ଦ୍ଧ 42 ସେ.ମି. ହେଲେ, 5280 ସେ.ମି. ଦୂରତା ଅତିକ୍ରମ କରିବା ପାଇଁ ଚକଟି କେତେଥର ଘୂରିବ ?

(a) 10 (b) 20

(c) 30 (d) 35

25. ଦୁଇଟି ବୃତ୍ତର ବ୍ୟାସ 30 ସେ.ମି. ଓ 20 ସେ.ମି. । ବୃତ୍ତ ଦ୍ୱୟର ପରିଧିର ସମଷ୍ଟି ସହ ସମାନ ପରିଧି ବିଶିଷ୍ଟ ଅନ୍ୟ ଏକ ବୃତ୍ତର ବ୍ୟାସ କେତେ ?

(a) 25 ସେ.ମି. (b) 35 ସେ.ମି.

(c) 40 ସେ.ମି. (d) 50 ସେ.ମି.

26. ଗୋଟିଏ ଅର୍ଦ୍ଧବୃତ୍ତର ବ୍ୟାସାର୍ଦ୍ଧ 14 ସେ.ମି. ହେଲେ ଏହାର ପରିସୀମା କେତେ ?

(a) 44 ସେ.ମି. (b) 58 ସେ.ମି.

(c) 72 ସେ.ମି. (d) 64 ସେ.ମି.

Eduodia App

27. 'r' ଏକକ ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତରେ ଅନ୍ତର୍ଲିଖିତ ସୁଷମ ଷଡ଼ଭୁଜର ପରିସୀମା କେତେ ଏକକ ହେବ ?

(a) $6\sqrt{2r}$ (b) 6r
(c) 3r (d) $3\sqrt{3r}$

28. 7 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତାକାର ପଥରେ କେତେ ଥର ଘୂରିଲେ 1.1 କି.ମି. ଦୂରତା ଅତିକ୍ରମ କରିହେବ ?

(a) 500 ଥର (b) 2500 ଥର
(c) 5000 ଥର (d) 250 ଥର

29. ଏକ ବର୍ଗକ୍ଷେତ୍ରର କ୍ଷେତ୍ରଫଳ 16 ବର୍ଗ ସେ.ମି. । ଏହାର ଅନ୍ତର୍ଲିଖିତ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?

(a) 2 (b) $2\sqrt{2}$
(c) 4 (d) $4\sqrt{2}$

30. ଏକ ବର୍ଗକ୍ଷେତ୍ରର କ୍ଷେତ୍ରଫଳ ୨୫ ବର୍ଗ ସେ.ମି. । ଏହାର ପରିବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?

(a) 5 (b) 10
(c) 7 (d) 14

31. 88 ମିଟର ଦୀର୍ଘ ଖଣ୍ଡେ ତାରରୁ 14 ସେ.ମି. ବ୍ୟାସାର୍ଦ୍ଧ ବଶିଷ୍ଟ କେତୋଟି ବୃତ୍ତ ତିଆରି କରାଯାଇ ପାରିବ ?

(A) 200 (B) 300
(C) 100 (D) 50

32. ଗୋଟିଏ ବୃତ୍ତ କଳାର କ୍ଷେତ୍ରଫଳ 1848 ବର୍ଗ ସେ.ମି. । ଏହାର ବ୍ୟାସାର୍ଦ୍ଧ 42 ସେ.ମି. ହେଲେ ଚାପର ଡିଗ୍ରୀ ପରିମାପ କେତେ ହେବ ?

(A) $100^0$ (B) $110^0$
(C) $120^0$ (D) $150^0$

33. ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ହେଲେ, ସେହି ବୃତ୍ତର 11 ସେ.ମି. ଦୀର୍ଘ ଚାପର ଡିଗ୍ରୀ ପରିମାପ $30^0$ ହେବ ?

(A) 7 (B) 14
(C) 21 (D) 28

34. ଗୋଟିଏ ବୃତ୍ତର ବ୍ୟାସାର୍ଦ୍ଧ 5 ସେ.ମି., ଏହାର 9 ଗୁଣ କ୍ଷେତ୍ରଫଳ ବିଶିଷ୍ଟ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?

(A) 10 (B) 15
(C) 18 (D) 20

35. 14 ସେ.ମି. ବ୍ୟାସାର୍ଦ୍ଧବିଶିଷ୍ଟ ଗୋଟିଏ ବୃତ୍ତର ଚାପର ଡିଗ୍ରୀ ପରିମାପ $45^0$ ହେଲେ, ଚାପର ଦୈର୍ଘ୍ୟ କେତେ ସେ.ମି. ହେବ ?

(A) 11 (B) $\frac{11}{2}$
(C) 22 (D) $\frac{15}{2}$

Edudia App

36. ଦୁଇଟି ଏକ କେନ୍ଦ୍ରିକ ବୃତ୍ତର ବ୍ୟାସାର୍ଦ୍ଧ ଯଥାକ୍ରମେ 16. ସେ.ମି. ଓ 9 ସେ.ମି. ହେଲେ ବଳୟର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) 400 (B) 450
(C) 500 (D) 550

37. ଦୁଇଟି ବୃତ୍ତର ପରିଧିର ଅନ୍ତର 88 ସେ.ମି. ଓ ସେମାନଙ୍କର ବ୍ୟାସାର୍ଦ୍ଧ ଦ୍ୱୟର ସମଷ୍ଟି 78 ସେ.ମି. ହେଲେ କ୍ଷୁଦ୍ରତର ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?

(A) 32 (B) 46
(C) 42 (D) 44

38. ଏକ ବୃତ୍ତ କଳାର ଚାପର ଦୈର୍ଘ୍ୟ 24 ସେ.ମି. ଓ ବ୍ୟାସାର୍ଦ୍ଧର ଦୈର୍ଘ୍ୟ 8 ସେ.ମି. ହେଲେ ବୃତ୍ତକଳାର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) 96 (B) 48
(C) 50 (D) 54

39. ଗୋଟିଏ ବୃତ୍ତ କଳାର ଚାପର ଦୈର୍ଘ୍ୟ ବ୍ୟସାର୍ଦ୍ଧ ଦୈର୍ଘ୍ୟର ଦୁଇ ଗୁଣ ହେଲେ ଚାପର ଡିଗ୍ରୀ ପରିମାପ କେତେ ?

(A) $\frac{360}{\pi}$ (B) $\frac{180}{\pi}$
(C) $\frac{90}{\pi}$ (D) $\frac{120}{\pi}$

40. ଦୁଇଟି ବୃତ୍ତର ପରିଧିର ଅନୁପାତ 2:5 ହେଲେ, କ୍ଷେତ୍ରଫଳର ଅନୁପାତ କେତେ ହେବ ?

(A) 25:4 (B) 2:5
(C) 4:25 (D) 5:2

41. 10 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତରେ ଏକ ବର୍ଗଚିତ୍ର ଅନ୍ତର୍ଲିଖିତ ହେଲେ, ବର୍ଗ ଚିତ୍ରର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ହେବ ?

(A) $200\sqrt{2}$ (B) 200
(C) $100\sqrt{2}$ (D) 300

42. ଏକ ବୃତ୍ତ ମଧ୍ୟରେ ଏକ ଆୟତଚିତ୍ର ଅର୍ନ୍ତଲିଖିତ ଯାହାର ଦୈର୍ଘ୍ୟଁ ଓ ପ୍ରସ୍ଥ ଯଥାକ୍ରମେ 8 ସେ.ମି. ଏବଂ 6 ସେ.ମି. । ତେବେ ବୃତ୍ତର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) $20\pi$ (B) $10\pi$
(C) $25\pi$ (D) $100\pi$

43. ଏକ ବୃତ୍ତ ବ୍ୟାସାର୍ଦ୍ଧ 30 ସେ.ମି. ଏବଂ ଏହାର ବୃତ୍ତକଳାର କ୍ଷେତ୍ରଫଳ 270 ବର୍ଗ ସେ.ମି. ହେଲେ ସେହି ବୃତ୍ତକଳାର ଚାପର ଦୈର୍ଘ୍ୟ କେତେ ସେ.ମି. ?

(A) 9 (B) 12
(C) 18 (D) 20

Eduodia App

44. $60^0$ ପରିମାପ ଚାପ ବିଶିଷ୍ଟ ବୃତ୍ତକଳାର କ୍ଷେତ୍ରଫଳ 20 ବର୍ଗ ସେ.ମି. ହେଲେ, ବୃତ୍ତର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) 30 (B) 132
(C) 60 (D) 120

45. ଗୋଟିଏ ବର୍ଗ କ୍ଷେତ୍ରର କ୍ଷେତ୍ରଫଳ 16 ବର୍ଗ ସେ.ମି. ଏହାର ଅନ୍ତଲିଖିତ ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ?

(A) 1 (B) 2
(C) 3 (D) 4

46. ଗୋଟିଏ ଚକର ବ୍ୟାସାର୍ଦ୍ଧ 7 ସେ.ମି. ହେଲେ ଏହାର ପରିଧି କେତେ ସେ.ମି. ?

(A) 22 (B) 44
(C) 66 (D) 88

47. 7 ମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତାକାର କ୍ଷେତ୍ର ଉପରେ କେତେ ଥର ଘୂରିଲେ 1.1 କି.ମି ଦୂରତା ଅତିକ୍ରମ କରି ହେବ ?

(A) 20 (B) 25
(C) 30 (D) 40

48. ଏକ ବୃତ୍ତର କ୍ଷେତ୍ରଫଳ 154 ବର୍ଗ ମିଟର ହେଲେ ବୃତ୍ତର ବ୍ୟାସ କେତେ ମିଟର ?

(A) 7 (B) 10
(C) 14 (D) 18

49. ବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ହେଲେ 11 ସେ.ମି. ପରିମିତ ଚାପର ଡ୍ରିଗୀ ପରିମାପ $10^0$ ହେବ ?

(A) 46 (B) 52
(C) 63 (D) 72

50. ଏକ ବୃତ୍ତକାର ରାସ୍ତାର ବାହାର ଓ ଭିତର ବୃତ୍ତର ପରିଧି ଯଥାକ୍ରମେ 88 ମିଟର ଓ 44 ମିଟର ହେଲେ ରାସ୍ତା ପ୍ରସ୍ଥ କେତେ ମିଟର ?

(A) 6 (B) 7
(C) 8 (D) 12

51. ବୃତ୍ତକଳାର ଡିଗ୍ରୀ ପରିମାପ $120^0$ ବ୍ୟାସାର୍ଦ୍ଧ 7 ସେ.ମି. ହେଲେ ବୃତ୍ତକଳାର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) $\frac{154}{3}$ (B) $\frac{120}{3}$
(C) $\frac{220}{7}$ (D) $\frac{110}{7}$

52. ଦୁଇଟି ଏକ କେନ୍ଦ୍ରିକ ବୃତ୍ତର ଚାପ ଦୁଇଟିର ଦୈର୍ଘ୍ୟର ଅନ୍ତର 25 ମି. ଓ ବ୍ୟାସାର୍ଦ୍ଧ ଦ୍ୱୟର ସମଷ୍ଟି 80 ମିଟର ହେଲେ ବୃତ୍ତକଳା ଦ୍ୱୟର କ୍ଷେତ୍ରଫଳର ଅନ୍ତର କେତେ ବର୍ଗ ମିଟର ?

(A) 400 (B) 500
(C) 750 (D) 1000

Edudia App

53. ଦୁଇଟି ଏକ କେନ୍ଦ୍ରିକ ବୃତ୍ତର ଚାପ ଦୁଇଟି ଦୈର୍ଘ୍ୟର ସମଷ୍ଟି 50 ସେ.ମି. ଓ ବ୍ୟାସାର୍ଦ୍ଧ ଦ୍ୱୟର ଦୈର୍ଘ୍ୟର ଅନ୍ତର 24 ସେ.ମ. ହେଲେ ବୃତ୍ତକଳା ଦ୍ୱୟର କ୍ଷେତ୍ରଫଳର ଅନ୍ତର କେତେ ବର୍ଗ ସେ.ମି. ?

(A) 100 (B) 400

(C) 500 (D) 600

## ପ୍ରିଜିମ୍ ଓ ସିଲିଣ୍ଡର ସମ୍ବନ୍ଧୀୟ

(ଆବଶ୍ୟକ ସ୍ଥଳେ $\pi \simeq \frac{22}{7}$)

1. 8 ସେ.ମି. ଉଚ୍ଚତା ବିଶିଷ୍ଟ ଗୋଟିଏ ସରଳ ପ୍ରିଜିମ୍‌ର ଭୂମି ଏକ ସମବାହୁ ତ୍ରିଭୁଜ । ଭୂମିର କ୍ଷେତ୍ରଫଳ $25\sqrt{3}$ ବର୍ଗ ସେ.ମି. । ପ୍ରିଜିମ୍‌ର ପାର୍ଶ୍ୱପୃଷ୍ଠର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(a) 80 (b) 240

(c) 480 (d) $200\sqrt{3}$

2. ଗୋଟିଏ ସରଳ ପ୍ରିଜିମ୍‌ର ଭୂମି $10\sqrt{2}$ ମି. ଦୀର୍ଘ କର୍ଣ୍ଣ ବିଶିଷ୍ଟ ସମକୋଣୀ ସମଦ୍ୱିବାହୁ ତ୍ରିଭୁଜ । ଏହାର ଉଚ୍ଚତା 10 ସେ.ମି. ହେଲେ ଆୟତନ କେତେ ହେବ ?

(a) $100\sqrt{2}$ ଘନ ସେ.ମି. (b) $1000\sqrt{2}$ ଘନମିଟର

(c) 1000 ଘନମିଟର (d) 500 ଘନ ସେ.ମି.

3. ଏକ ସରଳ ପ୍ରିଜିମ୍‌ର ଆଧାର ଏକ ସମବାହୁ ତ୍ରିଭୁଜ । ଏହାର ଉଚ୍ଚତା 7 ମିଟର ଏବଂ ପାର୍ଶ୍ୱପୃଷ୍ଠର କ୍ଷେତ୍ରଫଳ 210 ବର୍ଗ ମିଟର ହେଲେ ଆଧାରର ପ୍ରତ୍ୟେକ ବାହୁର ଦୈର୍ଘ୍ୟ କେତେ ?

(a) 10 ମି. (b) 8 ମି.

(c) 14 ମି. (d) 21 ମି.

4. ଗୋଟିଏ ସିଲିଣ୍ଡରର ଉଚ୍ଚତା ଏହାର ଭୂମିର ବ୍ୟାସର ଦୁଇଗୁଣ ଏବଂ ଏହାର ଆୟତନ 539 ଘନ ସେ.ମି. ହେଲେ ସିଲିଣ୍ଡରର ଭୂମିର ବ୍ୟାସ କେତେ ସେ.ମି. ?

(a) 3.5 (b) 14

(c) 10.5 (d) 7

5. ଗୋଟିଏ ସିଲିଣ୍ଡର ଆକୃତିର ଖୋଲା କୁଣ୍ଡର ଭିତର ପାଖର ବ୍ୟାସାର୍ଦ୍ଧ 1 ମି. 40 ସେ.ମି. ଓ ଉଚ୍ଚତା 1 ମି. ହେଲେ, ଏଥିରେ ଅତି ବେଶୀରେ କେତେ ଘନମିଟର ପାଣି ରହିବ ?

(a) 61.6 (b) 6.16

(c) 616 (d) 61600

6. ଗୋଟିଏ ସିଲିଣ୍ଡରର ବକ୍ରପୃଷ୍ଠତଳର କ୍ଷେତ୍ରଫଳ 1584 ବର୍ଗ ସେ.ମି. ଓ ଭୂମିର ବ୍ୟାସାର୍ଦ୍ଧ 14 ସେ.ମି. ହେଲେ ଏହାର ଉଚ୍ଚତା କେତେ ?

(a) 9 ସେ.ମି. (b) 12 ସେ.ମି.

(c) 18 ସେ.ମି. (d) 16 ସେ.ମି.

7. ଗୋଟିଏ ସରଳ ବୃତ୍ତଭୂମିକ ସିଲିଣ୍ଡର ଆକୃତିର ସ୍ତମ୍ଭର ଘନଫଳ 22 ଘନ ମିଟର । ଏହାର ଉଚ୍ଚତା 7 ମିଟର । ସ୍ତମ୍ଭଟିର ଭୂମିର ବ୍ୟାସାର୍ଦ୍ଧ କେତେ ମିଟର ?

(a) $\frac{1}{2}$ (b) 1

(c) $\frac{3}{2}$ (d) 2

8. ଏକ ସରଳ ପ୍ରିଜିମ୍‌ର ଆଧାରର ପରିସୀମା p ସେ.ମି. ଓ ଉଚ୍ଚତା q ସେ.ମି. ହେଲେ ଏହାର ପାର୍ଶ୍ୱ ପୃଷ୍ଠର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) $\frac{p}{q}$ (B) $(p+q)$

(C) $pq$ (D) $p-q$

9. ଗୋଟିଏ ସରଳ ପ୍ରିଜିମ୍‌ର ଭୂମି $6\sqrt{2}$ ସେ.ମି. ଦୈର୍ଘ୍ୟ କର୍ଣ୍ଣ ବଶିଷ୍ଟ ସମକୋଣୀ ସମଦ୍ୱିବାହୁ ତ୍ରିଭୁଜ, ଏହାର ଉଚତା 8 ସେ.ମି. ହେଲେ ଆୟତନ କେତେ ବର୍ଗ ସେ.ମି. ?

(A) 124 (B) 144

(C) 164 (D) 194

10. ତ୍ରିଭୁଜାକାର ଭୂମି ବିଶିଷ୍ଟ ଏକ ସରଳ ପ୍ରିଜିମ୍‌ର ଭୂମିର ବାହୁ ମାନଙ୍କର ଦୈର୍ଘ୍ୟ 5 ସେ.ମି., 12 ସେ.ମି. ଓ 13 ସେ.ମି. । ଏହାର ଉଚ୍ଚତା 10 ସେ.ମି. ହେଲେ ଏହାର ସମଗ୍ର ପୃଷ୍ଠର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) 300 (B) 320

(C) 330 (D) 360

11. ଗୋଟିଏ ସରଳ ପ୍ରିଜିମ୍‌ର ଆଧାର ଏକ ସମବାହୁ ତ୍ରିଭୁଜ, ଯାହାର ପ୍ରତ୍ୟେକ ସମାନ ବାହୁ 4 ମିଟର । ଏହାର ଉଚ୍ଚତା 10 ମିଟର ହେଲେ ପାର୍ଶ୍ୱ ପୃଷ୍ଠର କ୍ଷେତ୍ରଫଳ କେତେ ବର୍ଗମିଟର ?

(A) 80 (B) 110

(C) 100 (D) 120

12. ଗୋଟିଏ ତ୍ରିଭୁଜାକାର ଭୂମି ବିଶିଷ୍ଟ ପ୍ରିଜିମ୍‌ର ଆଧାର ବାହୁତ୍ରୟର ଦୈର୍ଘ୍ୟ 9 ସେ.ମି., 12 ସେ.ମି. ଓ 15 ସେ.ମି., ପ୍ରିଜିମ୍‌ର ଉଚ୍ଚତା 10 ସେ.ମି. ହେଲେ ଏହାର ପାର୍ଶ୍ୱପୃଷ୍ଠର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) 360 (B) 450

(C) 510 (D) 500

Edupodia App

13. ଗୋଟିଏ ତ୍ରିଭୁଜାକାର ଭୂମିବିଶିଷ୍ଟ ପ୍ରିଜିମ୍‌ର ଆଧାରର ପ୍ରତ୍ୟେକ ବାହୁ 6 ସେ.ମି. ଓ ଉଚ୍ଚତା 10 ସେ.ମି. ହେଲେ ଘନଫଳ କେତେ ?

(A) $20\sqrt{3}$ ଘନ ସେ.ମି. (B) $30\sqrt{3}$ ଘନ ସେ.ମି.

(C) $40\sqrt{3}$ ଘନ ସେ.ମି. (D) $90\sqrt{3}$ ଘନ ସେ.ମି.

14. ଗୋଟିଏ ପ୍ରିଜିମ୍‌ର ଭୂମିର ପରିସୀମା 24 ସେ.ମି. ଏବଂ ଉଚ୍ଚତା 10 ସେ.ମି. ହେଲେ ପାର୍ଶ୍ୱ ପୃଷ୍ଠର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) 200 (B) 240

(C) 280 (D) 300

15. ଏକ ସରଳ ପ୍ରିଜିମ୍‌ର ଆଧାର ଏକ ସମବାହୁ ତ୍ରିଭୁଜ । ଏହାର ଉଚ୍ଚତା 5 ମିଟର ଓ ପାର୍ଶ୍ୱ ପୃଷ୍ଠର କ୍ଷେତ୍ରଫଳ 60 ବର୍ଗମିଟର ହେଲେ, ଆଧାରର ପ୍ରତ୍ୟେକ ବାହୁର ଦୈର୍ଘ୍ୟ କେତେ ମିଟର ?

(A) 4 (B) 6

(C) 8 (D) 10

16. ଏକ ପ୍ରିଜିମ୍‌ର ଭୂମି 4 ସେ.ମି. ବାହୁ ବିଶିଷ୍ଟ ଏକ ସମବାହୁ ତ୍ରିଭୁଜ । ଏହାର ଉଚ୍ଚତା 12 ସେ.ମି., ପାର୍ଶ୍ୱପୃଷ୍ଠର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) 44 (B) 88

(C) 100 (D) 144

17. ଗୋଟିଏ ସରଳ ପ୍ରିଜିମ୍‌ର ଭୂମି ଏକ ସମକୋଣୀ ସମଦ୍ୱିବାହୁ ତ୍ରିଭୁଜ ଯାହାର କର୍ଣ୍ଣର ଦୈର୍ଘ୍ୟ $5\sqrt{2}$ ମିଟର ଏବଂ ଉଚ୍ଚତା 10 ମିଟର ହେଲେ ପାର୍ଶ୍ୱପୃଷ୍ଠର କ୍ଷେତ୍ରଫଳ କେତେ ବର୍ଗ ମିଟର ?

(A) $(100 + \sqrt{2})$ (B) $25 (2+\sqrt{2})$

(C) $50 (2+\sqrt{2})$ (D) $30 (2+\sqrt{2})$

18. ଦୁଇଟି ସମ ଉଚ୍ଚତା ବିଶିଷ୍ଟ ସିଲିଣ୍ଡରର ଭୂମିର ବ୍ୟାସାର୍ଦ୍ଧର ଅନୁପାତ 2 : 3 ହେଲେ ଆୟତନର ଅନୁପାତ କେତେ ?

(A) 6 : 8 (B) 5 : 16

(C) 4 : 9 (D) 8 : 27

19. ଗୋଟିଏ ସିଲିଣ୍ଡରର ଉଚ୍ଚତା ଏବଂ ଭୂମିର ବ୍ୟାସାର୍ଦ୍ଧ ଯଥାକ୍ରମେ 14 ସେ.ମି. ଓ 8 ସେ.ମି. ହେଲେ ଏହାର ପାର୍ଶ୍ୱ ପୃଷ୍ଠର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) 604 (B) 704

(C) 750 (D) 780

20. ଗୋଟିଏ ସିଲିଣ୍ଡରର ଉଚ୍ଚତା 12 ସେ.ମି. ଓ ବକ୍ରପୃଷ୍ଠର କ୍ଷେତ୍ରଫଳ 396 ବର୍ଗ ସେ.ମି. ହେଲେ ଭୂମିର ବ୍ୟାସ କେତେ ସେ.ମି. ?

(A) 21 (B) 28

(C) 10.5 (D) 7

Eduodia App

21. ଗୋଟିଏ ସିଲିଣ୍ଡରର ବକ୍ରପୃଷ୍ଠର କ୍ଷେତ୍ରଫଳ 1584 ବର୍ଗ ସେ.ମି. ଓ ଭୂମିର ବ୍ୟାସାର୍ଦ୍ଧ 28 ସେ.ମି. ହେଲେ ଏହାର ଉଚ୍ଚତା କେତେ ସେ.ମି. ?

(A) 9 (B) 12
(C) 15 (D) 18

22. ଗୋଟିଏ ସିଲିଣ୍ଡରର ଉଚ୍ଚତା ଏହାର ଭୂମିର ବ୍ୟାସାର୍ଦ୍ଧର ଚାରି ଗୁଣ ଓ ଏହାର ଆୟତନ 539 ଘନ ସେ.ମି., ସିଲିଣ୍ଡରର ଭୂମିର ବ୍ୟାସ କେତେ ?

(A) 7 (B) 10
(C) 14 (D) 18

23. ଗୋଟିଏ ସିଲିଣ୍ଡର ଆକୃତିର ଖୋଲାକୁଣ୍ଡର ଭିତର ପାଖର ବ୍ୟାସାର୍ଦ୍ଧ 3.5 ମିଟର ଓ ଉଚ୍ଚତା 12 ମିଟର ହେଲେ ଏଥିରେ ଅତିବେଶୀରେ କେତେ ଘନ ମିଟର ପାଣି ରହିବ ?

(A) 400 (B) 450
(C) 462 (D) 500

24. ଗୋଟିଏ ସିଲିଣ୍ଡରର ଘନଫଳ 950 ଘନ ସେ.ମି. । ବକ୍ରତଳର କ୍ଷେତ୍ରଫଳ 50 ବର୍ଗ ସେ.ମି. ହେଲେ, ଏହାର ବ୍ୟାସାର୍ଦ୍ଧ କେତେ ସେ.ମି. ?

(A) 30 (B) 35
(C) 38 (D) 40

25. ଗୋଟିଏ ସିଲିଣ୍ଡରରର ଭୂମିର ବ୍ୟାସ 6 ସେ.ମି. ଓ ଚଉଡା 14 ସେ.ମି. ହେଲେ ଏହାର ବକ୍ର ପୃଷ୍ଠତଳର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ହେବ ?

(A) 272 (B) 236
(C) 264 (D) 250

EduodiaApp

26. 10 ମିଟର ଗଭୀରତା ବିଶିଷ୍ଟ ସିଲିଣ୍ଡର ଆକୃତି କୂଅ ଖୋଳାଗଲା, କୂଅରଭୂମିର କ୍ଷେତ୍ରଫଳ 15 ବର୍ଗ ମିଟର ହେଲେ, କୂଅରୁ କେତେ ଘନମିଟର ମାଟି ଖୋଳାଯାଇଥିଲା ?

(A) 30 (B) 50
(C) 90 (D) 150

## କୋନ୍ ସମ୍ବନ୍ଧୀୟ

(ଆବଶ୍ୟକ ସ୍ଥଳେ $\pi \simeq \frac{22}{7}$)

1. 22 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ଅର୍ଦ୍ଧବୃତ୍ତ ଆକୃତିର କାଗଜ ଖଣ୍ଡକୁ ଏକ ବୃହତ୍ତମ କୋନ୍‌ରେ ପରିଣତ କଲେ କୋନ୍‌ଟିର ଆଧାରର ବ୍ୟାସ କେତେ ସେ.ମି. ହେବ ?

(a) 22 (b) $\frac{11}{\pi}$
(c) 11 (d) $\frac{22}{\pi}$

2. ଗୋଟିଏ କୋନ୍‌ର ଆୟତନ 1232 ଘନ ସେ.ମି. ଓ ଉଚ୍ଚତା 24 ସେ.ମି. ହେଲେ ଭୂମିର ବ୍ୟାସାର୍ଦ୍ଧ କେତେ ସେ.ମି. ?

(a) 7 (b) 14

(c) 12 (d) 49

3. କୋନ୍ ଆକୃତିର ଏକ ଗମ୍ବୁଜର ଉଚ୍ଚତା 24 ମି. ଓ ଏହାର ଭୂମିର ବ୍ୟାସାର୍ଦ୍ଧ 7 ମିଟର । ଏହାର ବକ୍ରତଳର କ୍ଷେତ୍ରଫଳ କେତେ ବର୍ଗ ମି. ?

(a) 550 (b) 1100

(c) 600 (d) 168

4. ଗୋଟିଏ କୋନ୍‌ର ଉଚ୍ଚତା ଗୋଟିଏ ସିଲିଣ୍ଡରର ଉଚ୍ଚତା ସଙ୍ଗେ ସମାନ ଏବଂ ସେମାନଙ୍କର ଆୟତନ ସମାନ । କୋନ୍‌ର ବ୍ୟାସ ଓ ସିଲିଣ୍ଡରର ବ୍ୟାସର ଅନୁପାତ କେତେ ?

(a) $1:2\sqrt{3}$ (b) $1:\sqrt{3}$

(c) $\sqrt{3}:1$ (d) $2\sqrt{3}:1$

5. ଦୁଇଟି କୋନ୍‌ର ବ୍ୟାସାର୍ଦ୍ଧର ଅନୁପାତ 2 : 7 ଓ ବକ୍ର ଉଚ୍ଚତାର ଅନୁପାତ 3 : 8 ହେଲେ କୋନ୍‌ଦ୍ୱୟର ବକ୍ରପୃଷ୍ଠର କ୍ଷେତ୍ରଫଳର ଅନୁପାତ କେତେ ?

(a) 3 : 4 (b) 3 : 7

(c) 3 : 28 (d) 3 : 8

6. ଏକ କୋନ୍‌ର ବ୍ୟାସାର୍ଦ୍ଧ ଓ ବକ୍ର ଉଚ୍ଚତାର ଅନୁପାତ 4 : 5 ଓ ଆୟତନ 17248 ଘନମିଟର ହେଲେ ବ୍ୟାସାର୍ଦ୍ଧ କେତେ ମିଟର ?

(a) 21 (b) 28

(c) 35 (d) 7

7. ଦୁଇଟି କୋନ୍‌ର ଭୂମିର ବ୍ୟାସର ଅନୁପାତ 5 : 4 ଓ ସେମାନେ ସମ ଉଚ୍ଚତା ବିଶିଷ୍ଟ ହେଲେ ସେମାନଙ୍କର ଆୟତନର ଅନୁପାତ କେତେ ?

(a) 4 : 5 (b) 16 : 25

(c) 25 : 16 (d) 125 : 64

8. ଗୋଟିଏ କୋନ୍‌ର ଭୂମିର ବ୍ୟାସାର୍ଦ୍ଧ ଓ ଉଚ୍ଚତା ଯଥାକ୍ରମେ 5 ଓ 12 ସେ.ମି.ହେଲେ ଏହାର ବକ୍ରପୃଷ୍ଠତଳର କ୍ଷେତ୍ରଫଳ ଏବଂଭୂମିର କ୍ଷେତ୍ରଫଳର ଅନୁପାତ କେତେ ?

(A) 13:5 (B) 5:13

(C) 12:13 (D) 13:12

9. ଗୋଟିଏ 9 ମିଟର ଉଚ୍ଚତା ବିଶିଷ୍ଟ କୋନ୍‌ର ଭୂମିର ପରିଧି 44 ମି.ହେଲେ, କୋନ୍‌ର ଆୟତନ କେତେ ଘନ ମିଟର ?

(A) 693 (B) 924

(C) 1366 (D) 462

10. କୋନ୍ ଆକୃତି ଏକ ତମ୍ବୁର ବକ୍ର ଉଚ୍ଚତା 10 ମିଟର ଓ ଭୂମିର ବ୍ୟାସାର୍ଦ୍ଧ 8 ମିଟର । ତମ୍ବୁର ଉଚ୍ଚତା କେତେ ମିଟର ?

(A) 4 (B) 6

(C) 8 (D) 10

Eduodia App

11. ଦୁଇଟି କୋନ୍‌ର ବ୍ୟାସାର୍ଦ୍ଧର ଅନୁପାତ 3:5 ଓ ସେମାନଙ୍କରର ଉଚ୍ଚତାର ଅନୁପାତ 5:6 ହେଲେ ସେମାନଙ୍କର ଆୟତନର ଅନୁପାତ କେତେ ?

(A) 3:5 (B) 5:6

(C) 3:10 (D) 9:25

12. ଦୁଇଟି ସମାନ ଉଚ୍ଚତାବିଶିଷ୍ଟ କୋନ୍‌ର ଭୂମିର ବ୍ୟାସାର୍ଦ୍ଧ ଯଥାକ୍ରମେ 2x ଓ 3x ସେମାନଙ୍କର ଆୟତନର ଅନୁପାତ କେତେ ?

(A) 2:3 (B) 4:9

(C) 8:2 (D) 3:4

13. ଏକ କୋନ୍‌ର ଉଚ୍ଚତା ଏହାର ବକ୍ରଉଚ୍ଚତାର ଅଧା, କୋନ୍‌ର ବ୍ୟାସାର୍ଦ୍ଧ $4\sqrt{3}$ ସେ.ମି. ହେଲେ କୋନ୍‌ର ଉଚ୍ଚତା କେତେ ସେ.ମି. ?

(A) 4 (B) 5

(C) 6 (D) 7

14. ଦୁଇଟି କୋନ୍‌ର ଉଚ୍ଚତାର ଅନୁପାତ 1:3 ଏବଂ ଆଧାରର ପରିଧିଦ୍ୱୟର ଅନୁପାତ 3:4 ହେଲେ ସେମାନଙ୍କର ଘନଫଳର ଅନୁପାତ କେତେ ?

(A) 3:8 (B) 3:16

(C) 1:16 (D) 9:16

15. ଦୁଇଟି କୋନ୍‌ର ବ୍ୟାସାର୍ଦ୍ଧର ଅନୁପାତ 2:5 ଓ ବକ୍ର ଉଚ୍ଚତାର ଅନୁପାତ 5:7 ହେଲେ ଉକ୍ତ କୋନ୍ ଦ୍ୱୟର ବକ୍ରପୃଷ୍ଠତଳର କ୍ଷେତ୍ରଫଳର ଅନୁପାତ କେତେ ?

(A) 3:7 (B) 2:7

(C) 3:5 (D) 5:7

Eduodia App

## ଗୋଲକ ସମ୍ବନ୍ଧୀୟ

(ଆବଶ୍ୟକ ସ୍ଥଳେ $\pi \simeq \frac{22}{7}$)

1. ଗୋଟିଏ ଗୋଲକର ଆୟତନ ଯେତିକି ଘନ ସେ.ମି. ତାହାର ପୃଷ୍ଠତଳର କ୍ଷେତ୍ରଫଳ ସେତିକି ବର୍ଗ ସେ.ମି. ହେଲେ ଗୋଲକର ବ୍ୟାସ କେତେ ସେ.ମି. ?

(a) 3 (b) 4

(c) 6 (d) 8

2. 9 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ଧାତବ ଗୋଲକକୁ ତରଳାଇ ସେଥିରୁ 1 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ସର୍ବାଧିକ କେତେଗୋଟି କ୍ଷୁଦ୍ର ଗୋଲକ ତିଆରି କରାଯାଇପାରିବ ?

(a) 512 (b) 520

(c) 792 (d) 729

3. ଗୋଟିଏ ସିଲିଣ୍ଡରର ଭୂମିର ବ୍ୟାସାର୍ଦ୍ଧ ଏହାର ଉଚ୍ଚତା ସହ ସମାନ । ଏକ ଗୋଲକର ବ୍ୟାସାର୍ଦ୍ଧ ଉକ୍ତ ସିଲିଣ୍ଡରର ବ୍ୟାସାର୍ଦ୍ଧ ସହ ସମାନ ହେଲେ, ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ ସିଲିଣ୍ଡରର ବକ୍ରପୃଷ୍ଠତଳର କ୍ଷେତ୍ରଫଳର ଅନୁପାତ କେତେ ?

(a) 1 : 1 (b) 2 : 1
(c) 1 : 2 (d) 4 : 3

4. ଗୋଟିଏ ଗୋଲକର ଆୟତନ x ଘନ ମିଟର ଓ ଏହାର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ x ବର୍ଗମିଟର । ଗୋଲକର ବ୍ୟାସାର୍ଦ୍ଧ କେତେ ?

(a) 1 ମି. (b) $\frac{2}{\sqrt{3}}$ ମି.
(c) $\sqrt{3}$ ମି. (d) 3 ମି.

5. ଗୋଟିଏ ଗୋଲକର ଆୟତନ 36π ଘନ ସେ.ମି. ହେଲେ ଏହାର ବ୍ୟାସ କେତେ ସେ.ମି. ?

(a) 3 (b) 4
(c) 6 (d) 9

6. ଏକ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ 4 ବର୍ଗ ଏକକ ହେଲେ ଏଥିରୁ କଟାଯାଇଥିବା ଏକ ଅର୍ଦ୍ଧଗୋଲକର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ କେତେ ?

(a) 2 ବର୍ଗ ଏକକ (b) 3 ବର୍ଗ ଏକକ
(c) 4 ବର୍ଗ ଏକକ (d) 6 ବର୍ଗ ଏକକ

7. 9 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଗୋଟିଏ ନିଦାଧାତବ ଗୋଲକକୁ ତରଳାଇ 3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ କେତୋଟି ନିଦା ଗୋଲକ ମିଳିପାରିବ ?

(A) 25 (B) 27
(C) 30 (D) 35

Eduodia App

8. ଗୋଟିଏ ଗୋଲକର ଆୟତନ ଯେତେ ଘନ ସେ.ମି. ତାହାର ପୃଷ୍ଠତଳର କ୍ଷେତ୍ରଫଳ ସେତିକି ବର୍ଗ ସେ.ମି. । ତେବେ ଗୋଲକର ବ୍ୟାସାର୍ଦ୍ଧ କେତେ ସେ.ମି. ?

(A) 3 (B) 5
(C) 6 (D) 7

9. ଗୋଟିଏ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ 154 ବର୍ଗ ସେ.ମି. ହେଲେ ଏହାର ବ୍ୟାସାର୍ଦ୍ଧ କେତେ ସେ.ମି. ହେବ ?

(A) 3.5 (B) 5
(C) 7 (D) 7.5

10. ଗୋଟିଏ ନିଦା ସମଘନରୁ ସର୍ବବୃହତ ସମ୍ଭବ ଏକ ଗୋଲକ କାଟି ବାହାର କରାଗଲେ ସମଘନର ଆୟତନ ଓ ଗୋଲକର ଆୟତନ ଅନୁପାତ କେତେ ହେବ ?

(A) 4 : π (B) π : 4
(C) 3 : 4π (D) 4π :3

11. 5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ନିଦା ଗୋଲକକୁ ତରଳାଇ ସେଥିରୁ 1 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ କେତୋଟି କ୍ଷୁଦ୍ର ଗୋଲକ ତିଆରି ହେଇ ପାରିବ ?

(A) 100 (B) 125

(C) 130 (D) 150

12. ଗୋଟିଏ ଗୋଲକ ଆୟତନ 154 ଘନସେ.ମି. ଓ ପୃଷ୍ଠତଳର କ୍ଷେତ୍ରଫଳ 14 ବର୍ଗ ସେ.ମି. ହେଲେ ବ୍ୟାସାର୍ଦ୍ଧ କେତେ ସେ.ମି. ?

(A) 30 (B) 42

(C) 24 (D) 33

13. ଏକ ଅର୍ଦ୍ଧ ଗୋଲକର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ 60 ବର୍ଗ ସେ.ମି. ହେଲେ, ଏହାର ଆଧାରର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ?

(A) 10 (B) 20

(C) 25 (D) 30

14. ଦୁଇଟି ଗୋଲକରର ବ୍ୟାସର ଅନୁପାତ 1:4 ହେଲେ, ଗୋଲକଦ୍ୱୟର ପୃଷ୍ଠତଳର କ୍ଷେତ୍ରଫଳର ଅନୁପାତ କେତେ ?

(A) 1:2 (B) 1:4

(C) 1:8 (D) 1:16

15. ଦୁଇଟି ଗୋଲକର ବ୍ୟାସାର୍ଦ୍ଧର ଅନୁପାତ 1:4 ହେଲେ ସେମାନଙ୍କର ଆୟତନର ଅନୁପାତ କେତେ ହେବ ?

(A) 1:2 (B) 1:4

(C) 1:16 (D) 1:64

16. 4 ମିଟର ବାହୁ ବିଶିଷ୍ଟ ଏକ ନିଦା ସମଘନରୁ ବୃହତ୍ତର ଆକାର ବିଶିଷ୍ଟ ଏକ ଗୋଲକ କାଟି ନିଆଗଲା, ଗୋଲକର ବ୍ୟାସାର୍ଦ୍ଧ କେତେ ମିଟର ହେବ ?

(A) 2 (B) 4

(C) 6 (D) 8

17. ଏକ ଗୋଲକର ବ୍ୟାସ 14 ସେ.ମି. ହେଲେ ଏହାର ପୃଷ୍ଠତଳର କ୍ଷେତ୍ରଫଳ କେତେ ବର୍ଗ ସେ.ମି. ହେବ ?

(A) 616 (B) 724

(C) 756 (D) 632

Eduodia App

## ପରିମିତି ଉତ୍ତର ଫର୍ଦ୍ଦ (ANSWER SHEET)

### ବୃତ୍ତ ସମ୍ବନ୍ଧୀୟ

| | | | | | | | | | | | |
|---|---|---|---|---|---|---|---|---|---|---|---|
| 1. D | 2. C | 3. A | 4. C | 5. C | 6. A | 7. D | 8. A | 9. B | 10. A | 11. B | 12. A |
| 13. D | 14. B | 15. C | 16. C | 17. B | 18. C | 19. B | 20. A | 21. C | 22. B | 23. A | 24. B |
| 25. D | 26. C | 27. B | 28. B | 29. A | 30. C | 31. C | 32. C | 33. C | 34. B | 35. A | 36. D |
| 37. A | 38. A | 39. A | 40. C | 41. B | 42. C | 43. C | 44. D | 45. B | 46. B | 47. B | 48. C |
| 49. C | 50. B | 51. A | 52. D | 53. D | | | | | | | |

### ପ୍ରିଜିମ୍ ଓ ସିଲିଣ୍ଡର ସମ୍ବନ୍ଧୀୟ

| | | | | | | | | | | | |
|---|---|---|---|---|---|---|---|---|---|---|---|
| 1. B | 2. D | 3. A | 4. D | 5. B | 6. C | 7. B | 8. C | 9. B | 10. D | 11. D | 12. A |
| 13. D | 14. B | 15. A | 16. D | 17. C | 18. C | 19. B | 20. C | 21. A | 22. A | 23. C | 24. C |
| 25. C | 26. D | | | | | | | | | | |

### କୋନ୍ ସମ୍ବନ୍ଧୀୟ

| | | | | | | | | | | | |
|---|---|---|---|---|---|---|---|---|---|---|---|
| 1. A | 2. A | 3. A | 4. C | 5. C | 6. B | 7. C | 8. A | 9. D | 10. B | 11. C | 12. B |
| 13. A | 14. B | 15. B | | | | | | | | | |

### ଗୋଲକ ସମ୍ବନ୍ଧୀୟ

| | | | | | | | | | | | |
|---|---|---|---|---|---|---|---|---|---|---|---|
| 1. C | 2. D | 3. B | 4. D | 5. C | 6. B | 7. B | 8. A | 9. A | 10. C | 11. B | 12. D |
| 13. B | 14. D | 15. D | 16. A | 17. A | | | | | | | |

Edudia App

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (5 ନମ୍ବର ସମ୍ବଳିତ)

1. (a) ଦୁଇଟି ବୃତ୍ତର ପରିଧିର ସମଷ୍ଟି 220 ସେ.ମି. ଓ କ୍ଷେତ୍ରଫଳର ଅନ୍ତର 770 ବର୍ଗ ସେ.ମି. । ବୃତ୍ତଦ୍ୱୟର ବ୍ୟାସାର୍ଦ୍ଧ ନିର୍ଣ୍ଣୟ କର ।

(b) ଗୋଟିଏ ଅର୍ଦ୍ଧ ବୃତ୍ତାକାର ଜମିର ସୀମାରେ ବାଡ଼ ଦେବା ପାଇଁ ମିଟରକୁ 75 ପଇସା ହିସାବରେ 216 ଟଙ୍କା ଖର୍ଚ୍ଚ ହେଲେ, ଅର୍ଦ୍ଧବୃତ୍ତାକାର ଜମିର ବ୍ୟାସ କେତେ ?

**ଉତ୍ତର :** (a) ମନେକର ବୃତ୍ତଦୁଇଟିର ବ୍ୟାସାର୍ଦ୍ଧ ଯଥାକ୍ରମେ R ଓ r

$\therefore$ ପ୍ରଥମ ବୃତ୍ତର ପରିଧି $= 2\pi R$ ଓ ଦ୍ୱିତୀୟ ବୃତ୍ତର ପରିଧି $= 2\pi r$

ସେହିପରି ପ୍ରଥମ ବୃତ୍ତର କ୍ଷେତ୍ରଫଳ $= \pi R^2$ ଓ ଦ୍ୱିତୀୟ ବୃତ୍ତର କ୍ଷେତ୍ରଫଳ $= \pi r^2$

ପ୍ରଶ୍ନାନୁସାରେ $2\pi R + 2\pi r = 220$

$$\Rightarrow 2\pi(R + r) = 220$$

$$\Rightarrow 2 \times \frac{22}{7} (R + r) = 220$$

$\Rightarrow \frac{44}{7}(R+r)=220$

$\Rightarrow \frac{44}{7}(R+r)=220$

$\Rightarrow R+r=35$ ........... (i).

ପୁନଶ୍ଚ ପ୍ରଶ୍ନାନୁସାରେ $\pi R^2 - \pi r^2 = 770$

$\Rightarrow \pi(R^2-r^2)=770$

$\Rightarrow \frac{22}{7}(R+r)(R-r)=770$

$\Rightarrow \frac{22}{7}\times 35\,(R-r)=770$ (ସମୀକରଣ (i) ରୁ $R+r$ ର ମୂଲ୍ୟ ବସାଇଲେ)

$\Rightarrow R-r=7$ ........... (ii).

ସମୀକରଣ (i) ଓ (ii) କୁ ଯୋଗ କଲେ ଆମେ ପାଇବା

$R+r=35$ ........... (i).

$R-r=7$ ........... (ii).

$2R=42$

. $\Rightarrow R=\frac{42}{2}=21$ ସେ.ମି.

R ର ମୂଲ୍ୟ ସମୀକରଣ (i) ରେ ପ୍ରୟୋଗ କଲେ

$R+r=35$

$\Rightarrow 21+r=35$

$\Rightarrow r=35-21$

$\Rightarrow r=14$

$\therefore$ $R=21$ ସେ.ମି. ଓ $r=14$ ସେ.ମି. ଅର୍ଥାତ୍ ବୃତ୍ତଦ୍ୱୟର ବ୍ୟାସାର୍ଦ୍ଧ 21 ସେ.ମି. ଓ 14 ସେ.ମି. (ଉତ୍ତର) ।

(b) 75 ପଇସା = $\frac{75}{100}=\frac{3}{4}$ ଟଙ୍କା

$\frac{3}{4}$ ଟଙ୍କା ଖର୍ଚ୍ଚ ହୁଏ = 1 ମିଟର ବାଡ଼ଦେବା ପାଇଁ

1 ଟଙ୍କା ଖର୍ଚ୍ଚ ହୁଏ = $\frac{1}{\frac{3}{4}} = 1\times\frac{4}{3} = \frac{4}{3}$ ମିଟର ବାଡ଼ ଦେବା ପାଇଁ

Eduodia App

216 ଟଙ୍କା ଖର୍ଚ୍ଚ ହୁଏ = $216 \times \frac{4}{3} = 288$ ମିଟର

ଅର୍ଦ୍ଧ ବୃତ୍ତାକାର ଜମିର ପରିସୀମା = $(\pi r + 2r)$

ପ୍ରଶ୍ନାନୁସାରେ : $(\pi r + 2r) = 288$

$\Rightarrow r(\pi + 2) = 288$

$\Rightarrow r\left(\frac{22}{7} + 2\right) = 288$

. $\Rightarrow r\left(\frac{22+14}{7}\right) = 288$

. $\Rightarrow r \times \frac{36}{7} = 288$

. $\Rightarrow r = 56$ ମିଟର

$\therefore$ ଅର୍ଦ୍ଧ ବୃତ୍ତାକାର ଜମିର ବ୍ୟାସ = $2r = 2 \times 56 = 112$ ମିଟର (ଉତ୍ତର)

2. (a) ଗୋଟିଏ ସରଳ ପ୍ରିଜିମ୍‌ର ଭୂମି ଏକ ସମଦ୍ୱିବାହୁ ତ୍ରିଭୁଜ ଯାହାର ଭୂମିର ଦୈର୍ଘ୍ୟ 24 ସେ.ମି. ଏବଂ ପ୍ରତ୍ୟେକ ସମାନ ବାହୁର ଦୈର୍ଘ୍ୟ 13 ସେ.ମି. । ପ୍ରିଜିମ୍‌ର ଉଚ୍ଚତା 46 ସେ.ମି. ହେଲେ ପ୍ରିଜିମ୍‌ର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ନିର୍ଣ୍ଣୟ କର ।

(b) ଗୋଟିଏ ସରଳ ପ୍ରିଜିମ୍‌ର ଆଧାରର ପରିସୀମା 56 ମିଟର । ପାର୍ଶ୍ୱ ପୃଷ୍ଠତଳର କ୍ଷେତ୍ରଫଳ 1680 ବର୍ଗ ମିଟର ଏବଂ ଆୟତନ 2520 ଘନ ମିଟର ହେଲେ ଆଧାରର କ୍ଷେତ୍ରଫଳ ନିର୍ଣ୍ଣୟ କର ।

ଉତ୍ତର : 2.(a) ପ୍ରିଜିମ୍‌ର ଭୂମି ଏକ ସମଦ୍ୱିବାହୁ ତ୍ରିଭୁଜ

ତେବେ ଭୂମିର ପରିସୀମା $l = 24 + 13 + 13 = 50$ ସେ.ମି.

ପ୍ରିଜିମ୍‌ର ଉଚ୍ଚତା $h = 46$ ସେ.ମି.

ପ୍ରିଜିମ୍‌ର ଭୂମିର କ୍ଷେତ୍ରଫଳ $A = \sqrt{s(s-a)(s-b)(s-c)}$

$S = \frac{l}{2} = \frac{50}{2} = 25$

$A = \sqrt{s(s-a)(s-b)(s-c)}$

$= \sqrt{25(25-13)(25-13)(25-24)}$

$= \sqrt{25 \times 12 \times 12 \times 1} = 5 \times 12 = 60$ ବ. ସେ.ମି.

∴ ପ୍ରିଜିମ୍ ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = $lh + 2A$

$= 50 \times 46 + 2 \times 60 = 2300 + 120$

$= 2420$ ବର୍ଗ ସେ.ମି.

2.(b) ସରଳ ପ୍ରିଜିମ୍‌ର ଆଧାରର ପରିସୀମା $l = 56$ ମି.

ପାର୍ଶ୍ଵ ପୃଷ୍ଠତଳର କ୍ଷେତ୍ରଫଳ $lh = 1680$

$\Rightarrow 56h = 1680 \Rightarrow h = 30$ ମି.

ପ୍ରିଜିମ୍‌ର ଆୟତନ $Ah = 2520$ ଘନ ମିଟର

$\Rightarrow A \times 30 = 2520 \Rightarrow A = 84$ ବର୍ଗ ମି.

∴ ଆଧାରର କ୍ଷେତ୍ରଫଳ 84 ବର୍ଗ ମିଟର (ଉତ୍ତର) ।

3.(a) ଗୋଟିଏ ନିଦା ସମବର୍ତ୍ତୁଳର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ $701\frac{1}{4}$ ବର୍ଗ ସେ.ମି. ଓ ବକ୍ରପୃଷ୍ଠତଳର କ୍ଷେତ୍ରଫଳ 528 ବର୍ଗ ସେ.ମି. ହେଲେ ଆୟତନ ନିର୍ଣ୍ଣୟ କର ।

(b) ଗୋଟିଏ ସରଳ ବୃତ୍ତଭୂମିକ ସିଲିଣ୍ଡରର ଉଚ୍ଚତା ଓ ବ୍ୟାସର ଅନୁପାତ 3:2 । ଏହାର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ 1232 ବର୍ଗ ସେ.ମି. ହେଲେ ସିଲିଣ୍ଡରର ଉଚ୍ଚତା ଓ ଭୂମିର ବ୍ୟାସ ନିର୍ଣ୍ଣୟ କର ।

Eduodia App

ଉତ୍ତର : 3. (a) ମନେକର ନିଦା ସମବର୍ତ୍ତୁଳର ଭୂମିର ବ୍ୟାସାର୍ଦ୍ଧ = r ସେ.ମି. ଓ ଉଚ୍ଚତା = h ସେ.ମି.

∴ ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = $2\pi r(h+r)$ ବ.ସେ.ମି. ଓ ବକ୍ର ପୃଷ୍ଠତଳର କ୍ଷେତ୍ରଫଳ = $2r\pi h = 528$ ବ.ସେ.ମି. ।

ପ୍ରଶ୍ନାନୁସାରେ $2\pi r(h+r) = 701\frac{1}{4}$ ବ.ସେ.ମି.

$$\Rightarrow 2\pi rh + 2\pi r^2 = \frac{2805}{4} \Rightarrow 528 + 2\pi r^2 = \frac{2805}{4}$$

$$\Rightarrow 2\pi r^2 = \frac{2805}{4} - 528 \Rightarrow 2\pi r^2 = \frac{2805 - 2112}{4}$$

$$\Rightarrow 2 \times \frac{22}{7} r^2 = \frac{693}{4} \Rightarrow 4 \times 44r^2 = 693 \times 7$$

$$\Rightarrow r^2 = \frac{693 \times 7}{44 \times 4} \Rightarrow r^2 = \frac{441}{16}$$

$$\Rightarrow r = \sqrt{\frac{441}{16}} = \frac{21}{4}$$

ବକ୍ରପୃଷ୍ଠତଳର କ୍ଷେତ୍ରଫଳ = $2\pi rh = 528$

$$\Rightarrow 2 \times \frac{22}{7} \times \frac{21}{4} h = 528$$

$$\Rightarrow h = \frac{528 \times 4 \times 7}{21 \times 22 \times 2} = 16$$ ସେ.ମି.

∴ ସମ ବର୍ତ୍ତୁଳର ଆୟତନ = $\pi r^2 h$ ଘନ ଏକକ

$$= \frac{22}{7} \times \left(\frac{21}{4}\right)^2 \times 16 = \frac{22}{7} \times \frac{21}{4} \times \frac{21}{4} \times 16 = 1386$$ ଘନ.ସେ.ମି. । (ଉତ୍ତର)

3.(b) ମନେକର ସିଲିଣ୍ଡରର ଉଚ୍ଚତା $h = 3x$ ଓ ବ୍ୟାସ $d = 2x$, ବ୍ୟାସାର୍ଦ୍ଧ $r = x$

ସିଲିଣ୍ଡରର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = $2\pi r(h + r)$ ବର୍ଗ ଏକକ

ପ୍ରଶ୍ନାନୁସାରେ $2\pi r(h+r) = 1232$

$$\Rightarrow 2 \times \frac{22}{7} \times x(3x+x) = 1232$$

$$\Rightarrow \frac{44}{7} \times 4x^2 = 1232$$

$$\Rightarrow x^2 = \frac{1232 \times 7}{44 \times 4} = 49$$

$$\Rightarrow x = \sqrt{49} = 7$$ ସେ.ମି.

∴ ସିଲିଣ୍ଡରର ଉଚ୍ଚତା = $h = 3x = 3 \times 7 = 21$ ସେ.ମି. ଓ ବ୍ୟାସାର୍ଦ୍ଧ $r = x = 7$ ସେ.ମି. (ଉତ୍ତର) ।

4. (a) ଏକ କୋନ୍‌ର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ 2816 ବର୍ଗ ସେ.ମି. ଓ ଭୂମିର ବ୍ୟାସାର୍ଦ୍ଧ 14 ସେ.ମି. । ତେବେ ତାହାର ବକ୍ର ପୃଷ୍ଠତଳର କ୍ଷେତ୍ରଫଳ ଓ ଆୟତନ ନିର୍ଣ୍ଣୟ କର ।

(b) ଏକ କୋନ୍‌ର ଉଚ୍ଚତା ଏହାର ବ୍ୟାସାର୍ଦ୍ଧର ଅଧା, କୋନ୍‌ଟିର ବକ୍ର ଉଚ୍ଚତା 50 ସେ.ମି. ହେଲେ, ଏହାର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ନିର୍ଣ୍ଣୟ କର । ($\pi = 3.14$)

ଉତ୍ତର : 4.(a) କୋନ୍‌ର ଭୂମିର ବ୍ୟାସାର୍ଦ୍ଧ $r = 14$ ସେ.ମି.

କୋନ୍‌ର ସମଗ୍ରପୃଷ୍ଠତଳର କ୍ଷେତ୍ରଫଳ = 2816 ବର୍ଗ ସେ.ମି.

ପ୍ରଶ୍ନାନୁସାରେ $\pi r(l + r) = 2816$

$$\Rightarrow \frac{22}{7} \times 14(l + 14) = 2816$$

$$\Rightarrow 44(l + 14) = 2816$$

Eduodia App

$\Rightarrow (l + 14) = \frac{2816}{44}$

$\Rightarrow l + 14 = 64$

$\Rightarrow l = 64 - 14 = 50$ ସେ.ମି.

ଉଚ୍ଚତା $= h = \sqrt{l^2 - r^2}$

$= \sqrt{(50)^2 - (14)^2} = \sqrt{2500 - 196} = \sqrt{2304} = 48$ ସେ.ମି.

$\therefore$ କୋନ୍‌ର ବକ୍ରପୃଷ୍ଠତଳର କ୍ଷେତ୍ରଫଳ $= \pi r l$

$= \frac{22}{7} \times 14 \times 50 = 2200$ ବର୍ଗ ସେ.ମି.

$\therefore$ କୋନ୍‌ର ଆୟତନ $= \frac{1}{3}\pi r^2 h$

$= \frac{1}{3} \times \frac{22}{7} \times (14)^2 \times 48 = \frac{1}{3} \times \frac{22}{7} \times 14 \times 14 \times 48$

$= 9856$ ଘନ.ସେ.ମି. (ଉତ୍ତର) ।

Eduodia App

4.(b) ମନେକର କୋନ୍‌ର ଉଚ୍ଚତା $(h) = x$ ସେ.ମି. ବ୍ୟାସାର୍ଦ୍ଧ $(r) = 2x$ ସେ.ମି.

ବକ୍ର ଉଚ୍ଚତା $l = \sqrt{r^2 + h^2}$

$\Rightarrow 50 = \sqrt{(2x)^2 + x^2} \Rightarrow 50 = \sqrt{4x^2 + x^2}$

$\Rightarrow 50 = \sqrt{5x^2} \Rightarrow 50 = \sqrt{5}x$

$\Rightarrow x = \frac{50}{\sqrt{5}} = 10\sqrt{5}$

$\therefore$ ଉଚ୍ଚତା $(h) = x = 10\sqrt{5}$ ସେ.ମି., ବ୍ୟାସାର୍ଦ୍ଧ $(r) = 2x = 2 \times 10\sqrt{5} = 20\sqrt{5}$ ସେ.ମି.

$\therefore$ କୋନ୍‌ର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ $= \pi r(l + r)$

$= 3.14 \times 20\sqrt{5}\ (50 + 20\sqrt{5})$

$= 3.14 \times (1000\sqrt{5} + 2000)$

$= 3.14 \times 1000(\sqrt{5} + 2)$

$= 3140 \times (\sqrt{5} + 20)$ ବର୍ଗ ସେ.ମି. (ଉତ୍ତର)

5.(a) ଗୋଟିଏ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ 616 ବର୍ଗ ସେ.ମି. ହେଲେ ତା'ର ଆୟତନ କେତେ ?

(b) ଗୋଟିଏ ଗୋଲକର ଆୟତନ $\frac{792}{7}$ ଘ. ସେ.ମି. ହେଲେ, ତା'ର ପୃଷ୍ଠତଳର କ୍ଷେତ୍ରଫଳ ନିର୍ଣ୍ଣୟ କର ।

ଉତ୍ତର : 5.(a) ମନେକର ଗୋଲକର ବ୍ୟାସାର୍ଦ୍ଧ = r ସେ.ମି.

ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ = $4\pi r^2$ ସେ.ମି.

ପ୍ରଶ୍ନଅନୁସାରେ $4\pi r^2 = 616$

$$\Rightarrow 4 \times \frac{22}{7} r^2 = 616$$

$$\Rightarrow r^2 = \frac{616 \times 7}{4 \times 22} = 49$$

$$\Rightarrow r = \sqrt{49} = 7$$ ସେ.ମି.

∴ ଗୋଲକର ଆୟତନ = $\frac{4}{3}\pi r^3$

$= \frac{4}{3} \times \frac{22}{7} (7)^3 = \frac{4}{3} \times \frac{22}{7} \times 7 \times 7 \times 7 = \frac{4312}{3} = 1437\frac{1}{3}$ ଘନ ସେ.ମି. (ଉତ୍ତର)

5.(b) ମନେକର ଗୋଲକର ବ୍ୟାସାର୍ଦ୍ଧ r ସେ.ମି.

∴ ଗୋଲକର ଆୟତନ = $\frac{4}{3}\pi r^3$ ଘନ ସେ.ମି.

ପ୍ରଶ୍ନଅନୁସାରେ $\frac{4}{3}\pi r^3 = \frac{792}{7}$

$\Rightarrow \frac{4}{3} \times \frac{22}{7} r^3 = \frac{792}{7} \Rightarrow r^3 = \frac{792}{7} \times \frac{7 \times 2}{4 \times 22} \Rightarrow r^3 = 27 \Rightarrow r = \sqrt[3]{27} = 3$ ସେ.ମି.

∴ ଗୋଲକରେ ପୃଷ୍ଠତଳର କ୍ଷେତ୍ରଫଳ = $4\pi r^2$

$= 4 \times \frac{22}{7} \times (3)^2 = \frac{4 \times 22 \times 3 \times 3}{7} = \frac{792}{7} = 113\frac{1}{7}$ ବର୍ଗ ସେ.ମି. ।(ଉତ୍ତର)

6.(a) ଦୁଇଟି ଏକ କେନ୍ଦ୍ରିକ ବୃତ୍ତର ବ୍ୟାସାର୍ଦ୍ଧ ଦ୍ୱୟର ଅନୁପାତ 3 : 5 ଏବଂ ସେମାନଙ୍କର ପରିଧିର ସମଷ୍ଟି 352 ସେ.ମି. । ବୃହତ୍ତର ବୃତ୍ତର କ୍ଷେତ୍ରଫଳ ନିର୍ଣ୍ଣୟ କର ।

6.(b) ଖଣ୍ଡେ ତାର ଦ୍ୱାରା ଗଠିତ ବର୍ଗକ୍ଷେତ୍ରର କ୍ଷେତ୍ରଫଳ 484 ବର୍ଗ ସେ.ମି. । ଏହାକୁ ବଙ୍କାଇ ବୃତ୍ତରେ ପରିଣତ କଲେ ବୃତ୍ତଟିର କ୍ଷେତ୍ରଫଳ କେତେ ହେବ ?

Eduodia App

ଉତ୍ତର : 6.(a) ଦୁଇଟି ଏକ କେନ୍ଦ୍ରିକ ବୃତ୍ତର ବ୍ୟାସାର୍ଦ୍ଧ ଦ୍ୱୟର ଅନୁପାତ 3 : 5

ମନେକର ସେମାନଙ୍କର ବ୍ୟାସାର୍ଦ୍ଧ 3x ସେ.ମି. ଓ 5x ସେ.ମି. ।

ସେମାନଙ୍କର ପରିଧି ଯଥାକ୍ରମେ $2\pi.3x$ ସେ.ମି. ଓ $2\pi.5x$ ସେ.ମି. ।

ପରିଧି ଦ୍ୱୟର ସମଷ୍ଟି $= 2\pi . 3x + 2\pi . 5x$

$= 16\pi x$ ସେ.ମି.

ପ୍ରଶ୍ନାନୁସାରେ

$$16\pi x = 352$$

$$\Rightarrow \quad 16 \times \frac{22}{7} \times x = 352$$

$$\Rightarrow \quad x = \frac{352 \times 7}{16 \times 22} = 7$$

ବୃହତ୍ତର ବୃତ୍ତର ବ୍ୟାସାର୍ଦ୍ଧ $= 5x$ ସେ.ମି.

$= 5 \times 7 = 35$ ସେ.ମି.

ଏହାର କ୍ଷେତ୍ରଫଳ $= \pi(35)^2$

$= \frac{22}{7} \times 35 \times 35$

$= 3850$ ବର୍ଗ ସେ.ମି.

$\therefore$ ବୃହତ୍ତର ବୃତ୍ତର କ୍ଷେତ୍ରଫଳ 3850 ବର୍ଗ ସେ.ମି. । (ଉତ୍ତର)

6.(b) ମନେକର ତାର ଦ୍ୱାରା ଗଠିତ ବର୍ଗକ୍ଷେତ୍ରର ବାହୁର ଦୈର୍ଘ୍ୟ $= a$ ସେ.ମି.

ଏହାର କ୍ଷେତ୍ରଫଳ $= a^2$ ବର୍ଗ ସେ.ମି.

ପ୍ରଶ୍ନାନୁସାରେ $a^2 = 484$

$$\Rightarrow \quad a = \sqrt{484} = 22 \text{ ସେ.ମି.}$$

ଏହାର ପରିସୀମା $= 4a$

$= 4 \times 22$

$= 88$ ସେ.ମି.

ତାରକୁ ବଙ୍କାଇ ବୃତ୍ତରେ ପରିଣତ କଲେ

ବର୍ଗକ୍ଷେତ୍ରର ପରିସୀମା = ବୃତ୍ତର ପରିଧି

ମନେକର ବୃତ୍ତର ବ୍ୟାସାର୍ଦ୍ଧ $= r$ ସେ.ମି.

ଏହାର ପରିଧି $= 2\pi r$ ସେ.ମି.

ପ୍ରଶ୍ନାନୁସାରେ

$$2\pi r = 88$$

$$\Rightarrow \quad 2 \times \frac{22}{7} \times r = 88$$

Edudia App

$\Rightarrow \quad r = \frac{88 \times 7}{2 \times 22}$

$\Rightarrow \quad r = 14$

ବୃତ୍ତଟିର କ୍ଷେତ୍ରଫଳ $= \pi r^2$

$= \frac{22}{7} \times 14 \times 14$

$= 616$ ବର୍ଗ ସେ.ମି. ।

∴ ବୃତ୍ତଟିର କ୍ଷେତ୍ରଫଳ 616 ବର୍ଗ ସେ.ମି. । (ଉତ୍ତର)

7.(a) 15 ସେ.ମି. ଉଚ୍ଚତା ବିଶିଷ୍ଟ ଗୋଟିଏ ସରଳ ପ୍ରିଜିମ୍‌ର ଭୂମି ଏକ ସମକୋଣୀ ତ୍ରିଭୁଜ । ଏହି ତ୍ରିଭୁଜର କର୍ଣ୍ଣ ଓ ଗୋଟିଏ ବାହୁର ଦୈର୍ଘ୍ୟ ଯଥାକ୍ରମେ 10 ସେ.ମି. ଓ 6 ସେ.ମି. ହେଲେ ଉକ୍ତ ପ୍ରିଜିମ୍‌ର ପୃଷ୍ଠତଳର କ୍ଷେତ୍ରଫଳ ନିର୍ଣ୍ଣୟ କର ।

(b) ଗୋଟିଏ ସରଳ ପ୍ରିଜିମ୍‌ର ଆଧାର ଏକ ସମବାହୁ ତ୍ରିଭୁଜ । ଏହାର ଆୟତନ $84\sqrt{3}$ ଘନ ସେ.ମି. ଏବଂ ଉଚ୍ଚତା 7 ସେ.ମି. । ପ୍ରିଜିମ୍‌ର ଆଧାରର ବାହୁର ଦୈର୍ଘ୍ୟ ନିର୍ଣ୍ଣୟ କର ।

ଉତ୍ତର : 7.(a) ପ୍ରିଜିମ୍‌ର ଭୂମି ଏକ ସମକୋଣୀ ତ୍ରିଭୁଜ ।

ଏହାର କର୍ଣ୍ଣର ଦୈର୍ଘ୍ୟ $= 10$ ସେ.ମି.

ଗୋଟିଏ ବାହୁର ଦୈର୍ଘ୍ୟ $= 6$ ସେ.ମି.

ଭୂମିର ଅନ୍ୟ ବାହୁର ଦୈର୍ଘ୍ୟ $= \sqrt{(10)^2 - (6)^2}$

$= \sqrt{100 - 36}$

$= \sqrt{64} = 8$ ସେ.ମି.

Eduodia App

ପ୍ରିଜିମ୍‌ର ଆଧାରର କ୍ଷେତ୍ରଫଳ $= \frac{1}{2} \times 8 \times 6$

$= 24$ ବର୍ଗ ସେ.ମି.

ପ୍ରିଜିମ୍‌ର ଆଧାରର ପରିସୀମା $= (8 + 6 + 10)$

$= 24$ ସେ.ମି.

ପ୍ରିଜିମ୍‌ର ଉଚ୍ଚତା $= 15$ ସେ.ମି.

ପ୍ରିଜିମ୍‌ର ପାର୍ଶ୍ୱ ପୃଷ୍ଠତଳର କ୍ଷେତ୍ରଫଳ = ଆଧାରର ପରିସୀମା × ଉଚ୍ଚତା

$= 24 \times 15$

$= 360$ ବର୍ଗ ସେ.ମି.

ଏହାର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ = ପାର୍ଶ୍ୱପୃଷ୍ଠତଳର କ୍ଷେତ୍ରଫଳ + 2 × ଆଧାରର କ୍ଷେତ୍ରଫଳ

$= 360 + (2 \times 24)$

$= 360 + 48$

$= 408$ ବର୍ଗ ସେ.ମି.

∴ ପ୍ରିଜିମ୍‌ର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ 48 ବର୍ଗ ସେ.ମି. । (ଉତ୍ତର)

7.(b) ସରଳ ପ୍ରିଜିମ୍‌ର ଆଧାର ଏକ ସମବାହୁ ତ୍ରିଭୁଜ ।

ମନେକର ସମବାହୁ ତ୍ରିଭୁଜର ପ୍ରତ୍ୟେକ ବାହୁର ଦୈର୍ଘ୍ୟ a ସେ.ମି.

ଏହାର କ୍ଷେତ୍ରଫଳ $=\frac{\sqrt{3}}{4}a^2$ ବର୍ଗ ସେ.ମି.

$\therefore$ ସରଳ ପ୍ରିଜିମ୍‌ର ଆଧାରର କ୍ଷେତ୍ରଫଳ $=\frac{\sqrt{3}}{4}a^2$ ବର୍ଗ ସେ.ମି.

ଏହାର ଆୟତନ $=84\sqrt{3}$ ଘ ସେ.ମି ଓ ଉଚ୍ଚତା = 7 ସେ.ମି.

ପ୍ରିଜିମ୍‌ର ଆୟତନ = ଆଧାରର କ୍ଷେତ୍ରଫଳ × ଉଚ୍ଚତା

$$\Rightarrow 84\sqrt{3}=\frac{\sqrt{3}}{4}a^2\times 7$$

$$\Rightarrow a^2=84\sqrt{3}\times\frac{4}{\sqrt{3}}\times\frac{1}{7}$$

$$\Rightarrow a^2=48$$

$$\Rightarrow a=\sqrt{48}=4\sqrt{3}$$ ସେ.ମି.

$\therefore$ ପ୍ରିଜିମ୍‌ର ଆଧାରର ପ୍ରତ୍ୟେକ ବାହୁର ଦୈର୍ଘ୍ୟ $4\sqrt{3}$ ସେ.ମି. । (ଉତ୍ତର)

8.(a) ଗୋଟିଏ ସିଲିଣ୍ଡରର ବକ୍ରପୃଷ୍ଠତଳର କ୍ଷେତ୍ରଫଳ 1188 ବର୍ଗ ସେ.ମି. ଓ ଉଚ୍ଚତା 21 ସେ.ମି. ହେଲେ ଏହାର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ନିର୍ଣ୍ଣୟ କର ।

(b) ଗୋଟିଏ ସିଲିଣ୍ଡର ଆକାର ସ୍ତମ୍ଭର ବକ୍ରପୃଷ୍ଠତଳକୁ ରଙ୍ଗ କରିବାକୁ ପ୍ରତି ବର୍ଗ ମିଟରକୁ 60 ପଇସା ହିସାବରେ 792 ଟଙ୍କା ଖର୍ଚ୍ଚ ହେଲା । ଏହାର ଭୂମିର କ୍ଷେତ୍ରଫଳ 154 ବର୍ଗ ମିଟର ହେଲେ ଏହାର ଉଚ୍ଚତା ନିର୍ଣ୍ଣୟ କର ।

ଉତ୍ତର : 8.(a) ମନେକର ସିଲିଣ୍ଡରର ଭୂମିର ବ୍ୟାସାର୍ଦ୍ଧ $=r$ ସେ.ମି.

ଉଚ୍ଚତା $(h)=21$ ସେ.ମି.

ଏହାର ବକ୍ରପୃଷ୍ଠତଳର କ୍ଷେତ୍ରଫଳ $=2\pi rh$ ବର୍ଗ ସେ.ମି.

ପ୍ରଶ୍ନାନୁସାରେ $2\pi rh=1188$

$$\Rightarrow 2\times\frac{22}{7}\times r\times 21=1188$$

$$\Rightarrow r=\frac{1188}{132}=9$$

ଏହାର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ

$$=2\pi r(h+r)$$

$$=2\times\frac{22}{7}\times 9\,(21+9)$$

EduOdia App

$$= \frac{44}{7} \times 9 \times 30$$

$$= \frac{11880}{7}$$ ବର୍ଗ ସେ.ମି.

$\therefore$ ସିଲିଣ୍ଡରର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ $\frac{11880}{7}$ ବର୍ଗ ସେ.ମି. । (ଉତ୍ତର)

8.(b) ସିଲିଣ୍ଡରାକୃତି ସ୍ତମ୍ଭର ବକ୍ରପୃଷ୍ଠତଳକୁ ରଙ୍ଗ କରିବାକୁ 1 ବର୍ଗ ମିଟରକୁ ଖର୍ଚ୍ଚ =60 ପଇସା
ମୋଟ ଖର୍ଚ୍ଚ = 792 ଟଙ୍କା

ସ୍ତମ୍ଭର ବକ୍ରପୃଷ୍ଠତଳର କ୍ଷେତ୍ରଫଳ $= \frac{792 \text{ ଟଙ୍କା}}{60 \text{ ପଇସା}}$

$$= \frac{79200}{60}$$

$= 1320$ ବର୍ଗ ମିଟର

ମନେକର ଏହାର ଭୂମିର ବ୍ୟାସାର୍ଦ୍ଧ = r ମିଟର
ଉଚ୍ଚତା = h ମିଟର
ଏହାର ବକ୍ରପୃଷ୍ଠତଳର କ୍ଷେତ୍ରଫଳ $= 2\pi rh$ ବର୍ଗ ମିଟର

$\therefore \quad 2\pi rh = 1320$

ପୁନଶ୍ଚ ଏହାର ଭୂମିର କ୍ଷେତ୍ରଫଳ = 154 ବର୍ଗ ମିଟର

$$\Rightarrow \quad \pi r^2 = 154$$

$$\Rightarrow \quad \frac{22}{7} r^2 = 154$$

$$\Rightarrow \quad r^2 = \frac{154 \times 7}{22} = 49$$

$$\Rightarrow \quad r = \sqrt{49} = 7$$

$\therefore \quad 2\pi rh = 1320$

$$\Rightarrow \quad 2 \times \frac{22}{7} \times 7 \times h = 1320$$

$$\Rightarrow \quad h = \frac{1320}{44} = 30$$

$\therefore$ ସିଲିଣ୍ଡରାକୃତି ସ୍ତମ୍ଭର ଉଚ୍ଚତା 30 ମିଟର । (ଉତ୍ତର)

9.(a) ଗୋଟିଏ କୋନ୍‌ର ଆୟତନ 9240 ଘନ ସେ.ମି. । ଏହାର ଭୂମିର ବ୍ୟାସାର୍ଦ୍ଧ 21 ସେ.ମି. ହେଲେ, କୋନ୍‌ର ବକ୍ରତଳର କ୍ଷେତ୍ରଫଳ ନିର୍ଣ୍ଣୟ କର ।

Eduodia App

(b) ଗୋଟିଏ ଧାତବ ନିଦା କୋନ୍‌ର ଉଚ୍ଚତା 16 ସେ.ମି. ଓ ଭୂମିର ବ୍ୟାସାର୍ଦ୍ଧ 4 ସେ.ମି. । ଏହାକୁ ତରଳାଇ ଏକ ନିଦା ଗୋଲକ ତିଆରି କରାଗଲା । ଗୋଲକର ବ୍ୟାସାର୍ଦ୍ଧ ନିର୍ଣ୍ଣୟ କର ।

ଉତ୍ତର : 9.(a)ମନେକର କୋନ୍‌ର ଭୂମିର ବ୍ୟାସାର୍ଦ୍ଧ $= r$ ସେ.ମି.

ଉଚ୍ଚତା $= h$ ସେ.ମି ଓ

ବକ୍ର ଉଚ୍ଚତା $= \ell$ ସେ.ମି.

ପ୍ରଶ୍ନାନୁସାରେ $r = 21$ ସେ.ମି. ଓ ଏହାର ଆୟତନ ଘନ $= 9240$ ସେ.ମି.

$$\Rightarrow \quad \frac{1}{3}\pi r^2 h = 9240$$

$$\Rightarrow \quad \frac{1}{3} \times \frac{22}{7} \times 21 \times 21 \times h = 9240$$

$$\Rightarrow \quad h = \frac{9240}{22 \times 21}$$

$$\Rightarrow \quad h = 20$$

ବକ୍ର ଉଚ୍ଚତା $\ell = \sqrt{r^2 + h^2}$

$$= \sqrt{(21)^2 + (20)^2}$$

$$= \sqrt{441 + 400}$$

$$= \sqrt{841} = 29$$

କୋନ୍‌ର ବକ୍ରତଳର କ୍ଷେତ୍ରଫଳ $= \pi r \ell$

$$= \frac{22}{7} \times 21 \times 29$$

$$= 66 \times 29$$

$= 1914$ ବର୍ଗ ସେ.ମି.

$\therefore$ କୋନ୍‌ର ବକ୍ରତଳର କ୍ଷେତ୍ରଫଳ 1914 ବର୍ଗ ସେ.ମି. । (ଉତ୍ତର)

9.(b) ମନେକର ଧାତବ ନିଦା କୋନ୍‌ର ଭୂମିର ବ୍ୟାସାର୍ଦ୍ଧ $= r$ ସେ.ମି.

ଉଚ୍ଚତା $= h$ ସେ.ମି.

ଏହାର ଘନଫଳ $= \frac{1}{3}\pi r^2 h$ ଘନ ସେ.ମି.

ପ୍ରଶ୍ନାନୁସାରେ $r = 4$ ସେ.ମି. ଓ $h = 16$ ସେ.ମି.

$\therefore$ ଘନଫଳ $= \frac{1}{3}\pi (4)^2 \times 16$

$= \frac{256\pi}{3}$ ଘନ ସେ.ମି.

Eduodia App

ଏହାକୁ ତରଳାଇ ଏକ ନିଦା ଗୋଲକ ତିଆରି କରାଗଲା

ମନେକର ନୂତନ ଗୋଲକର ବ୍ୟାସାର୍ଦ୍ଧ $= x$ ସେ.ମି.

ଏହାର ଘନଫଳ $= \frac{4}{3}\pi x^3$ ଘନ ସେ.ମି.

ପ୍ରଶ୍ନାନୁସାରେ $\frac{4}{3}\pi x^3 = \frac{256\pi}{3}$

$\Rightarrow 4x^3 = 256$

$\Rightarrow x^3 = \frac{256}{4} = 64$

$\Rightarrow x^3 = (4)^3$

$\Rightarrow x = 4$

$\therefore$ ଗୋଲକର ବ୍ୟାସାର୍ଦ୍ଧ 4 ସେ.ମି. । (ଉତ୍ତର)

10. ଗୋଟିଏ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ 5544 ବର୍ଗ ସେ.ମି. ହେଲେ, ତା'ର ଆୟତନ ନିର୍ଣ୍ଣୟ କର ।

ଉତ୍ତର : ମନେକର ଗୋଲକର ବ୍ୟାସାର୍ଦ୍ଧ $= r$ ସେ.ମି.

ଏହାର ପୃଷ୍ଠତଳର କ୍ଷେତ୍ରଫଳ $= 4\pi r^2$ ବର୍ଗ ସେ.ମି.

ପ୍ରଶ୍ନାନୁସାରେ $4\pi r^2 = 5544$

$\Rightarrow 4 \times \frac{22}{7} \times r^2 = 5544$

$\Rightarrow r^2 = \frac{5544 \times 7}{4 \times 22}$

$\Rightarrow r^2 = 441$

$\Rightarrow r = 21$

ଗୋଲକର ଆୟତନ $= \frac{4}{3}\pi r^3$

$= \frac{4}{3} \times \frac{22}{7} \times 21 \times 21 \times 21$

$= 38808$ ଘନ ସେ.ମି.

$\therefore$ ଗୋଲକର ଆୟତନ 38808 ଘନ ସେ.ମି. । (ଉତ୍ତର)

Eduodia App

# ଷଷ୍ଠ ଅଧ୍ୟାୟ

## ଅଙ୍କନ

1. କେଉଁ ତ୍ରିଭୁଜର ପରିକେନ୍ଦ୍ର ତ୍ରିଭୁଜର ଏକ ଅନ୍ତଃସ୍ଥ ବିନ୍ଦୁ ଅଟେ ?

(A) ସମକୋଣୀ (B) ସମକୋଣୀ ସମଦ୍ୱିବାହୁ

(C) ସୂକ୍ଷ୍ମକୋଣୀ (D) ସ୍ଥୂଳକୋଣୀ

2. $m\angle BAC = 45^0$, $BC = 7$ ସେ.ମି ନେଇ $\Delta ABC$ ଅଙ୍କନ କଲା ବେଳେ A ବିନ୍ଦୁର କେତେ ଗୋଟି ଅବସ୍ଥାନ ମିଳେ ?

(A) ଗୋଟିଏ (B) ଗୋଟିଏ ଏବଂ କେବଳ ଗୋଟିଏ

(C) ଦୁଇଟି (D) ଅସଂଖ୍ୟ

3. $\Delta ABC$ ର ପରିବୃତ୍ତର କେନ୍ଦ୍ର O, ଯଦି $m\angle ABC = 50^0$, ହୁଏ ତେବେ $m\angle AOC$ ର ପରିମାଣ କେତେ ହେବ ?

(A) $50^0$ (B) $100^0$

(C) $90^0$ (D) $25^0$

4. $\Delta ABC$ ରେ $m\angle ABC = 90^0$ ଓ $AC = 7.8$ ସେ.ମି. ହେଲେ ଏହାର ପରିବୃତ୍ତର ବ୍ୟାସାର୍ଦ୍ଧ କେତେ ସେ.ମି. ହେବ ?

(A) 3.9 (B) 7.8

(C) 4.8 (D) 8.1

5. $\Delta ABC$ ରେ $m\angle ACB = 110^0$ ତ୍ରିଭୁଜର ପରିକେନ୍ଦ୍ର O ହେଲେ $\angle AOB$ ର ପରିମାଣ କେତେ ?

(A) $110^0$ (B) $220^0$

(C) $250^0$ (D) $140^0$

6. $\Delta ABC$ ର ପରିବୃତ୍ତର କେନ୍ଦ୍ର କାହା ଉପରେ ଅବସ୍ଥିତ ?

(A) କେବଳ $\overline{BC}$ ର ସମଦ୍ୱିଖଣ୍ଡକ ଲମ୍ବ ଉପରେ (B) $\overline{AB}$ ଓ $\overline{BC}$ ର ସମଦ୍ୱିଖଣ୍ଡକ ଲମ୍ବ ଉପରେ

(C) $\overline{AB}$, $\overline{BC}$ ଓ $\overline{AC}$, ର ସମଦ୍ୱିଖଣ୍ଡକ ଲମ୍ବ ଉପରେ (D) କେବଳ $\overline{AB}$ ର ସମଦ୍ୱିଖଣ୍ଡକ ଲମ୍ବ ଉପରେ

7. $\Delta ABC$, $m\angle A = 60^0$ $\overline{BC} = 7.2$ ସେ.ମି., $\overline{AD} \perp \overline{BC}$ ଏବଂ $AD = 4.5$ ସେ.ମି. ହେଲେ $\overline{BC}$ ର ଏକପାର୍ଶ୍ୱରେ A ବିନ୍ଦୁର କେତେ ଗୋଟି ଅବସ୍ଥାନ ମିଳିବ ?

(A) 1 (B) 2

(C) 3 (D) ଅସଂଖ୍ୟ

8. ଗୋଟିଏ ବୃତ୍ତର କେନ୍ଦ୍ର O । P ଏକ ବହିଃସ୍ଥ ବିନ୍ଦୁ। P ବିନ୍ଦୁରୁ $\overline{PA}$ ଓ $\overline{PB}$ ଦୁଇଟି ସ୍ପର୍ଶକ ଖଣ୍ଡ ହେଲେ $\angle AOP$ ର ପରିମାଣ କେତେ ହେବ ?

(A) $60^0$ (B) $90^0$

(C) $120^0$ (D) ଯେକୌଣସି ପରିମାଣର କୋଣ ହୋଇପାରେ

9. ବୃତ୍ତର ବହିଃସ୍ଥ ଏକ ବିନ୍ଦୁରୁ ବୃତ୍ତ ପ୍ରତି ସର୍ବାଧିକ କେତେ ଗୋଟି ସ୍ପର୍ଶକ ଖଣ୍ଡ ଅଙ୍କନ କରାଯାଇପାରିବ ?

(A) ଦୁଇଟି (B) ତିନୋଟି

(C) ଗୋଟିଏ (D) ଅସଂଖ୍ୟ

10. ଗୋଟିଏ ବୃତ୍ତାନ୍ତର୍ଲିଖିତ ସୁଷମ ଦଶଭୁଜର ପ୍ରତ୍ୟେକ ବାହୁ ବୃତ୍ତର କେନ୍ଦ୍ରଠାରେ ଉତ୍ପନ୍ନ କରୁଥିବା କୋଣର ପରିମାଣ କେତେ ?

(A) $360^0$ (B) $180^0$

(C) $36^0$ (D) $10^0$

11. $\overline{AB}$ କୁ P ବିନ୍ଦୁରେ 2 : 3 ଅନୁପାତରେ ଅନ୍ତର୍ବିଭକ୍ତ କରାଯାଇଛି, ଯଦି BD = 1.5 ସେ.ମି. ହୁଏ, ତେବେ $\overline{AC}$ ର ଦୈର୍ଘ୍ୟ କେତେ ସେ.ମି. ହେବ ?




(A) 1 (B) 1.5

(C) 2 (D) 0.5

12. $\overline{AB}$ କୁ Q ବିନ୍ଦୁରେ 4 : 3 ଅନୁପାତରେ ବହିର୍ବିଭକ୍ତ କରାଗଲେ ନିମ୍ନୋକ୍ତ ମଧ୍ୟରୁ କେଉଁଟି ଠିକ୍ ?

(A) Q-A-B (B) A-Q-B

(C) A-B-Q (D) B-Q-A

Eduodia App

13. ପାର୍ଶ୍ୱସ୍ଥ ଚିତ୍ରରେ Δ ABC ~ ΔPQR ।

PQR ତ୍ରିଭୁଜରେ ଅନ୍ତର୍ଲିଖିତ ବୃତ୍ତର କେନ୍ଦ୍ର O ହେଲେ,

m∠ABC ସହ କେଉଁଟି ସମାନ ।




(A) m∠KOY (B) m∠MOZ

(C) m∠NOX (D) m∠KOM

14 ଗୋଟିଏ ବୃତ୍ତରେ ସୁଷମ ଷଡ଼ଭୁଜ ପରିଲିଖନ କଲାବେଳେ ବୃତ୍ତର କେତୋଟି ସ୍ପର୍ଶକ ଅଙ୍କନ କରିବାକୁ ପଡ଼ିଥାଏ ।

(A) 2 (B) 3

(C) 4 (D) 6

## ଅଙ୍କନ ଉତ୍ତର ଫର୍ଦ୍ଦ (ANSWER SHEET)

1. C 2. D 3. B 4. A 5. B 6. C 7. B 8. D 9. A 10. C 11. A 12. C 13. A 14. D

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର (5 ନମ୍ବର ସମ୍ବଳିତ)

1. (a) $\Delta ABC$ ଅଙ୍କନ କର ଯାହାର $BC = 6$ ସେ.ମି. ଓ $m\angle B = 45^0$ ତ୍ରିଭୁଜର ପରିବୃତ୍ତ ଅଙ୍କନ କର ।

(b) $\Delta ABC$ ଅଙ୍କନ କର ଯାହାର $m\angle B = 60^0$ $AC = 6$ ସେ.ମି. ଏବଂ AX ମଧ୍ୟମାର ଦୈର୍ଘ୍ୟ = 5 ସେ.ମି.

ଉତ୍ତର : (a)



(i) $BC = 6$ ସେ.ମି. $m\angle OBC = m\angle OCB = 90^0 - 45^0 = 45^0$ ନେଇ $\Delta OBC$ ଅଙ୍କନ କରାଯାଇଛି ।

(ii) O କୁ କେନ୍ଦ୍ର ନେଇ OB ବା OC କୁ ବ୍ୟାସାର୍ଦ୍ଧ ନେଇ ବୃତ୍ତ ଅଙ୍କନ କରାଯାଇ ଅଛି ।

(iii) ବୃତ୍ତ ପରେ A ଯେକୌଣସି ଏକ ବିନ୍ଦୁ ନିଆଯାଇଅଛି ।

(iv) AB ଓ AC କୁ ଯୋଗ କରାଯାଇ $\Delta ABC$ ଅଙ୍କନ କରାଯାଇଅଛି ।

(b)



(i) $\overline{AC} = 6.5$ ଅଙ୍କନ କରାଯାଇଛି ।

(ii) $\overline{AC}$ ର ମଧ୍ୟବିନ୍ଦୁ O ।

(iii) D ଓ C ବିନ୍ଦୁରେ $30^0$ କୋଣ ଅଙ୍କନ କରାଯାଇଛି ।

(iv) $\overrightarrow{DM}$ ଓ $\overrightarrow{DN}$ ର ଛେଦବିନ୍ଦୁ O ।

(v) OD ଓ OC କୁ ବ୍ୟାସାର୍ଦ୍ଧ ନେଇ ବୃତ୍ତ ଅଙ୍କନ କରାଯାଇଛି ।

(vi) A ବିନ୍ଦୁର ବୃତ୍ତ ଉପରିସ୍ଥ AX ମଧ୍ୟମା = 5 ସେ.ମି. ଅଙ୍କନ କରାଯାଇଛି ।

(vii) $\overrightarrow{CX}$ ଉପରେ CX ସହ ସମାନ କରି BX ଅଙ୍କନ କରାଯାଇଛି ।

(viii) AB କୁ ଯୋଗ କରାଯାଇଛି ।

(ix) A BC ଆବଶ୍ୟକୀୟ ତ୍ରିଭୁଜ ଅଟେ ।

2. (a) 6.5 ସେ.ମି. ବ୍ୟାସ ବିଶିଷ୍ଟ ବୃତ୍ତଟିଏ ଅଙ୍କନ କର, ବୃତ୍ତର ବହିଃସ୍ଥ P ବିନ୍ଦୁ ଚିହ୍ନଟ କର ଯେପରିକି ବୃତ୍ତର ଯେଉଁ ବିନ୍ଦୁଟି P ଠାରୁ ନିକଟତମ ତାହା P ଠାରୁ ଦୂରତା 4.5 ସେ.ମି. । P ବିନ୍ଦୁରୁ ବୃତ୍ତ ପ୍ରତି ଦୁଇଟି ସ୍ପର୍ଶକ ଖଣ୍ଡ ଅଙ୍କନ କର ।

(b) 3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର, ଏହାର ଏକ ବହିଃସ୍ଥ ବିନ୍ଦୁ P ରୁ $\overline{PA}$ ଓ $\overline{PB}$ ଦୁଇଟି ସ୍ପର୍ଶକ ଖଣ୍ଡ ଅଙ୍କନ କର ଯେପରି $m\angle APB = 60^0$ ହେବ ।

ଉତ୍ତର : (a)




(i) $\overrightarrow{AB}$ ଅଙ୍କନ କର ଯାହାର ଦୈର୍ଘ୍ୟ 6.5 ସେ.ମି. ।

(ii) $\overline{AB}$ ର ସମଦ୍ୱିଖଣ୍ଡକ ଅଙ୍କନ କରି ମଧ୍ୟବିନ୍ଦୁର ନାମ O ହେଉ ।

(iii) O କୁ କେନ୍ଦ୍ର କରି $\overline{OA}$ ବା $\overline{OB}$ କୁ ବ୍ୟାସାର୍ଦ୍ଧ ନେଇ ଏକ ବୃତ୍ତ ଅଙ୍କନ କରାଯାଉ ।

(iv) $\overrightarrow{AB}$ ଉପରେ P ଏକ ବିନ୍ଦୁ ନିଆଯାଉ ଯେପରି (A-B-P) ଓ BP = 4.5 ସେ.ମି. ହେବ ।

(v) OP କୁ ସମଦ୍ୱିଖଣ୍ଡ କରି ମଧ୍ୟବିନ୍ଦୁ ନାମ R ଦିଆଯାଉ ।

(vi) RO ବା RP କୁ ବ୍ୟାସାର୍ଦ୍ଧ ରୂପେ ନେଇ ଅନ୍ୟ ଏକ ବୃତ୍ତ ଅଙ୍କନ କରାଯାଉ ।

(vii) ବୃତ୍ତ ଦ୍ୱୟ ପରସ୍ପରକୁ M ଓ N ବିନ୍ଦୁରେ ଛେଦ କରନ୍ତୁ ।

(viii) $\overrightarrow{PM}$ ଓ $\overrightarrow{PN}$ ସ୍ପର୍ଶକ ଖଣ୍ଡ ଅଙ୍କନ କରାଯାଉ ।

(b)




(i) 3 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରାଯାଉ ଓ ଏହାର କେନ୍ଦ୍ରର ନାମ O ଦିଆଯାଉ ।

(ii) $\overline{OA}$ ଏକ ବ୍ୟାସାର୍ଦ୍ଧ ଅଙ୍କନ କରାଯାଉ ।

(iii) $\overline{OA}$ ର O ବିନ୍ଦୁରେ $\angle AOB$ ଅଙ୍କନ କରାଯାଉ, ଯେପରି $m\angle AOB = 120^0$

(iv) $\overrightarrow{OM}$ ବୃତ୍ତକୁ ଯେଉଁ ବିନ୍ଦୁ ଛେଦ କରିବ ତା'ର ନାମ B ଦିଆଯାଉ।

(v) $\overline{OA}$ ଓ $\overline{OB}$ ଉପରେ $\angle OAY$ ଓ $\angle OBX$ ଅଙ୍କନ କରାଯାଉ, ଯେପରି $m\angle OAY = m\angle OBX = 90^0$ ହେବ।

(vi) $\overrightarrow{AY}$ ଓ $\overrightarrow{PX}$ ର ଛେଦବିନ୍ଦୁ ନାମ P ଦିଆଯାଉ।

3. (a) 4 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ତହିଁରେ 6 ସେ.ମି. ଉଚ୍ଚତା ବିଶିଷ୍ଟ ଏକ ସମଦ୍ୱିବାହୁ ତ୍ରିଭୁଜ ଅନ୍ତର୍ଲିଖନ କର ।

(b) ଏକ ଆୟତଚିତ୍ରର ଦୈର୍ଘ୍ୟ 7 ସେ.ମି. ଓ ପ୍ରସ୍ଥ 4 ସେ.ମି. । ଆୟତ ଚିତ୍ରଟି ଅଙ୍କନ କରି ଏହାର ପରିବୃତ୍ତ ଅଙ୍କନ କର।

ଉତ୍ତର : (a)




(i) 4 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରାଯାଇଛି।

(ii) $\overline{AN}$ ବ୍ୟାସ ଅଙ୍କନ କରାଯାଉ ଏହା ଉପରିସ୍ଥ ଏକ ବିନ୍ଦୁ P ନିଆଯାଇଛି ଯେପରି (A–P–N) ଏବଂ AP = 6 ସେ.ମି ନିଆଯାଉ।

(iii) P ବିନ୍ଦୁଠାରେ ଅଙ୍କିତ ଲମ୍ବ ବୃତ୍ତକୁ B ଓ C ବିନ୍ଦୁରେ ଛେଦ କରୁ ।

(iv) AB ଓ AC ଅଙ୍କନ କରି ଆମେ ABC ସମଦ୍ୱିବାହୁ ତ୍ରିଭୁଜ ପାଇବା।

(b)



(i) BC ଅଙ୍କନ କର, ଯାହାର ଦୈର୍ଘ୍ୟ 7 ସେ.ମି. ।

(ii) B ବିନ୍ଦୁରୁ $m\angle XBC = 90^\circ$ ଅଙ୍କନ କରାଯାଇଅଛି ।

(iii) $\overrightarrow{BX}$ ଉପରେ A ବିନ୍ଦୁ ନିଆଯାଇଛି ଯେପରି BA = 4 ସେ.ମି. ।

(iv) A ଓ C କୁ କେନ୍ଦ୍ର କରି ଯଥାକ୍ରମେ 7 ସେ.ମି. ଓ 4 ସେ.ମି. ବ୍ୟାସାର୍ଦ୍ଧ ପରିମିତ ଚାପ ନେଇ D ବିନ୍ଦୁ ଚିହ୍ନଟ କରାଯାଇଛି ।

(v) ABCD ଆୟତଚିତ୍ର ଅଙ୍କନ କରାଯାଇଅଛି ।

(vi) ଆୟତଚିତ୍ରର କର୍ଣ୍ଣଦ୍ୱୟକୁ ଯୋଗ କରାଯାଇଛି ଏବଂ ଏମାନଙ୍କର ଛେଦବିନ୍ଦୁ O ହେଉ ।

(vii) O କୁ କେନ୍ଦ୍ର କରି OA କିମ୍ବା OB କିମ୍ବା OC ବ୍ୟାସାର୍ଦ୍ଧ ନିଆଯାଇ ବୃତ୍ତ ଅଙ୍କନ କରାଯାଇଛି ।

4. (a) 7.8 ସେ.ମି. ଦୀର୍ଘ $\overline{AB}$ ଅଙ୍କନ କରି ଏହାକୁ 4 ସମାନ ଭାଗ କର ।

(b) 6.8 ସେ.ମି. ଦୀର୍ଘ ବିଶିଷ୍ଟ $\overline{AB}$ ଅଙ୍କନ କରି ଏହାକୁ 3 : 2 ଅନୁପାତରେ ଅନ୍ତର୍ବିଭାଜନ କରୁଥିବା ବିନ୍ଦୁର ଅବସ୍ଥାନ ନିରୂପଣ କର ।

ଉତ୍ତର : (a)



(i) 7.8 ସେ.ମି. ଦୈର୍ଘ୍ୟ ବିଶିଷ୍ଟ $\overline{AB}$ ଅଙ୍କନ କରାଯାଇଛି ।

(ii) $\overline{AB}$ ର A ଓ B ଠାରେ ଯଥାକ୍ରମେ $\overrightarrow{AX}$ ଓ $\overrightarrow{BY}$ ରଶ୍ମି ଅଙ୍କନ କରାଯାଇଛି, ଯେପରି X ଓ Y $\overline{PQ}$ ର ବିପରୀତ ପାର୍ଶ୍ୱରେ ରହିବ ଓ $m\angle BAX = m\angle ABY$ ହେବ ।

(iii) $\overline{AB}$ କୁ $R_1$ ଓ $R_2$ ଓ $R_3$ ବିନ୍ଦୁରେ ସମାନ 4 ଭାଗରେ ବିଭକ୍ତ କରାଯାଇଛି ।

(b)




(i) 6.8 ସେ.ମି. ଦୈର୍ଘ୍ୟ ବିଶିଷ୍ଟ $\overline{PQ}$ ରେଖାଖଣ୍ଡ ଅଙ୍କନ କରାଯାଇଛି ।

(ii) $\overline{PQ}$ P ଓ Q ବିନ୍ଦୁଠାରେ $\overrightarrow{PX}$ ଓ $\overrightarrow{QY}$ ରଶ୍ମି ଅଙ୍କନ କରାଯାଇଛି । X ଓ Y $\overline{PQ}$ ର ବିପରୀତ ପାର୍ଶ୍ୱରେ ଅବସ୍ଥାନ କରିବେ ଓ $m\angle XPQ = m\angle YQP$ ହେବ ।

(iii) $\overrightarrow{AX}$ ଉପରେ M ଓ $\overrightarrow{BY}$ ଉପରେ N ବିନ୍ଦୁ ଚିହ୍ନଟ କରାଯାଇଛି ଯେପରି $\overline{PM}$ ଓ ON ର ଅନୁପାତ 3:2 ହେବ।

(iv) PQ ଓ MN ର ଛେଦବିନ୍ଦୁ S ଅଟେ।

5.(a) $\Delta ABC$ ରେ $AB = 6.5$ ସେ.ମି., $m\angle C = 90°$ , ତ୍ରିଭୁଜର ପରିବୃତ୍ତ ଅଙ୍କନ କର ।

ଅଙ୍କନ ପ୍ରଣାଳୀ : (i) $\overline{AB}$ ଅଙ୍କନ କର ଯାହାର ଦୈର୍ଘ୍ୟ 6.5 ସେ.ମି. ।

(ii) $\overline{AB}$ ର ମଧ୍ୟବିନ୍ଦୁ O ନିର୍ଣ୍ଣୟ କର ।

(iii) 'O' କୁ କେନ୍ଦ୍ର ଏବଂ $\overline{OA}$ ବା $\overline{OB}$ କୁ ବ୍ୟାସାର୍ଦ୍ଧ ନେଇ ଗୋଟିଏ ବୃତ୍ତ ଅଙ୍କନ କର ।

(iv) ବୃତ୍ତ ଉପରିସ୍ଥ ଯେକୌଣସି ଏକ ବିନ୍ଦୁ C ନେଇ $\Delta ABC$ ସଂପୂର୍ଣ୍ଣ କର ।



**5.(b)** $\Delta$ ABC ରେ $m\angle A = 120°$, BC = 4.5 ସେ.ମି. । ତ୍ରିଭୁଜର ପରିବୃତ୍ତ ଅଙ୍କନ କର ।

**ଅଙ୍କନ ପ୍ରଣାଳୀ :** (i) BC = 4.5 ସେ.ମି. ଏବଂ $m\angle OBC = m\angle OCB = 120° - 90° = 30°$ ନେଇ $\Delta$ OBC ଅଙ୍କନ କର ।

(ii) 'O' କୁ କେନ୍ଦ୍ର କରି $\overline{OB}$ କିମ୍ବା $\overline{OC}$ କୁ ବ୍ୟାସାର୍ଦ୍ଧ ନେଇ ପରିବୃତ୍ତ ଅଙ୍କନ କର ।

(iii) ବୃତ୍ତ ଉପରିସ୍ଥ A ଏପରି ଏକ ବିନ୍ଦୁ ନିଅ ଯେପରିକି $\overline{BC}$ ର ବିପରୀତ ପାର୍ଶ୍ୱରେ 'O' ଏବଂ 'A' ବିନ୍ଦୁମାନ ଅବସ୍ଥାନ କରିବେ ।

(iv) $\Delta$ ABC ସଂପୂର୍ଣ୍ଣ କର ।




**6.(a)** 3.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ଏଥିରେ ଏକ ସୁଷମ ଷଡ଼ଭୁଜ ଅନ୍ତର୍ଲିଖନ କର ।

**ଅଙ୍କନ ପ୍ରଣାଳୀ :** (i) 3.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତଟି ଅଙ୍କନ କର ।

(ii) ବୃତ୍ତରେ $\overline{OA}$ ବ୍ୟାସାର୍ଦ୍ଧ ଅଙ୍କନ କରି 60° ପରିମାଣ ବିଶିଷ୍ଟ $m\angle AOB$ କେନ୍ଦ୍ରସ୍ଥ କୋଣ ଅଙ୍କନ କର ।

(iii) କମ୍ପାସ ସାହାଯ୍ୟରେ O ବିନ୍ଦୁରେ $m\angle AOB$ ସହ ସମାନ ପରିମାଣ $m\angle BOC$, $m\angle COD$, $m\angle DOE$, $m\angle EOF$, $m\angle FOA$ ବିଶିଷ୍ଟ ଅଙ୍କନ କରି ବୃତ୍ତ ଉପରେ C, D, E, F ବିନ୍ଦୁମାନ ଚିହ୍ନଟ କର ।

(iv) A, B, C, D, E, F ବିନ୍ଦୁମାନଙ୍କୁ ପର୍ଯ୍ୟାୟକ୍ରମେ ଯୋଗକରି ଆବଶ୍ୟକ ଅନ୍ତର୍ଲିଖିତ ସୁଷମ ଷଡ଼ଭୁଜ ଅଙ୍କନ କର ।

**ବିକଳ୍ପ ଅଙ୍କନ ପ୍ରଣାଳୀ :** (i) 3.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତଟି ଅଙ୍କନ କର ।

(ii) ବୃତ୍ତରେ $\overline{OA}$ ବ୍ୟାସାର୍ଦ୍ଧ ଅଙ୍କନ କର ।

(iii) $\overline{OA}$ ବ୍ୟାସାର୍ଦ୍ଧ ବିଶିଷ୍ଟ ଛଅଟି ସମାନ ଚାପ ବୃତ୍ତ ଉପରେ କାଟ ।

(iv) ଚାପଗୁଡ଼ିକର ନାମ ଯଥାକ୍ରମେ A, B, C, D, E, F ଦିଅ ।

(v) ଚାପଗୁଡ଼ିକୁ ପର୍ଯ୍ୟାୟକ୍ରମେ ଯୋଗକଲେ ଆମେ ABCDEF ଅନ୍ତର୍ଲିଖିତ ସୁଷମ ଷଡ଼ଭୁଜ ପାଇବା ।



6.(b) 3.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ଏଥିରେ ଏକ ସମବାହୁ ତ୍ରିଭୁଜର ପରିଲିଖନ କର ।

ଅଙ୍କନ ପ୍ରଣାଳୀ : (i) 3.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ବୃତ୍ତଟି ଅଙ୍କନ କର ।

(ii) ବୃତ୍ତ ଉପରେ P ଏକ ବିନ୍ଦୁ ନିଅ । $\overline{OP}$ ବ୍ୟାସାର୍ଦ୍ଧ ବିଶିଷ୍ଟ ଚାପ ନେଇ ବୃତ୍ତକୁ 6ଟି ସର୍ବସମ ଚାପରେ ବିଭକ୍ତ କର ।

(iii) ଗୋଟିଏ ଛାଡ଼ି ଗୋଟିଏ ଚିହ୍ନିତ ବିନ୍ଦୁକୁ ବିନ୍ଦୁ ସହ ଯୋଗ କରି $\overline{OP}, \overline{OQ}, \overline{OR}$ ବ୍ୟାସାର୍ଦ୍ଧ ଅଙ୍କନ କର ।

(iv) P, Q, R ବିନ୍ଦୁରେ $\overline{OP}, \overline{OQ}, \overline{OR}$ ପ୍ରତି ଲମ୍ବ ଅଙ୍କନ କରି ତିନୋଟି ସ୍ପର୍ଶକ ଅଙ୍କନ କର । ସ୍ପର୍ଶକତ୍ରୟର ଛେଦବିନ୍ଦୁ A, B, C ହେଉ ।

(v) Δ ABC ଏହି ବୃତ୍ତର ପରିଲିଖିତ ସମବାହୁ ତ୍ରିଭୁଜ ହେବ ।



7. 2.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କରି ତହିଁରେ ଏକ ସମଦ୍ୱିବାହୁ ତ୍ରିଭୁଜ ପରିଲିଖନ କର ଯାହାର ଶୀର୍ଷକୋଣ 45° ହେବ ।

ଅଙ୍କନ ପ୍ରଣାଳୀ : (i) 2.5 ସେ.ମି. ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତ ଅଙ୍କନ କର ।

(ii) ବୃତ୍ତର କେନ୍ଦ୍ରରେ $m\angle AOB = 135°$ ଅଙ୍କନ କର ।

(iii) $m\angle AOB$ ର ସମଦ୍ୱିଖଣ୍ଡକ $\overline{OP}$ ଅଙ୍କନ କର ଯାହା ବୃତ୍ତକୁ X ବିନ୍ଦୁରେ ଛେଦ କରିବ ।

(iv) A, B, X ବିନ୍ଦୁରେ ବୃତ୍ତ ପ୍ରତି ସ୍ପର୍ଶକତ୍ରୟ ଅଙ୍କନ କଲେ ଆବଶ୍ୟକ Δ KLM ସମଦ୍ୱିବାହୁ ତ୍ରିଭୁଜ ମିଳିବ ।

